

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର ୧୮ ଫେବୃଆରୀ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 18 FEBRUARY 2025

Vol.No. 36 ■ No.47 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଲା....

ନୂଆବର୍ଷ ସଂଖ୍ୟା

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ଉପସ୍ଥାପନ ହେଲା ୨ ଲକ୍ଷ ୯୦ ହଜାର କୋଟିର ବଜେଟ୍

## ମହିଳା, ଓଡ଼ିଆ ଅସ୍ମିତା, କୃଷି ଓ କୃଷକଙ୍କୁ ପ୍ରାଧାନ୍ୟ



ଭୁବନେଶ୍ୱର, ୧୭/୨(ନି.ପ୍ର) : ରାଜ୍ୟର ସମୃଦ୍ଧି, ଅଭିବୃଦ୍ଧି ଓ ରୋଜଗାର ବୃଦ୍ଧି ଲକ୍ଷ୍ୟରେ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଆଜି ବଜେଟ୍ ଉପସ୍ଥାପନ ହୋଇଛି। ଅର୍ଥମନ୍ତ୍ରୀ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବଜେଟ୍ ଉପସ୍ଥାପନ କରିଛନ୍ତି। ଯାହାର ପରିମାଣ ରହିଛି ୨ ଲକ୍ଷ ୯୦ ହଜାର କୋଟି ଟଙ୍କା। ମୋହନ ମାଝୀ ତାଙ୍କ ପୂର୍ଣ୍ଣାଙ୍ଗ ବଜେଟ୍‌ରେ ୧୬ଟି ନୂଆ ଯୋଜନା ଘୋଷଣା କରିଛନ୍ତି। ତା'ମଧ୍ୟରେ ରହିଛି 'ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା'। 'ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା'ରେ ଗରିବ ଝିଅଙ୍କୁ ସରକାର ସାମୁହିକ ବିବାହ କରାଇବେ। ଉପହାର ମଧ୍ୟ ପ୍ରଦାନ କରିବେ। ତା'ସହ ଶ୍ରୀଜଗନ୍ନାଥ ଦର୍ଶନ ଯୋଜନାରେ ସବୁ ସଦର ମହକୁମାରୁ ମାଗଣାରେ ଲୋକେ ପୁରୀ ଆସି ଜଗନ୍ନାଥ ଦର୍ଶନ କରିବେ ଓ ମାଗଣା ଅବଢ଼ା ଖାଇ ଫେରିବେ। ଠିକ୍ ସେମିତି ପ୍ରସ୍ତାବିତ ଅନ୍ୟ ସବୁ ନୂଆ ଯୋଜନା ଗୁଡ଼ିକ ହେଲା; ଅନ୍ତ୍ୟୋଦୟ ଗୃହ ଯୋଜନା। ଯେଉଁଥିରେ ଖର୍ଚ୍ଚ ହେବ ୨୬୦୩ କୋଟି। ସେହିପରି ସୁଭଦ୍ରା ସୁରକ୍ଷା ଯୋଜନା ପାଇଁ ୧୫୩ କୋଟି, ଶ୍ରୀଜଗନ୍ନାଥ ଦର୍ଶନ ଯୋଜନା ପାଇଁ ୩୦ କୋଟି, ଦକ୍ଷିଣ ଓଡ଼ିଶା ବିକାଶ ପରିଷଦ ପାଇଁ ୨୦୦ କୋଟି, ଉତ୍ତର ଓଡ଼ିଶା ବିକାଶ ପରିଷଦ ପାଇଁ ୨୦୦ କୋଟି, ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାରେ ୧୨ କୋଟି, ମୁଖ୍ୟମନ୍ତ୍ରୀ ସଂପୂର୍ଣ୍ଣ ପୁଷ୍ଟି ଯୋଜନାରେ

▶▶ପୃଷ୍ଠା ୭

## ୮ମାସରେ ୫୦ ସରକାରୀ ଅଧିକାରୀଙ୍କ ବିରୁଦ୍ଧରେ ମାମଲା ରୁଜୁ କରିଛି ଭିଜିଲାନ୍ସ

ଭୁବନେଶ୍ୱର, ୧୭/୨ (ନି.ପ୍ର): ଦୁର୍ନୀତିଖୋର ବାବୁଙ୍କ ବିରୋଧରେ ନୂଆ ସରକାରଙ୍କ କଡା ଆଭିମୁଖ୍ୟ । ଗତ ୮ ମାସରେ ୫୦ ଜଣ ସରକାରୀ ଅଧିକାରୀଙ୍କ ବିରୋଧରେ ଆୟ ବହିର୍ଭୁତ ସମ୍ପତ୍ତି ଠୁଳ ଅଭିଯୋଗରେ ମାମଲା ରୁଜୁ କରିଛି ଭିଜିଲାନ୍ସ । ଏନେଇ ଗୃହରେ ଲିଖିତ ଉତ୍ତର ରଖିଛନ୍ତି ମୁଖ୍ୟମନ୍ତ୍ରୀ । ମୋଟ ୧୧୭ କୋଟିର ଆୟ ବହିର୍ଭୁତ ସମ୍ପତ୍ତି ଜବତ ହୋଇଥିବା ବେଳେ ୧୧ ଜଣ ଅଧିକାରୀଙ୍କୁ ନିକଟରୁ ୪ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ସୁନା ଗହଣା, ଘର, ପ୍ଲଟ ଜବତ ହୋଇଛି । ୧୩ ଟି ମାମଲାରେ ଅଭିଯୁକ୍ତ ମାନେ ଦୋଷୀ ସାବ୍ୟସ୍ତ ହୋଇଥିବା ବେଳେ ୯ ଜଣ ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି । ରାଜ୍ୟରେ ମୋଟ ୩ ହଜାର ୬୯୨ ଟି ଭିଜିଲାନ୍ସ ମାମଲା ବିଚାରଧୀନ ରହିଛି ।

## ଆଜିଠାରୁ ଆରମ୍ଭ +୨ ପରୀକ୍ଷା



ଭୁବନେଶ୍ୱର, ୧୭/୨ (ନି.ପ୍ର): ଆସନ୍ତାକାଲି ଠାରୁ ଆରମ୍ଭ ହେଉଛି ଯୁକ୍ତ ୨ ପରୀକ୍ଷା। ପ୍ରଥମ ଦିନ ବିଜ୍ଞାନ ଛାତ୍ରଛାତ୍ରୀ ମାତୃଭାଷା ଓଡ଼ିଆ ବିଷୟରେ ପରୀକ୍ଷା ଦେବେ। କଳା ଓ ବାଣିଜ୍ୟ ଛାତ୍ରଛାତ୍ରୀଙ୍କ ପରୀକ୍ଷା ୧୯ ତାରିଖରୁ ଆରମ୍ଭ ହେବ। ମାର୍ଚ୍ଚ ୨୭ ଯାଏ ଯୁକ୍ତ ଦୁଇ ପରୀକ୍ଷା ଚାଲିବାକୁ ଥିବା ବେଳେ, ୧୨ ଶହ ୭୬ ସେଣ୍ଟରରେ ପରୀକ୍ଷା ଦେବେ ୩ ଲକ୍ଷ ୯୩ ହଜାର ୬୧୮ ପରୀକ୍ଷାର୍ଥୀ। କଳାରେ ୨ ଲକ୍ଷ ୪୭ ହଜାର ୩୯୧, ବିଜ୍ଞାନରେ ୧ଲକ୍ଷ ୧୪ ହଜାର ୯୮୦, ବାଣିଜ୍ୟରେ ୨୫ ହଜାର ୫୨୬ ଏବଂ ଧନ୍ଦାମୂଳକ ଶିକ୍ଷାରେ ୫ ହଜାର ୭୨୧ ଛାତଛାତ୍ରୀ ପରୀକ୍ଷା ଦେବେ। ଦିନ ୧୦ଟାରୁ ଅପରାହ୍ନ ୧ଟା ଯାଏଁ ହେବ ପରୀକ୍ଷା। ମୋଟ ୨୨ଟି ସିଟିଂରେ ସମସ୍ତ ପରୀକ୍ଷା ହେବ ବୋଲି ଉଏଚଏସଇ ପକ୍ଷରୁ କୁହାଯାଇଛି। କପି ରୋକିବାକୁ ପଞ୍ଚସ୍ତରୀୟ ସ୍କ୍ୱାଡ୍ ଏବଂ ସବୁ ସେଣ୍ଟରରେ ସିସିଟିଭି ବ୍ୟବସ୍ଥା ହୋଇଛି। ପରୀକ୍ଷା ସରିବା ୪୫ ଦିନ ଭିତରେ ରେଜଲ୍ଟ ବାହାର କରିବାକୁ ଲକ୍ଷ୍ୟ ରଖାଯାଇଛି।

▶▶ପୃଷ୍ଠା ୭

## ରାଜ୍ୟରେ ୬୬ ଆଇଏଏସ ଓ ୬୯ ଆଇପିଏସ ପଦବୀ ଖାଲି

ଭୁବନେଶ୍ୱର, ୧୭/୨ (ନି.ପ୍ର): ରାଜ୍ୟରେ ୬୬ ଆଇଏଏସ ପଦବୀ ଖାଲି ପଡ଼ିଥିବା ବେଳେ ୬୯ ଆଇପିଏସ ପଦବୀ ଖାଲି ପଡିଛି । ବିଧାୟକ ଅରୁଣ ସାହୁଙ୍କ ପ୍ରଶ୍ନରେ ଏହି ଉତ୍ତର ରଖିଛନ୍ତି ମୁଖ୍ୟମନ୍ତ୍ରୀ । ରାଜ୍ୟରେ ଓଡିଶା କ୍ୟାଡରରେ ୨୪୮ ଆଇଏଏସ ପଦବୀ ଥିବା ବେଳେ ୧୮୨ ଜଣ ଆଇଏଏସ ଅଧିକାରୀ କାର୍ଯ୍ୟରତ ଅଛନ୍ତି । ଏହା ବ୍ୟତୀତ ୨ ଜଣ ଆଇଏଏସ ଅଧିକାରୀ ଆନ୍ତଃ ରାଜ୍ୟ ଡେପୁଟେସନରେ ରାଜ୍ୟ ସରକାରଙ୍କ ଅଧୀନରେ କାର୍ଯ୍ୟରତ ଅଛନ୍ତି । ୨୨ ଜଣ ଆଇଏଏସ ଅଧିକାରୀ କେନ୍ଦ୍ରୀୟ ଡେପୁଟେସନରେ ଅଛନ୍ତି । ସେହିପରି ରାଜ୍ୟରେ ସମୁଦାୟ ଆଇପିଏସ ପଦବୀ ସଂଖ୍ୟା ୧୯୫ ଥିବା ବେଳେ ତନ୍ମଧ୍ୟରୁ ୬୯ଟି ପଦବୀ ଖାଲି ଅଛି । ଏବଂ ୧୦ ଜଣ ଆଇପିଏସ ଅଧିକାରୀ ବର୍ତ୍ତମାନ ୫ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି କେନ୍ଦ୍ରୀୟ ଡେପୁଟେସନରେ ଅଛନ୍ତି ।

## ଭିଜିଲାନ୍ସ ହାତରେ ଲେଫ୍ରିପଡ଼ା ତହସିଲ କନିଷ୍ଠ କିରାଣି

ସୁନ୍ଦରଗଡ଼, ୧୭/୨ (ନି.ପ୍ର): ଭିଜିଲାନ୍ସ ହାତରେ ଲେଫ୍ରିପଡ଼ା ତହସିଲ କନିଷ୍ଠ କିରାଣି ଗୋଲେଖ ବିହାରୀ ନାଏକ। ଜମି ଡିମାରକେସନ ପାଇଁ ମଶାବିରାର ଅନନ୍ତ ପ୍ରଧାନଙ୍କଠାରୁ ୨୦ ହଜାର ଟଙ୍କା ଲାଞ୍ଚ ନେଲାବେଳେ ଧରାପଡ଼ିଛନ୍ତି ସେ। ଜମି ଡିମାରକେସନ ପାଇଁ ଶ୍ରୀ ପ୍ରଧାନ ୬.୨.୨୫ରେ ଆବେଦନ କରିଥିଲେ। କିନ୍ତୁ କିରାଣି ଏ ସଂକ୍ରାନ୍ତୀୟ ଫାଇଲ ପ୍ରସ୍ତୁତି ପାଇଁ ଲାଞ୍ଚ ମାଗିଥିଲେ। ନହେଲେ ଡିମାରକେସନ ହେବ ନାହିଁ କହିବା ପରେ ଶ୍ରୀ ପ୍ରଧାନ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ଭିଜିଲାନ୍ସ ହାତରେ ଲେଫ୍ରିପଡ଼ା ତହସିଲ କନିଷ୍ଠ କିରାଣି ଗୋଲେଖ ବିହାରୀ ନାଏକ। ଜମି ଡିମାରକେସନ ପାଇଁ ମଶାବିରାର ଅନନ୍ତ ପ୍ରଧାନଙ୍କଠାରୁ ୨୦ ହଜାର ଟଙ୍କା ଲାଞ୍ଚ ନେଲାବେଳେ ଧରାପଡ଼ିଛନ୍ତି ସେ। ଜମି ଡିମାରକେସନ ପାଇଁ ଶ୍ରୀ ପ୍ରଧାନ ୬.୨.୨୫ରେ ଆବେଦନ କରିଥିଲେ। କିନ୍ତୁ କିରାଣି ଏ ସଂକ୍ରାନ୍ତୀୟ ଫାଇଲ ପ୍ରସ୍ତୁତି ପାଇଁ ଲାଞ୍ଚ ମାଗିଥିଲେ। ନହେଲେ ଡିମାରକେସନ ହେବ ନାହିଁ କହିବା ପରେ ଶ୍ରୀ ପ୍ରଧାନ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ସୁନ୍ଦରଗଡ଼ ଭିଜିଲାନ୍ସ ଏକ ମାମଲା ରୁଜୁ କରି ଜାଲ ବିଛାଇ ଆଜି ସକାଳେ ଲେଫ୍ରିପଡ଼ା ତହସିଲ ଅଫିସରେ କିରାଣି ଗୋଲେଖ ବିହାରୀ ନାଏକଙ୍କୁ କାବୁ କରିଥିବା ସୂଚନା ରହିଛି। କିରାଣି ଶ୍ରୀ ନାଏକ ୨୦୨୧ରେ ଚାକିରି ପାଇଥିଲେ। ସୁନ୍ଦରଗଡ଼ ଭିଜିଲାନ୍ସ ଏକ ମାମଲା ରୁଜୁ କରି ଜାଲ ବିଛାଇ ଆଜି ସକାଳେ ଲେଫ୍ରିପଡ଼ା ତହସିଲ ଅଫିସରେ କିରାଣି ଗୋଲେଖ ବିହାରୀ ନାଏକଙ୍କୁ କାବୁ କରିଥିବା ସୂଚନା ରହିଛି। କିରାଣି ଶ୍ରୀ ନାଏକ ୨୦୨୧ରେ ଚାକିରି ପାଇଥିଲେ।

## ଅନୁଭବଙ୍କ ବିବାହ: ଜାଗୃତି ଦେଲେ ଗ୍ରୀନ୍ ସିଗନାଲ

ଭୁବନେଶ୍ୱର, ୧୭/୨(ନି.ପ୍ର) : ବିବାହ କରିବେ ଅନୁଭବ ! ବାନ୍ଧବୀରୁ ପତ୍ନୀ ସାଜିବେ କି ଜାଗୃତି ? ଅନୁଭବଙ୍କ ଜୀବନୀ ଉପରେ ଏକ ପୁସ୍ତକ ଉନ୍ମୋଚନ ସମୟରେ ଏମିତି କିଛି ଗ୍ରୀନ ସିଗ୍‌ନାଲ ଦେଇଛନ୍ତି ବାନ୍ଧବୀ ଜାଗୃତି ଶୁକ୍ଳା । ସାମ୍ବାଦିକମାନେ ରଖିଥିବା ପ୍ରଶ୍ନର ସିଧା ସିଧା ଉତ୍ତର ଦେଇଥିଲେ ମଧ୍ୟ ଅନୁଭବଙ୍କ ସହ ବିବାହକୁ ନେଇ ସେ ବୁଲାଇ ବଙ୍କାଇ ଗ୍ରୀନ୍ ସିଗନାଲ ଦେଇଛନ୍ତି । ଜାଗୃତିଙ୍କୁ ସାମ୍ବାଦିକଙ୍କ ପ୍ରଶ୍ନ ଥିଲା, ସୋସିଆଲ ମିଡିଆରେ ଆପଣ ଓ ଅନୁଭବଙ୍କ ଭିଡିଓ ପୋଷ୍ଟ କରାଗଲେ ଫ୍ୟାନ୍ସ ମାନେ ଆପଣଙ୍କୁ ଭାଉଜ ବୋଲି ସମ୍ବୋଧନ କରୁଛନ୍ତି । ଆଉ ଏହାର ଉତ୍ତରରେ ଜାଗୃତି କହିଥିଲେ, ଅନୁଭବ ନିଶ୍ଚୟ ଫ୍ୟାନ୍ସମାନଙ୍କ ଇଚ୍ଛା ପୂରଣ କରିବେ । ଜାଗୃତିଙ୍କ ଏହି ଦୁଇପଦ କଥା ଏବେ ଆଲୋଚନାର ବିଷୟ ପାଲଟିଛି । ଏଇ କିଛି ଦିନ ହେବ, ବର୍ଷାଙ୍କ ସହ ଅନୁଭବଙ୍କ ସମ୍ପର୍କ ଛିନ୍ନ ହେଇଛି । ଆଉ ଏବେ ଜାଗୃତିଙ୍କ



ଏହି ଇଶାରାରୁ ଅନୁଭବ ଓ ଜାଗୃତିଙ୍କ ବିବାହ ହେବାକୁ ଯାଉଥିବା କୁହାଯାଉଛି ।

▶▶ପୃଷ୍ଠା ୭

## କିଟ୍‌ରେ ନେପାଳୀ ଛାତ୍ରୀ ମୃତ୍ୟୁ ଘଟଣା: ବନ୍ଧା ହେଲା ବୟଫ୍ରେଣ୍ଡ୍

ଭୁବନେଶ୍ୱର, ୧୭/୨(ନି.ପ୍ର) : କିଟ୍ ବିଶ୍ୱବିଦ୍ୟାଳୟରେ ନେପାଳୀ ଛାତ୍ରୀ ମୃତ୍ୟୁ ଘଟଣା। ଅଭିଯୁକ୍ତ ପୁରୁଷ ବନ୍ଧୁ ଅଭିକ ଶ୍ରୀବାସ୍ତବଙ୍କୁ ଗିରଫ କରିଛି ପୋଲିସ। ମୃତଦେହ ମିଳିବାର କିଛି ଘଣ୍ଟା ପରେ ଶେଷରେ ସେ ବନ୍ଧା ହୋଇଛନ୍ତି। ଶ୍ରୀବାସ୍ତବ ତାଙ୍କୁ ଶାରୀରିକ ଏବଂ ମାନସିକ ନିର୍ଯାତନା ଦେଉଥିବା ନେଇ ମୃତ ଛାତ୍ରୀଙ୍କ ସାଙ୍ଗସାଥୀ ଅଭିଯୋଗ ଆଣିଛନ୍ତି। ଆଜି ସକାଳେ କଓଓଞ୍ଜ ବିଶ୍ୱବିଦ୍ୟାଳୟର ହଷ୍ଟେଲ କ୍ୟାମ୍ପସରେ ବି.ଟେକ୍ ତୃତୀୟ ବର୍ଷର ଛାତ୍ରୀ ପ୍ରକୃତି ଲମସାଲଙ୍କ ମୃତଦେହ ମିଳିଥିଲା। ଏହାର କିଛି ଘଣ୍ଟା ପରେ, ପୋଲିସ ତାଙ୍କ ପ୍ରେମିକଙ୍କୁ ନିର୍ଯାତନା ଅଭିଯୋଗରେ ଗିରଫ କରିଛି। ଗିରଫ ଛାତ୍ର ହେଲେ ମେକାନିକାଲ୍ ଇଞ୍ଜିନିୟରିଂ ଛାତ୍ର ଅଭିକ ଶ୍ରୀବାସ୍ତବ। ୩ ବର୍ଷ ଧରି ସେମାନେ ରିଲେସନସିପ୍ ?ରେ ଥିଲେ। ଅଭିକ ତାଙ୍କୁ ଶାରୀରିକ ଏବଂ ମାନସିକ ନିର୍ଯାତନା ଦେଉଥିଲେ। ଜଣେ ସହପାଠୀ ଅଭିଯୋଗ କରିଛନ୍ତି, ତିନି ବର୍ଷର ସମ୍ପର୍କ ମଧ୍ୟରେ ଅଭିକ ତାଙ୍କୁ ନିରନ୍ତର ନିର୍ଯାତନା ଦେଉଥିଲେ। ଅଭିଯୋଗକୁ ଆଧାର କରି, ଘଟଣାର ଅଧିକ ତଦନ୍ତ ଜାରି ରହିଥିବା ବେଳେ ପୋଲିସ ଅଭିକଙ୍କୁ ଗିରଫ କରିଥିବା ଜଣାପଡ଼ିଛି। ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ ଅଭିକଙ୍କ ସହ ବ୍ରେକ୍‌ଅପ୍ ପରେ ଛାତ୍ରୀଜଣକ ଆତ୍ମହତ୍ୟା କରିଛନ୍ତି। ଏହାପରେ କଲେଜ୍‌ର ଅନ୍ୟ ସାଥୀ ଛାତ୍ରମାନେ ପ୍ରତିବାଦ ସ୍ୱରୂପ କ୍ୟାମ୍ପସ ନିକଟରେ ରାସ୍ତା ଅବରୋଧ କରି ଅସନ୍ତୋଷ ପ୍ରକାଶ କରିଥିଲେ। ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ମାମଲାକୁ ଚାପି ଦେବାକୁ ଉଦ୍ୟମ କରୁଥିବା ଅଭିଯୋଗ କରିବା ସହିତ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ ଆଗରେ ନାରା ବାଜି କରିଛନ୍ତି। ସେମାନଙ୍କ ଅଭିଯୋଗ ଅନୁଯାୟୀ, ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ମୃତକଙ୍କ ଫୋନ୍ ଛଡ଼ାଇ ନେଇଛନ୍ତି ଏବଂ ଏହାକୁ ଦେଉନାହାଁନ୍ତି। ଭାଇସ୍-ଚାନସେଲର ଏବଂ ଅନ୍ୟ ସମସ୍ତ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ପ୍ରମାଣ ଲୁଚାଇବାକୁ ଚେଷ୍ଟା କରୁଛନ୍ତି।

▶▶ପୃଷ୍ଠା ୭

## ଆଜି ଏବଂ ୨୪ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ

ଭୁବନେଶ୍ୱର, ୧୭/୨ (ନି.ପ୍ର): ଆଜି ଏବଂ ୨୪ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ବନ୍ଦ ରହିବ । ସପ୍ତଦଶ ବିଧାନସଭାର ତୃତୀୟ ଅଧିବେଶନ (ବଜେଟ ଅଧିବେଶନ) ବଳବତ୍ତର ଥିବା ହେତୁ ଏହି ସୋମବାର ଗୁଡ଼ିକରେ ଭୁବନେଶ୍ୱର,ୟୁନିଟ-୫ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ଠାରେ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ । ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ସମ୍ବାଦପତ୍ର ଓ ଅନ୍ୟ ଗଣମାଧ୍ୟମ ଜରିଆରେ ଜଣାଇ ଦିଆଯିବ ବୋଲି ଏ ସଂପର୍କରେ ରାଜ୍ୟ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

## ଭୂମିକମ୍ପରେ ଥରିଲା ନୂଆଦିଲ୍ଲୀ: ଧୌଲାକୁଆଁ କେନ୍ଦ୍ରସ୍ଥଳ



ନୂଆଦିଲ୍ଲୀ, ୧୭/୨ : ରାଜଧାନୀ ଦିଲ୍ଲୀର ଏନ୍‌ସିଆର ସମତେ ସମଗ୍ର ଉତ୍ତର ଭାରତରେ ସୋମବାର ସକାଳେ ଅନୁଭୂତ ହୋଇଛି ଭୂମିକମ୍ପ। ଭୋର ୫.୩୬ ମିନିଟ୍‌ରେ ରାଜଧାନୀ ଦିଲ୍ଲୀରେ ଶକ୍ତିଶାଳୀ ଭୂକମ୍ପ ଝଟ୍‌କା ଅନୁଭୂତ ହୋଇଥିଲା। ଜାତୀୟ ଭୂକମ୍ପ କେନ୍ଦ୍ର ସୂଚନା ଅନୁଯାୟୀ, ରିକ୍ଟର ସ୍କେଲ୍‌ରେ ଏହାର ତୀବ୍ରତା ୪.୦ ଥିଲା। ଏହି ଭୂକମ୍ପର କେନ୍ଦ୍ରସ୍ଥଳ ଧୌଲାକୁଆଁ ରହିଥିବା ଜଣାପଡିଛି। ଧୌଲାକୁଆଁ ନିକଟସ୍ଥ ଦୁର୍ଗାବାଇ ଦେଶମୁଖ କଲେଜ ଅଫ ସ୍ପେଶାଲ ଏଜୁକେସନ ଏହାର ଏପିସେଣ୍ଟର ରହିଥିଲା। ଟେକ୍ଟୋନିକ ପ୍ଲେଟର ଚଳନ କାରଣରୁ ଏହି ଭୂକମ୍ପ ଅନୁଭୂତ ହୋଇଥିବା କୁହାଯାଉଛି। ଭୂକମ୍ପ ଏତେ ଶକ୍ତିଶାଳୀ ଥିଲା ଯେ, କୋଠାଗୁଡ଼ିକ ଥରି ଉଠିଲା ଏବଂ ଲୋକମାନେ ଘରୁ ବାହାରକୁ ବାହାରି ଆସିଲେ। ଗଛ ଉପରେ ବସିଥିବା ପକ୍ଷୀମାନେ ମଧ୍ୟ ଜୋରରେ ଶବ୍ଦ କରି ଏଠାକୁ ସେଠାକୁ ଉଡ଼ିବାକୁ ଲାଗିଲେ। ଏହାର କେନ୍ଦ୍ରସ୍ଥଳ ନୂଆଦିଲ୍ଲୀରେ ଭୂମିଠାରୁ ପାଞ୍ଚ

▶▶ପୃଷ୍ଠା ୭

## ଫେବୃଆରୀ ଶେଷ ସୁଦ୍ଧା ବିଜେପିର ନୂଆ ସଭାପତି

ଭୁବନେଶ୍ୱର, ୧୭/୨ (ନି.ପ୍ର): ଫେବୃଆରୀ ଶେଷ ସୁଦ୍ଧା ବିଜେପି ପାଇବ ସଭାପତି। ଯେମିତି ସମସ୍ତଙ୍କୁ ନେଇ ଚାଲିପାରିବ ସେଭଳି ଜଣେ ନେତା ସଭାପତି ହେବେ ବୋଲି ପଂଚାୟତିରାଜ ମନ୍ତ୍ରୀ ରବି ନାୟକ ସୂଚନା ଦାଇଛନ୍ତି । ଆଗେ ସଭାପତି ପରେ ନିଗମ ଏଂ ଅନ୍ୟାନ୍ୟ ପଦ ପଦବୀ ପୂରଣ ହେବ। ବିଜେପି ହେଉଛି ଏକ ଗଣତାନ୍ତ୍ରିକ ଦଳ। ତେଣୁ ଯାହା ହେବ ଗଣତାନ୍ତ୍ରିକ ପଦ୍ଧତିରେ ହେବ। ସେହିପରି ଏହିମାସ ଶେଷ ସୁଦ୍ଧା ସଭାପତି ଚୟନ ଶେଷ ହେବ ବୋଲି କହିଛନ୍ତି ଯାଜପୁର ସାଂସଦ ରବୀନ୍ଦ୍ର ବେହେରା। ନୂଆ ସଭାପତି ଅପେକ୍ଷାରେ ଆମେ ବି ଅଛୁ। ଏହିମାସ ଶେଷ ସୁଦ୍ଧା ହେବ ବୋଲି ଆମେ ଆଶାବାଦୀ। କୋର କମିଟି ବୈଠକରେ ଏସବୁ ନେଇ ଆଲୋଚନା ହୋଇଛି। ସେମାନେ ସ୍ଥିର କରନ୍ତି ଜିଲ୍ଲା ସଭାପତି ଏଂ ରାଜ୍ୟ ସଭାପତି କିଏ ହେବ। ମୁଖ୍ୟମନ୍ତ୍ରୀ ଦିଲ୍ଲୀ ଯିବେ ଆସିବା ପରେ ନିଷ୍ପତ୍ତି ହେବ ବୋଲି ରବୀନ୍ଦ୍ର ବେହେରା କହିଛନ୍ତି ।

## ସାଗରିକାର ନୂଆବର୍ଷ ସଂଖ୍ୟା ଉନ୍ମୋଚିତ



ବାଲେଶ୍ୱର, ୧୭/୨ (ନି.ପ୍ର): ଜଣେ ଲେଖକକୁ ପ୍ରତିଷ୍ଠା ଦେବାରେ ଗୋଟିଏ ପତ୍ରିକାର ଭୂମିକା ଗୁରୁତ୍ୱପୂର୍ଣ୍ଣ। ପୁସ୍ତକ ପ୍ରକାଶ ପାଇବା ପରେ ଲେଖକଟି ଯେତିକି ପ୍ରତିଷ୍ଠା ପାଇନଥାଏ ପତ୍ରିକାରେ ଲେଖା ପ୍ରକାଶ ପାଇବା ଯୋଗୁ ତାହା ଅନେକ ପାଠକଙ୍କ ପାଖରେ ପହଂଚିଥାଏ ଏବଂ ଲେଖକକୁ ପ୍ରତିଷ୍ଠା ଦେଇଥାଏ। ସେଇ କ୍ରମରେ ଦୀର୍ଘ ଚାରିଦଶକ ଧରି ବାଲେଶ୍ୱରରୁ ପ୍ରକାଶ ପାଉଥିବା ସାଗରିକାର ଭୂମିକା ସ୍ୱୀକାର୍ଯ୍ୟ ବୋଲି ସାଗରିକାର ନୂଆବର୍ଷ ସଂଖ୍ୟା ପ୍ରକାଶ ଅବସରରେ ବକ୍ତାମାନେ ମତ ପ୍ରକାଶ କରିଥିଲେ। ସେମାନେ ଆହୁରି କହିଥିଲେ କି ଟେକ୍ନୋଲୋଜି ଯେତେ ଉନ୍ନତ ହେଉନା କାହିଁକି ପତ୍ରିକାର ବିକଳ୍ପ ନାହିଁ। ପତ୍ରିକା ହିଁ ମଣିଷ ସମାଜରେ ଉନ୍ନତି ପାଇଁ ସହାୟକ ହୋଇଥାଏ। ସାଗରିକା ଦୀର୍ଘଦିନ ଧରି ପ୍ରବୀଣ ଓ ନବୀନ ଲେଖକଙ୍କୁ ସୁଯୋଗ ଦେଇ କେବଳ ବାଲେଶ୍ୱରରେ ନୁହେଁ ସମଗ୍ର ରାଜ୍ୟରେ ନିଜର ପାଦଚିହ୍ନକୁ ସ୍ପଷ୍ଟ କରିଛି। ଏଥିରେ ଲେଖା ଆରମ୍ଭ କରିଥିବା ବହୁ ଲେଖକ ଏବେ ପ୍ରତିଷ୍ଠିତ ଲେଖକ ଭାବେ ପ୍ରତିଷ୍ଠା ପାଇସାରିଥିବା ହିଁ ଏହାର ବିଶେଷତ୍ୱ ବୋଲି କହିଥିଲେ। ଆଜି ଧ୍ୱନି ପ୍ରତିଧ୍ୱନି କାର୍ଯ୍ୟାଳୟରେ ଏକ ଅନୌପଚାରିକ ଉନ୍ମୋଚନ ଉତ୍ସବରେ ମୁଖ୍ୟ ସଂପାଦକ ସୃଷ୍ଟିଧର ପରିଡ଼ାଙ୍କ ଆବାହକତ୍ୱରେ ଯୋଗଗୁରୁ ସୁଜିତ୍ କୁମାର ଜେନା, କବି ପ୍ରଶାନ୍ତ ଦାସ, କବି ଡ. କାଳୀପଦ ପଣ୍ଡା, ଗାଳ୍ପିକ ଆଲୋକ ବାରିକ, ସମାଜର ସହ ସଂପାଦକ ଶଶୀରଂଜନ ମଲ୍ଲିକ, ସମ୍ବାଦର ବରିଷ୍ଠ ସାମ୍ବାଦିକ ମନୋଜ ବିଶ୍ୱାଳ ଓ ବରିଷ୍ଠ ଆଇନଜୀବି ବିଜୟ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ରହି ସାଗରିକା ପତ୍ରିକାର ବିଭିନ୍ନ ଦିଗ ବିଷୟରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ସମ୍ପାଦିକା ସୈରିନ୍ଧ୍ରୀ ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଯମୁନା ସଫେଇ କାର୍ଯ୍ୟ ଆରମ୍ଭ କଲା ବିଜେପି

ନୂଆଦିଲ୍ଲୀ, ୧୭/୨ : ଦିଲ୍ଲୀ ନର୍ବାଚନ ପୂର୍ବରୁ ବିଜେପି ଯେଉଁ ପ୍ରତିଶ୍ରୁତି ଦେଇଥିଲା ତା'କୁ ପୂରା କରିବାକୁ ଯାଉଛି। ବିଜେପିର ପ୍ରତିଶ୍ରୁତି ତାଲିକାରେ ପ୍ରମୁଖ ସ୍ଥାନ ପାଇଥିବା ଯମୁନା ସଫେଇ କାର୍ଯ୍ୟ ରବିବାର ଦିନ ଆରମ୍ଭ ହୋଇଯାଇଛି। ଦିଲ୍ଲୀ ଲେଫ୍ଟନାଣ୍ଟ ଗଭର୍ଣ୍ଣର ଭିକେ ସକ୍ସେନା ଏବଂ ଜାତୀୟ ରାଜଧାନୀର ମୁଖ୍ୟ ସଚିବଙ୍କ ମଧ୍ୟରେ ଏକ ବୈଠକ ପରେ ଏହି କାର୍ଯ୍ୟାଆରମ୍ଭ ହୋଇଛି। ଯେଉଁଠାରେ ଯମୁନା ନଦୀ ସଫା କରିବା ପାଇଁ ତୁରନ୍ତ ନିର୍ଦ୍ଦେଶ ଜାରି କରାଯାଇଥିଲା। ଲେଫ୍ଟନାଣ୍ଟ ଗଭର୍ଣ୍ଣରଙ୍କ କାର୍ଯ୍ୟାଳୟରୁ ଏକ ବିବୃତି ଅନୁଯାୟୀ, ଯମୁନାରେ ପ୍ରଦୂଷଣ ସମସ୍ୟାର ମୁକାବିଲା ପାଇଁ 'ଚାରୋଟି ରଣନୀତି' ରହିଛି। 'ପ୍ରାରମ୍ଭରେ, ଯମୁନା ନଦୀ ସ୍ରୋତରେ ଥିବା ଅଳିଆ, ଆବର୍ଜନା ଏବଂ କାଦୁଅ ଅପସାରିତ କରାଯିବ। ଏକକାଳୀନ ନଜଫଗଡ଼ ଡ୍ରେନ୍, ସପ୍ଲିମେଣ୍ଟାରୀ ଡ୍ରେନ୍ ଏବଂ ଅନ୍ୟ ସମସ୍ତ ପ୍ରମୁଖ ଡ୍ରେନ୍ ?ରେ ସଫେଇ କାର୍ଯ୍ୟ ଆରମ୍ଭ ହେବ,' ବୋଲି ବିବୃତିରେ ଉଲ୍ଲେଖ ଅଛି। ଦିଲ୍ଲୀ ବିଧାନସଭା ନିର୍ବାଚନରେ ବିଜୟୀ ହେବା ପୂର୍ବରୁ ଯମୁନା ନଦୀ ସଫା କରିବା ଭାରତୀୟ ଜନତା ପାର୍ଟି (ବିଜେପି)ର ପ୍ରତିଶ୍ରୁତି ଥିଲା।

# ଫକୀରମୋହନ ମହାବିଦ୍ୟାଳୟ ପୁରାତନ ଛାତ୍ର ସଂସଦର ୩୧ତମ ବାର୍ଷିକୋତ୍ସବ




ବାଲେଶ୍ୱର, ୧୭/୨ (ନି.ପ୍ର): ଫକୀରମୋହନ ମହାବିଦ୍ୟାଳୟ ପୁରାତନ ଛାତ୍ର ସଂସଦର ୩୧ତମ ବାର୍ଷିକ ଉତ୍ସବ କଲେଜ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବର ପ୍ରଥମ ଅଧିବେଶନରେ ସଂସଦର ସଭାପତି ଡ. ପ୍ରଭାତ ଚନ୍ଦ୍ର ଚୌଧୁରୀ ପତାକା ଉତ୍ତୋଳନ କରିବା ପରେ ବିଶିଷ୍ଟ ଚିକିତ୍ସକ ତଥା ଏମ୍ସ, ଭୁବନେଶ୍ୱରର ଡା. କିଶୋର କୁମାର ବେହେରା ସ୍ୱାସ୍ଥ୍ୟ ଶିବିରକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏଥିରେ ଡ. ସିଦ୍ଧାର୍ଥ ଶଙ୍କର ସାହୁ (ନ୍ୟୁରୋସର୍ଜରୀ) ଉତ୍କଳ ହସପିଟାଲ, ଭୁବନେଶ୍ୱର, ଡ. ବୁଦ୍ଧେଶ୍ୱର ମାଝୀ (ଅର୍ଥପେଡ଼ିକ୍) ସମ୍ ଅଲଟିମେଟ୍ ହସପିଟାଲ୍, ଭୁବନେଶ୍ୱର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ ଓ ଜନସାଧାରଣଙ୍କର ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏହାବ୍ୟତୀତ ଆଲ୍‌କେମ୍, କରନାରିମେଡ୍, ଗ୍ଲିନ୍‌ମାର୍କ, ମେନକାଇଣ୍ଡ, ମାୟାର, ଏମ୍ସ, ଫେୟାରମେଡ଼ଙ୍କ ଦ୍ୱାରା ବ୍ଲଡ୍‌ସୁଗାର, ଏଚ୍.ବି.ଏ.ସି., ଭିଟାମିନ୍ ଡି୩, ୟୁରିକ୍ ଏସିଡ୍, ହିମୋଗ୍ଲୋବିନ୍, ଲିପିଡ୍ ପ୍ରୋଫାଇଲ୍, ବିଏମ୍‌ଡି, ଫାଇବ୍ରୋସ୍କାନ୍ ପ୍ରଭୃତି ପରୀକ୍ଷା କରାଯାଇଥିଲା। ଅପରାହ୍ଣ ୩ଟା ସମୟରେ ସାଂସଦ ତାଙ୍କ ଦ୍ୱାରା ପ୍ରଦତ୍ତ ୨୨ ଲକ୍ଷ ପଚାଶ ହଜାର ଟଙ୍କା ଅନୁଦାନରେ ନିର୍ମିତ ହୋଇଥିବା ଦର୍ଶକମଞ୍ଚକୁ ଉଦ୍‌ଘାଟନ କରିଥିଲେ। ଅପରାହ୍ଣ ଅଧିବେଶନରେ ସଭାପତି ଡ. ପ୍ରଭାତ ଚନ୍ଦ୍ର ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମକୁ ବାଲେଶ୍ୱର ମାନ୍ୟବର ସାଂସଦ ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବା ସହିତ ଅଭିଭାଷଣ ରଖିଥିଲେ। ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ଓ ଫକୀରମୋହନଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟାର୍ପଣ କରାଯାଇଥିଲା। ସଂଗୀତ ନିର୍ଦ୍ଦେଶକ ଅମୃତାଂଶୁ ପଟ୍ଟନାୟକ ଓ ସାଥୀଙ୍କ ଦ୍ୱାରା ଆବାହନ ସଂଗୀତ ଗାନ କରାଯିବା ସହିତ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇଥିଲା। ସଭାପତି ଡ. ଚୌଧୁରୀଙ୍କ ସମ୍ଭାଷଣ ପରେ ସଂସଦର ସାଧାରଣ ସଂପାଦକ ବିଷ୍ଣୁପ୍ରସାଦ ମହାନ୍ତିଙ୍କ ଦ୍ୱାରା ସଂପାଦକୀୟ ବିବରଣୀ ପାଠ କରାଯାଇଥିଲା। ସଂସଦର ମୁଖପତ୍ର 'ପ୍ରାକ୍ତନିକା' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା। ଆସନାଧୀଶ ତଥା ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଦିଲ୍ଲୀପ କୁମାର ଘୋଷ ତାଙ୍କ ବକ୍ତବ୍ୟରେ ସଂସଦର ଉଲ୍ଲେଖନୀୟ ଯୋଗଦାନକୁ ଭୂୟସୀ ପ୍ରଶଂସା କରିଥିଲେ। ମୁଖ୍ୟବକ୍ତା ତଥା ପାଳିଆବିନ୍ଧା ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ତଥା ଲେଖକ ଶ୍ରୀଯୁକ୍ତ ପବିତ୍ର ମୋହନ ପାଣିଗ୍ରାହୀ ସଂସଦର ବିଭିନ୍ନ କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହ ସଂସଦର ଉତ୍ତୋରତ୍ତର ଉନ୍ନତି କାମନା କରିଥିଲେ। ଏହି ପରିପ୍ରେକ୍ଷୀରେ ୬୯ଜଣ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ମାତୃ ଅନୁଷ୍ଠାନର ୩ଜଣ କୃତବିଦ୍ୟ ଶିକ୍ଷକଙ୍କୁ 'ଶିକ୍ଷକ ଗୌରବ ସମ୍ମାନ' ଓ ୬ଜଣ ସ୍ୱନାମଧନ୍ୟ ଛାତ୍ରଙ୍କୁ ଛାତ୍ର ଗୌରବ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ସେମାନେ ହେଲେ ସ୍ୱର୍ଗତ ପ୍ରଫେସର ପ୍ରଫୁଲ୍ଲ କୁମାର ରଥ ସ୍ମାରକୀ ଶିକ୍ଷକ ଗୌରବ ସମ୍ମାନ ଡ. ରଶ୍ମିରେଖା ପତିଙ୍କୁ, ସ୍ୱର୍ଗତ ବିଜୟ କୁମାର ଗିରି ସ୍ମାରକୀ ଶିକ୍ଷକ ଗୌରବ ସମ୍ମାନ ଡ. ଗୌରାଙ୍ଗ ସୁନ୍ଦର ଦାସଙ୍କୁ, କୃଷ୍ଣଚନ୍ଦ୍ର ଚୌଧୁରୀ ଓ ଅମ୍ବିକା ଚୌଧୁରୀ ସ୍ମାରକୀ ଶିକ୍ଷକ ଗୌରବ ସମ୍ମାନ ଡ. ଗୀତାଶ୍ରୀ ରାୟଙ୍କୁ ଏବଂ ଅନାଦି ଚରଣ ସାହୁ ଓ ସାବିତ୍ରୀ ସାହୁଙ୍କ ନାମରେ ପ୍ରଦତ୍ତ ଛାତ୍ର ଗୌରବ ସମ୍ମାନ ଡ. ସ୍ୱଦେଶ କୁମାର ସାହୁଙ୍କୁ, ସ୍ୱର୍ଗତ ବିଶ୍ୱରଞ୍ଜନ ବେହେରା ଓ ମୋନିକା ବେହେରାଙ୍କ ନାମରେ ପ୍ରଦତ୍ତ ଛାତ୍ରଗୌରବ ସମ୍ମାନ ଡ. ଶ୍ୟାମାରଞ୍ଜନ ଦାସମହାପାତ୍ରଙ୍କୁ, ସ୍ୱର୍ଗତ ମହେଶ୍ୱର ବାଗ ସ୍ମାରକୀ ଛାତ୍ର ଗୌରବ ସମ୍ମାନ ଡ. ସିଦ୍ଧାର୍ଥ ଶଙ୍କର ସାହୁଙ୍କୁ, ସ୍ୱର୍ଗତ ନୟନା କୁମାରୀ ପଟ୍ଟନାୟକ ସ୍ମାରକୀ ଛାତ୍ର ଗୌରବ ସମ୍ମାନ ଡ. କିଶୋର କୁମାର ବେହେରାଙ୍କୁ, ସ୍ୱର୍ଗତ ସୁରେନ୍ଦ୍ର ନାରାୟଣ ମହାପାତ୍ର ଓ ଶ୍ରୀମତୀ ଉର୍ବଶୀ ମହାପାତ୍ରଙ୍କ ନାମରେ ପ୍ରଦତ୍ତ ଛାତ୍ର ଗୌରବ ସମ୍ମାନ ଶ୍ରୀଯୁକ୍ତ ସୁଧାକର ନନ୍ଦଙ୍କୁ ଓ ସ୍ୱର୍ଗତ ରାଗିଣୀ ମହାନ୍ତି ସ୍ମାରକୀ ଛାତ୍ରଗୌରବ ସମ୍ମାନ ଶ୍ରୀଯୁକ୍ତ ସତ୍ୟସିଦ୍ଧାର୍ଥ ରଥଙ୍କୁ ପ୍ରଦାନ କରାଯାଇଥିଲା। ଶେଷରେ ଉପସଭାପତି ଅନସୂୟା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶ୍ରୀଯୁକ୍ତ ଗୋପାଳ ଜେନା ଓ ଶ୍ରୀଯୁକ୍ତ ଅମୃତାଂଶୁ ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିବାବେଳେ ପ୍ରଣିତା ମିଶ୍ର, କଲ୍ୟାଣୀ ନନ୍ଦ, ଚିତ୍ରାରାଣୀ ପାତ୍ର, ଜ୍ୟୋତ୍ସ୍ନା ରାୟ, ଅବନ୍ତୀ ପ୍ରଧାନ, ରାମପ୍ରସାଦ ପ୍ରଧାନ, ରାମଚନ୍ଦ୍ର ସେଠୀ, ରମାକାନ୍ତ ମହାନ୍ତି, ମଧୁସୂଦନ ବେହେରା, ନିଖିଳ ଆଶ୍, ଶରତ ଚନ୍ଦ୍ର ମିଶ୍ର, ସୁଶୀଲ କୁମାର ମହାପାତ୍ର, ପାର୍ଥ ଆଶ୍, ସୁରଜିତ୍ ମହାପାତ୍ର, ସତ୍ୟନାରାୟଣ ନନ୍ଦ, ଅନିଲ୍ ପଟ୍ଟନାୟକ, ଯଶୋଦା ନନ୍ଦନ ଆଶ୍, ସୁରଞ୍ଜନ ଦାସ ମହାପାତ୍ର, ଅରବିନ୍ଦ ମହାନ୍ତି, ପ୍ରଦୀପ୍ତ ପଣ୍ଡା, ଦୀନବନ୍ଧୁ ଲେଙ୍କା, ଅନାଦି ବେହେରା, ସୁଧାଂଶୁ ଭୂୟାଁ, ବିନୟ ମହାପାତ୍ର, ତୁଷାରକାନ୍ତି ତପସ୍ୱୀ ପ୍ରମୁଖ ସହଯୋଗ କରିଥିଲେ। ସଂସଦର ବରିଷ୍ଠ ଉପଦେଷ୍ଟା ଡ. ସୁବାଷ ଚନ୍ଦ୍ର ପାତ୍ର, ବରେଣ୍ୟ ଅତିଥି ଦେଇଥିବା ବାର୍ତ୍ତା ଓ ଛାତ୍ରଗୌରବ ସମ୍ମାନ ପ୍ରଦାନ କରାଯାଇଥିବା ଶ୍ରୀଯୁକ୍ତ ରଥ ସଂସଦକୁ ୫୦ ହଜାର ଟଙ୍କାର ଦାନ ଦେବା ବିଷୟରେ ସୂଚନା ପ୍ରଦାନ କରିଥିଲେ। ଶେଷରେ ସଂସଦର ସଭ୍ୟସଭ୍ୟାମାନଙ୍କ ଦ୍ୱାରା ପିତାମ୍ବର ଦାସଙ୍କ ରଚିତ ନାଟକ 'ସମ୍ପର୍କ' ପରିବେଷଣ କରାଯାଇଥିଲା।

# କଖାରୁଣୀ ଗ୍ରାମପଂଚାୟତଠାରେ ମିଳିତ ଅଭିଯୋଗ ଶୁଣାଣି ଶିବିର

କେନ୍ଦ୍ରାପଡ଼ା, ୧୭/୨ (ନି.ପ୍ର): ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ କଖାରୁଣୀ ଗ୍ରାମପଂଚାୟତ ଠାରେ ଆଜି ମିଳିତ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନ ୧୦:୩୦ ଘଟିକା ଠାରୁ ଅପରାହ୍ଣ ଘ ୧.୦୦ ମିନିଟ୍ ପର୍ଯ୍ୟନ୍ତଜିଲ୍ଲା ଆରକ୍ଷୀ ଅଧିକ୍ଷକ ଶ୍ରୀ ସିଦ୍ଧାର୍ଥ କଟାରିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ମିଳିତ ଅଭିଯୋଗ ଶୁଣାଣି ଶିବିରରେମୁଖ୍ୟ ଉନ୍ନୟନ ଅଧିକାରୀ, ଜିଲ୍ଲା ପରିଷଦ, କେନ୍ଦ୍ରାପଡା ଶ୍ରୀ ଅଜୟର ମହାନ୍ତି, ପଟ୍ଟାମୁଣ୍ଡାଇ ବିଡିଓ ଶ୍ରୀ ଶୁଭ୍ରାଂଶୁ ସାହୁ, ପଟ୍ଟାମୁଣ୍ଡାଇ ତହସିଲଦାର ଶ୍ରୀ ପଂଚାନନ ନାୟକ, ଡେପୁଟି କଲେକ୍ଟର ପଲ୍ଲବୀ ପ୍ରିୟଦର୍ଶନୀ, ସମସ୍ତ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ, ଲାଇନ୍ ଡିପାର୍ଟମେଂଟ୍‌ର ନିର୍ବାହୀ ଯନ୍ତ୍ରୀ ପ୍ରମୁଖ ଅଭିଯୋଗ ଶୁଣାଣିରେ ସହାୟତା କରିଥିଲେ। ଆଜିର ଅଭିଯୋଗ ଶୁଣାଣିରେ ମୋଟ୍ ୭୪ଗୋଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା ବେଳେ ସେଥି ମଧ୍ୟରୁ ୧୦ଗୋଟି ସାମୁହିକ ଏବଂ ୬୪ ଗୋଟି ବ୍ୟକ୍ତିଗତ ଅଭିଯୋଗ ଥିଲା। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରେପ୍ରଧାନମନ୍ତ୍ରୀ ଆବାସ ଯୋଜନା, ନୂତନରାସନ୍‌କାର୍ଡ଼ ପ୍ରଦାନ, ଅନ୍ତୋଦୟ ଯୋଜନାରେ ନାମ ସାମିଲ କରିବା, ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ, ବର୍ଦ୍ଧିତ ବାର୍ଦ୍ଧକ୍ୟ ଭଲାଓ ଜମି ସମସ୍ୟାଆବେଦନ ପତ୍ର ଆଦି ଦରଖାସ୍ତଗୁଡ଼ିକ ମୁଖ୍ୟ ସ୍ଥାନରେ ଥିଲା। ସେହିପରି ସାମୁହିକ ଅଭିଯୋଗ ମଧ୍ୟରେ ରାସ୍ତା ମରାମତି ତଥା ନୂତନ ରାସ୍ତା ନିର୍ମାଣ, ଜଳସେଚନ ନିମନ୍ତେ ନୂତନ ଟ୍ୟୁବୱେଲ, ବେଆଇନ ଭାବେ ଅଧିକୃତ ସରକାରୀ ଜମି ଉଚ୍ଛେଦ ଓ ଧାନ ସଂଗ୍ରହ ବୃଦ୍ଧି ନିମନ୍ତେଆଦି ଅଭିଯୋଗଗୁଡ଼ିକ ମୁଖ୍ୟ ସ୍ଥାନରେ ଥିଲା। ଏଗୁଡ଼ିକର ତୁରନ୍ତ ଫଇସଲା ପାଇଁ ବିଭାଗୀୟ ଅଧିକାରୀଙ୍କୁ ଆରକ୍ଷୀ ଅଧିକ୍ଷକ ନିର୍ଦ୍ଦେଶ ଦେଇଛନ୍ତି।

# ଆନ୍ଦୋଳନକୁ ଓହ୍ଲାଇବ ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି

କେନ୍ଦ୍ରାପଡ଼ା, ୧୭/୨ (ନି.ପ୍ର): ଓଡିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ଏକ ଜରୁରୀ କାଳୀନ ବୈଠକ ଡକାଯାଇ ସରକାରଙ୍କୁ ଚରମ ଚେତାବନୀ ଦିଆଯାଇଛି । ଆସନ୍ତା ମାର୍ଚ୍ଚ ୧୦ ତାରିଖ ମଧ୍ୟରେ ସମନ୍ୱୟ ସମିତି ପକ୍ଷରୁ ଦିଆ ଯାଇଥିବା ୫ଦଫା ଦାବି ପୂରଣ କରା ନଗଲେ ପରବର୍ତୀ ଅବସ୍ଥାରେ ଏକ ବିରାଟ ଶିକ୍ଷକ କର୍ମଚାରୀ ଆନ୍ଦୋଳନ ଭୁବନେଶ୍ୱର ଗାନ୍ଧୀ ମାର୍ଗରେ ଅନୁଷ୍ଠିତ ହେବ । ଶିକ୍ଷକ ଓ କର୍ମଚାରୀ ମାନଙ୍କ ଦୀର୍ଘ ଦିନର ଦାବି ପୂରଣ ପାଇଁ ନିର୍ବାଚନ ସମୟରେ ବିଭିନ୍ନ ରାଜନୈତିକ ଦଳ ବିଶେଷ କରି ବିଜେଡି ଓ ବିଜେପି କୁ ସମନ୍ୱୟ ସମିତି ପକ୍ଷରୁ ନିବେଦନ କରାଯାଇ ଥିଲା । ତେବେ ନିର୍ବାଚନ ପରବର୍ତୀ ଅବସ୍ଥାରେ ନୂତନ ସରକାର ଗଠନ ହେବାପରେ ସମନ୍ୱୟ ସମିତିର ନେତୃବୃନ୍ଦ ବିଭିନ୍ନ ପର୍ଯ୍ୟାୟରେ ନୂଆ ସରକାରଙ୍କ ନେତୃତ୍ୱଙ୍କ ସହ ଆଲୋଚନା କରି ପ୍ରତିଶୃତି ପାଇଥିଲେ । ତେବେ ନୂଆ ସରକାର ଗଠନର ୮ମାସ ପରେ ମଧ ଦାବି ପୂରଣ ପାଇଁ ଆଗାମୀ ମାର୍ଚ୍ଚ ୧୦ ତାରିଖ ସମିତି ପକ୍ଷରୁ ସ୍ଥିର କରାଯାଇଛି । ଏନେଇ ଜିଲ୍ଲା ଓଷ୍ଟା ଭବନରେ ଜିଲ୍ଲା ସଭାପତି ଅଶୋକ କୁମାର ପରିଡାଙ୍କ ସଭାପତିତ୍ୱ ରେ ବୈଠକ ଅନୁଷ୍ଠିତ ହୋଇଥିଲା ।

# ପଣ୍ଡିତ କୁମାର ବିଶିମାଝି ହେଲେ କନ୍ଧମାଳ ଜିଲ୍ଲା ଭାରତୀୟ ଜନତା ପାର୍ଟିର ନୂତନ ସଭାପତି

କନ୍ଧମାଳ, ୧୭/୨ (ନି.ପ୍ର): ରାଜ୍ୟ ବିଜେପି ପକ୍ଷରୁ ଜିଲ୍ଲା ସଭାପତିଙ୍କ ନାମ ଘୋଷଣା କରାଯାଇଛି। ବିଜେପି ରାଜ୍ୟ ନିର୍ବାଚନ ଅଧିକାରୀ ତଥା ବାଲେଶ୍ୱର ସାଂସଦ ପ୍ରତାପ ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ଅବଶିଷ୍ଟ ଥିବା ଜିଲ୍ଲା ଗୁଡିକରେ ଜିଲ୍ଲା ସଭାପତି ଚୟନ କରାଯାଇଛି । କନ୍ଧମାଳ ଜିଲ୍ଲା ପାଇଁ ନୂତନ ସଭାପତି ଭାବେ ପଣ୍ଡିତ କୁମାର ବିଶିମାଝିଙ୍କୁ ମୋନନୀତ କରାଯାଇଛି। ଏହା ପୂର୍ବରୁ ବହୁ ଗୁରୁତ୍ୱପୂର୍ଣ୍ଣ ପଦବୀରେ ରହି ସଫଳତାର ସହ ଦାୟିତ୍ୱ ତୁଲାଇଛନ୍ତି ପଣ୍ଡିତ କୁମାର ବିଶିମାଝି । କନ୍ଧମାଳ ଜିଲ୍ଲା ସଭାପତି ହେଲା ପରେ ଜିଲ୍ଲା ସଙ୍ଗଠନକୁ ସୁଦୃଢ଼ କରିବେ ବୋଲି କହିଛନ୍ତି। କନ୍ଧମାଳ ଜିଲ୍ଲା ସଭାପତି ହେବା ପରେ ଆଗାମୀ ଦିନରେ ଦଳ ପକ୍ଷରୁ ଯାହା ଦାୟିତ୍ୱ ମିଳିବ ତାକୁ ସୁଚାରୁ ରୂପେ ତୁଲାଇବା ସହ ଦଳର ସଂଗଠନକୁ ସୁଦୃଢ଼ କରିବି ଏବଂ କନ୍ଧମାଳ ଜିଲ୍ଲାର ବିକାଶ ପାଇଁ ପ୍ରୟାସ ଜାରି ରଖିବି ବୋଲି କହିଛନ୍ତି ପଣ୍ଡିତ କୁମାର ବିଶିମାଝି । ଜିଲ୍ଲା ସଭାପତି ହେବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି, ରାଜ୍ୟ ସଭାପତି ମନମୋହନ ସାମଲ, ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପଦ୍ମ ଚରଣ ଦାସଙ୍କ ସମେତ ସମସ୍ତ ଜିଲ୍ଲାର ସମସ୍ତ ପଦାଧିକାରୀଙ୍କୁ ସେ କୃତଜ୍ଞତା ଜ୍ଞାପନ କରିଛନ୍ତି । କନ୍ଧମାଳ ଜିଲ୍ଲା ବିଜେପି ପକ୍ଷରୁ ଓ ସମସ୍ତ ନେତୃବୃନ୍ଦ ଓ କର୍ମୀ ପଣ୍ଡିତ କୁମାର ବିଶିମାଝିଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

# ମିଳିତ ଜନ ଶୁଣାଣି ଅନୁଷ୍ଠିତ

ଖୋର୍ଦ୍ଧା, ୧୭/୨ (ନି.ପ୍ର): ସୋମବାର ଆରକ୍ଷୀ ଅଧିକ୍ଷକ ସାଗରିକା ନାଥଙ୍କ ଅଧ୍ୟକ୍ଷତାରେ ବେଗୁନିଆ ବ୍ଲକ୍ ଅନ୍ତର୍ଗତ ସାରୁଅ ପଂଚାୟତ କାର୍ଯ୍ୟାଳୟରେ ମିଳିତ ଜନ ଶୁଣାଣି ଅନୁଷ୍ଠିତ ହୋଇଯାଇଅଛି। ମୋଟ ୯୧ ଗୋଟି ଆପତ୍ତି ଅଭିଯୋଗ ଦାଖଲ ହୋଇଥିବା ବେଳେ ସେଥିମଧ୍ୟରୁ ୭୨ଟି ଅଭିଯୋଗ ବ୍ୟକ୍ତିଗତ ଥିଲା ଓ ବାକି ୧୫ ଟି ବିଭିନ୍ନ ଗ୍ରାମର ସାମୂହିକ ସମସ୍ୟା ଥିଲା। ଉକ୍ତ ଅଭିଯୋଗ ମାନଙ୍କ ମଧ୍ୟରୁ ସ୍ଥଳବିଶେଷରେ ୦୩ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲାଆ ଜିର ମିଳିତ ଜନଶୁଣାଣି ଅବସରରେ, ମାନ୍ୟବର ବିଧାୟକ, ବେଗୁନିଆ ପ୍ରଦୀପ କୁମାର ସାହୁ,ଅତିରିକ୍ତ ଜିଲ୍ଲାପାଳ, (ପ୍ରଶାସନ) ପ୍ରତାପ ଚନ୍ଦ୍ର ବେଉରା, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ), ସାଫଲ୍ୟ ମଣ୍ଡିତ ପ୍ରଧାନ, ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜ୍ୟୋତି ଶଙ୍କର ସାହୁ,ସ୍ଥାନୀୟ ସରପଂଚ, ତହସିଲଦାର,ବିଡ଼ିଓ,ସି ଡ଼ି ଏମ୍‌ଓ, ରାଜଲକ୍ଷ୍ମୀ ପଟ୍ଟନାୟକ, ଆସିଷ୍ଟାଂଟ କଲେକ୍ଟର,ଶିକ୍ଷା ଅଧିକାରୀ।

# ଶିକ୍ଷକମାନଙ୍କ ମଧ୍ୟରେ ଏକ ଦିବସୀୟ କ୍ରିକେଟ ଖେଳ

ଜୟପୁର, ୧୭/୨ (ନି.ପ୍ର): ଜୟପୁର ସଦର ମହକୁମା ନିକଟସ୍ଥ ଅମ୍ବାଗୁଡା ଷ୍ଟାଡିୟମ ପଡିଆରେ କୋରାପୁଟ ଜିଲ୍ଲା ଛଅଟି ବ୍ଲକର ଶିକ୍ଷକ ମାନଙ୍କୁ ନେଇ ଏକ ଦିବସୀୟ କ୍ରିକେଟ ପ୍ରିମିୟର ଲିଗ (କେଟିସିପିଲ୍) ଅନୁଷ୍ଠିତ ହୋଇଯାଇଛି କ୍ଷ ଜୟପୁର ପ୍ରାଥମିକ ଶିକ୍ଷକ ସଂଘ ଦ୍ୱାରା ଆୟୋଜିତ ଏହି ପ୍ରିମିୟର ଲିଗରେ ଜୟପୁର, ବୋରିଗୁମ୍ମା, କୁନ୍ଦୁରା, ଲକ୍ଷ୍ମୀପୁର, ବୈପାରୀଗୁଡା ଓ ଲମତାପୁଟ ବ୍ଲକର ୧୦୦ ରୁ ଉର୍ଦ୍ଧ୍ୱ ଶିକ୍ଷକ ଭାଗ ନେଇଥିଲେ । ଏଥିରେ ଗୋଟିଏ ଦିନରେ ୪ ଟି ନକ ଆଉଟ ମ୍ୟାଚ ଖେଳାଯାଇଥିଲା । ପ୍ରଥମେ ମ୍ୟାଚରେ ଜୟପୁର ଓ କୁନ୍ଦୁରା ମଧ୍ୟରେ ମ୍ୟାଚ ଖେଳାଯାଇଥିଲା। ଜୟପୁର ବ୍ୟାଟଂ କରି ନିର୍ଦ୍ଧାରିତ ୧୦ ଓଭର ବିଶିଷ୍ଟ ମ୍ୟାଚରେ କୁନ୍ଦୁରା ଦଳକୁ ୬୩ ରନର ବିଜୟ ଲକ୍ଷ୍ୟ ଦେଇଥିଲା ଯାହାକୁ କୁନ୍ଦୁରା ଦଳ ୪. ୪ ଓଭରରେ ଅକ୍ତିଆର କରି ବିଜୟଲାଭ କରିଥିଲା । ଦଳ ପକ୍ଷରୁ ସୁଶାନ୍ତ ଗରଡିଆ ୧୩ ବଲରୁ ୪୧ ରନ ସଂଗ୍ରହ କରି ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ସେହିପରି ୨ୟ ମ୍ୟାଚରେ ବୋରିଗୁମ୍ମା ଓ ଲକ୍ଷ୍ମୀପୁର ମଧ୍ୟରେ ଖେଳାଯାଇଥିଲା । ଏହି ମ୍ୟାଚଟିକୁ ବୋରିଗୁମ୍ମା ଦଳ ୬ ୱିକେଟ ରେ ୭୩ ରନ ସଂଗ୍ରହ କରି ବାଜିମାତ କରିନେଇଥିଲା । ୩ୟ ମ୍ୟାଚ ଲମତାପୁଟ ଓ ବୈପାରିଗୁଡା ମଧ୍ୟରେ ଖେଳା ଯାଇଥିଲା । ଯାହାକୁ ବୈପାରୀଗୁଡା ଦଳ ୬. ୫ ଓଭରରେ ୮୩ ରନ ସଂଗ୍ରହ କରି ସହଜରେ ଲମତାପୁଟ ଦଳକୁ ହରାଇବାରେ ସମର୍ଥ ହୋଇଥିଲା । ଦଳ ତରଫରୁ ବିନାୟକ ୧୭ ଟି ବଲରେ ୩୫ ରନ ସଂଗ୍ରହ କରି ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ । ଶେଷରେ ସବୁ ବିଜେତା ଦଳ ମାନଙ୍କ ମଧ୍ୟରେ ରନ ରେଟକୁ ସମୀକ୍ଷା କରିବା ପରେ କୁନ୍ଦୁରା ଓ ବୈପାରୀଗୁଡା ଦଳ ଫାଇନାଲକୁ ଉତୀର୍ଣ୍ଣ ହୋଇଥିଲେ । ଫାଇନାଲ ମ୍ୟାଚଟି ୧୨ ଓଭର ବିଶିଷ୍ଟ ଖେଳାଯାଇଥିଲା। କୁନ୍ଦୁରା ଦଳ ଟସ ଜିତି ବ୍ୟାଟିଂ ର ନିଷ୍ପତି ନେଇ ନିର୍ଦ୍ଧାରିତ ୧୨ ଓଭରରେ ୭ ୱିକେଟ ହରାଇ ୯୬ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ସଲମାନ ପାଲକା ୨୧ ଟି ବଲରେ ୩୭ ରନ ସଂଗ୍ରହ କରିଥିଲେ । ଜବାବରେ ବୈପାରୀଗୁଡା ଦଳ ୮ ୱିକେଟ ହରାଇ ୯୭ ରନ କରି ମ୍ୟାଚଟିକୁ ଜିଣି ନେଇଥିଲା। ବୈପାରୀଗୁଡା ଦଳର ମାନସ ୧୫ ଟି ବଲରେ ୨୭ ରନ କରି ମ୍ୟାନ ଅଫ ଦି ମ୍ୟାଚ ହୋଇଥିଲେ । ଉଦଘାଟନୀ ଉତ୍ସବରେ ଜୟପୁର ଗୋଷ୍ଠୀ ଶିକ୍ଷାଧିକାରୀ ଚନ୍ଦନ କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଅବସରପ୍ରାପ୍ତ ଶିକ୍ଷକ ଗୋପୀ ପଟ୍ଟନାୟକ, ଅବସରପ୍ରାପ୍ତ ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ମାନସ ମୁଖାର୍ଜୀ, ଅବସରପ୍ରାପ୍ତ ଶିକ୍ଷକ ସୁରେନ୍ଦ୍ର ମହାପାତ୍ର,ପ୍ରାଥମିକ ଶିକ୍ଷକ ସଂଘ ର ସଭାପତି ଦେବୀପ୍ରସାଦ ଦାସ, ସମ୍ପାଦକ ପ୍ରଦୀପ କୁମାର ମିଶ୍ର, ଉପସଭାପତି ସଦାନନ୍ଦ ସାମନ୍ତରାୟ, କୋଷାଧକ୍ଷ ପୁରନ୍ଦର ନାୟକ ଙ୍କ ସହ ରଂଜିତ ମହାନ୍ତି, ମନୋଜ ପଟ୍ଟନାୟକ, ଆଦିତ୍ୟ ମିଶ୍ର, ଆଦିତ୍ୟ ପଟ୍ଟନାୟକ,ଈଶ୍ୱର ନାୟକ, ରାଜେନ୍ଦ୍ର ମେହେର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖେଳାଳୀ ମାନଙ୍କୁ ଉତ୍ସାହିତ କରିଥିଲେ। ଶିକ୍ଷକ ରମେଶ ନାୟକ, ମିଥୁନ ମଜମୁଦାର, ମନୋରଞ୍ଜନ ପଲାଇ, କୃଷ୍ଣଚନ୍ଦ୍ର ବେହେରାଙ୍କ ସମେତ ଅମ୍ବାଗୁଡା କ୍ଲଷ୍ଟରର ସମସ୍ତ ଶିକ୍ଷକ ପଡିଆ ତଥା ମ୍ୟାଚଗୁଡ଼ିକର ସୁପରିଚାଳନା କାର୍ଯ୍ୟ ତୁଲାଇ ଥିଲେ। ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସଭାପତି ଦେବୀପ୍ରସାଦ ଦାସ, ଗୋପୀ ପଟ୍ଟନାୟକ, ମାନସ ମୁଖାର୍ଜୀ, ପ୍ରଦୀପ କୁମାର ମିଶ୍ର, ବିରାଜ ଦାସ, କିରଣ ମହାରଣା ପ୍ରମୁଖ ଉପସ୍ଥିତ ରହି ବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ । ସେହିପରି ବେଷ୍ଟ ବ୍ୟଟ୍ସମ୍ୟାନ, ବେଷ୍ଟ ବୋଲର, ବେଷ୍ଟ ଫିଲଡର, ବେଷ୍ଟ ସ୍କୋରର, ବେଷ୍ଟ କିପର, ବେଷ୍ଟ ଅମ୍ପୟର ଏବଂ ମ୍ୟାନ ଅଫ ଦି ସିରିଜ ପାଇଥିବା ଖେଳାଳିଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ । ଓଡିଶାରେ ପ୍ରଥମ ଥର ପାଇଁ କୋରାପୁଟ ଜିଲ୍ଲା ଜୟପୁର ବ୍ଲକରେ ଏଭଳି ଶିକ୍ଷକ ପ୍ରିମିୟର ଲିଗ କରାଯଇଥିବା ବେଳେ ଆଗାମୀ ଦିନରେ ଏହା ଜିଲ୍ଲା ସ୍ତର ଏବଂ ରାଜ୍ୟ ସ୍ତରକୁ ବ୍ୟାପିବ ବୋଲି ମୁଖ୍ୟ ଅତିଥି ମତବ୍ୟକ୍ତ କରିଥିଲେ।

# ଭଣ୍ଡାରିପୋଖରୀ ବ୍ଲକ୍‌ରେ ମିଳିତ ଜନଶୁଣାଣି ଶିବିର

ଭଦ୍ରକ, ୧୭/୨ (ନି.ପ୍ର): ଜିଲ୍ଲାପାଳ ଓ ଏସ୍.ପି.ଙ୍କ ମିଳିତ ଜନ ଶୁଣାଣି ଶିବିର ଭଣ୍ଡାରିପୋଖରୀ ବ୍ଲକ୍‌ରେ ଅନୁଷ୍ଠିତ ହୋଇଯାଇଛି। ଭଦ୍ରକ ଜିଲ୍ଲାପାଳ ଦିଲୀପ ରାଉତରାଏ, ଭଦ୍ରକ ଏସ୍.ପି.ମାଡ଼କର ସନ୍ଦୀପ ସମ୍ପତ ଏହି ଶିବିରରେ ଯୋଗଦେଇ ସମୁଦାୟ ୧୦୨ଟି ଅଭିଯୋଗ ଶୁଣିଥିଲେ। ସେଥି ମଧ୍ୟରେ ୭୨ ଟି ବ୍ୟକ୍ତିଗତ ୨୭ଟି ସାମୂହିକ ୩ଟି ରେଡ଼କ୍ରସ ସମ୍ବନ୍ଧୀୟ ଅଭିଯୋଗ ଥିଲା। ୩୨ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। ରେଡ଼କ୍ରସ ସମ୍ବନ୍ଧୀୟ ୩ ଜଣଙ୍କ ଆବେଦନ ଅନୁଯାୟୀ ସମୁଦାୟ ୧୬ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ ପାଇଁ ମଞ୍ଜୁର କରାଯାଇଥିଲା। ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଧାଂଶୁ ଶେଖର ବଳ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଭଣ୍ଡାରିପୋଖରୀ ବ୍ଲକ୍ ଅଧ୍ୟକ୍ଷା ସୁମତୀ ସେଠୀ, ବି.ଡ଼ି.ଓ. ଦେବଦତ୍ତ ଦାସ ପ୍ରମୁଖ ଏହି ଶିବିରରେ ଯୋଗଦେଇ ଜନାଭିଯୋଗ ଶୁଣାଣି କାର୍ଯ୍ୟରେ ଜିଲ୍ଲାପାଳଙ୍କୁ ସହଯୋଗ କରିଥିଲେ। ଜିଲ୍ଲା ସ୍ତରୀୟ ଓ ଉକ୍ତ ବ୍ଲକ୍ ସ୍ତରୀୟ ଅଧିକାରୀମାନେ ମଧ୍ୟ ଏହି ଶିବିରରେ ଉପସ୍ଥିତ ରହି ଜନଅଭିଯୋଗ ଶୁଣାଣିରେ ଆବଶ୍ୟକ ମତେ ଜିଲ୍ଲାପାଳଙ୍କ ଠାରେ ତଥ୍ୟ ଉପସ୍ଥାପନ କରିଥିଲେ। ଜିଲ୍ଲା ସାମାଜିକ ସୁରକ୍ଷା ଯୋଜନା ଜରିଆରେ ଏହି ଶିବିରରେ ୩ଜଣ ଦିବ୍ୟାଙ୍ଗଙ୍କୁ ତିନିଚକିଆ ସାଇକେଲ ପ୍ରଦାନ କରାଯାଇଥିଲା।

# କୋଲକାତା- କାମାକ୍ଷୀ ଦର୍ଶନରେ ଗଲେ ମାଲକାନଗିରି ଜିଲ୍ଲାର ୭୧ ଜଣ ବରିଷ୍ଠ ନାଗରିକ

ମାଲକାନଗିରି, ୧୭/୨ (ନି.ପ୍ର): ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଯୋଜନାରେ ମାଲକାନଗିରି ଜିଲ୍ଲାରୁ ୭୧ ଜଣ ରାୟଗଡ଼ା ଅଭିମୁଖେ ଆଜି ଯାତ୍ରା କରିଛନ୍ତି। ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ ସ୍ଥାନୀୟ ସ୍ପୋର୍ଟସ କମ୍ପ୍ଲେକ୍ସରୁ ପତାକା ଦେଖାଇ ଏହି ଯାତ୍ରାର ଶୁଭାରମ୍ଭ କରିଥିଲେ।ଏହି କାର୍ଯ୍ୟକ୍ରମରେ ନବରଂଗପୁର ଲୋକସଭା ସାଂସଦ ପ୍ରତିନିଧି ସଞ୍ଜୟ ସରକାର, ଜିଲ୍ଲା କ୍ରୀଡ଼ା ଅଧିକାରୀ ମାଧବ ପାଙ୍ଗି ଓ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ପ୍ରମିଳା ମାଝୀ ଉପସ୍ଥିତ ଥିଲେ। ଜିଲ୍ଲାପାଳ ସମସ୍ତ ତୀର୍ଥ ଯାତ୍ରୀଙ୍କ ସୁଖଦ ଯାତ୍ରା ପାଇଁ ସମସ୍ତ ବରିଷ୍ଠ ନାଗରିକଙ୍କୁ ଶୁଭେଚ୍ଛା ବାର୍ତା ଜଣାଇଛନ୍ତି। ମନୁଷ୍ୟ ଜୀବନ କାଳ ମଧ୍ୟରେ ପୁଣ୍ୟ ତୀର୍ଥ କ୍ଷେତ୍ର ପରିଦର୍ଶନ କରିବାର ପରମ୍ପରା ରହି ଆସିଛି। ବରିଷ୍ଠ ନାଗରିକ ତୀର୍ଥ ଯୋଜନା ମାଧ୍ୟମରେ ଜିଲ୍ଲାର ୭୧ ଜଣ ବରିଷ୍ଠ ନାଗରିକଙ୍କ କୋଲକାତା ଓ ଆସାମ ରାଜ୍ୟର ଗୌହାଟୀ ନିକଟବର୍ତୀ କାମାକ୍ଷୀ ଶକ୍ତିପୀଠ ପରିଦର୍ଶନର ସ୍ୱପ୍ନ ପୂରଣ ହୋଇପାରିଛି ବୋଲି ଅତିରିକ୍ତ ଜିଲ୍ଲାପାଳ ପ୍ରକାଶ କରିଛନ୍ତି। ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି । ସେମାନଙ୍କ ନିମନ୍ତେ ସମସ୍ତ ପ୍ରକାର ଆନୁଷଙ୍ଗିକ ବ୍ୟବସ୍ଥା ମଧ୍ୟ କରାଯାଇଛି ବୋଲି ସେ ସୂଚନା ଦେଇଛନ୍ତି। ୭୧ ଜଣଙ୍କ ମଧ୍ୟରୁ ୩୩ ଜଣ ପୁରୁଷ ରହିଥିବା ବେଳେ ୩୮ ଜଣ ମହିଳା ତୀର୍ଥ ଯାତ୍ରୀ ରହିଛନ୍ତି। ଆଜି ସମସ୍ତ ଯାତ୍ରୀ ରାୟଗଡ଼ା ପହଂଚିବା ପରେ ସେଠାରେ ବିଶ୍ରାମ କରିବେ ଓ ଆସନ୍ତାକାଲି ରାୟଗଡ଼ା ରେଳ ଷ୍ଟେସନରୁ ତୀର୍ଥ କ୍ଷେତ୍ର ଅଭିମୁଖେ ବାହାରିବେ। ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ଉକ୍ତ ଟ୍ରେନରେ ସେମାନଙ୍କ ସୁବିଧା ପାଇଁ ମେଡିକାଲ ବ୍ୟବସ୍ଥା, ଗାଇଡ, ଖାଦ୍ୟ ପାନୀୟ ସମେତ ସମସ୍ତ ବ୍ୟବସ୍ଥା କରାଯାଇଛି। ମାଲକାନଗିରି ଜିଲ୍ଲାରୁ ଏସକର୍ଟ ଅଧିକାରୀ ଭାବେ ସଦର ସାମାଜିକ ସୁରକ୍ଷା ଅଧିକାରୀ ରାଜୀବ ପୂଜାରୀ ଓ ରାଜସ୍ୱ କର୍ମଚାରୀ ରବୀନ୍ଦ୍ରନାଥ ନାୟକ ସାଥିରେ ଗସ୍ତ କରିଛନ୍ତି।

# ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଅବହେଳାରୁ ଷଷ୍ଠ ଶ୍ରେଣୀ ଛାତ୍ରୀଙ୍କ ମୃତ୍ୟୁ

ଚମ୍ପୁଆ, ୧୭/୨ (ନି.ପ୍ର): ଚମ୍ପୁଆ ବ୍ଲକ ଅନ୍ତର୍ଗତ ଭଣ୍ଡା କେବି ଉଚ୍ଚ ବିଦ୍ୟାଳୟରେ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଅବହେଳାରୁ ଜଣେ ଷଷ୍ଠ ଶ୍ରେଣୀ ଛାତ୍ରୀଙ୍କ ମୃତ୍ୟୁ ଘଟିଥିବା ନେଇ ଅଭିଯୋଗ ହୋଇଛି। ଯାହାକୁ ନେଇ ରାତି ଅଧରେ ବିଦ୍ୟାଳୟ ସମ୍ମୁଖରେ ମୃତଦେହକୁ ରଖି ଧାରଣାରେ ବସିଲେ ଗ୍ରାମବାସୀ। ଛାତ୍ରୀଙ୍କ ପରିବାରକୁ ପ୍ରଲୋଭିତ କରି ଘଟଣା ଚପାଇବାକୁ ବିଦ୍ୟାଳୟ କର୍ତ୍ତୃପକ୍ଷ ରାତି ସାରା ପ୍ରାଣ ମୁର୍ଚ୍ଛା ଉଦ୍ୟମ କରିଥିବା ବେଳେ ଘଟଣାର ଉଚ୍ଚ ସ୍ତରୀୟ ତଦନ୍ତ ଦାବୀ କରିଛନ୍ତି ଗ୍ରାମବାସୀ। ଖବର ଅନୁସାରେ, କେନ୍ଦୁଝର ଜିଲ୍ଲା ଚମ୍ପୁଆ ବ୍ଲକ୍ ଭଣ୍ଡା ଅନ୍ତର୍ଗତ କେ.ବୀ. ଉଚ୍ଚ ବିଦ୍ୟାଳୟ ରେ ବିଦ୍ୟାଳୟ କର୍ତ୍ତୃପକ୍ଷ ଙ୍କ ଚରମ ଅବହେଳା ଯୋଗୁଁ ଜଣେ ଷଷ୍ଠ ଶ୍ରେଣୀ ଛାତ୍ରୀ ଙ୍କ ମୃତ୍ୟୁ ହୋଇଥିବା ନେଇ ସଙ୍ଗୀନ ଅଭିଯୋଗ ହୋଇଛି । ଘଟଣା କୁ ଚାପି ଦେବାକୁ ବିଦ୍ୟାଳୟ କର୍ତ୍ତୃପକ୍ଷ ପ୍ରାଣ ମୂର୍ଚ୍ଛା ଉଦ୍ୟମ କରିଥିଲେ ମଧ୍ୟ ଛାତ୍ରୀ ଙ୍କ ମୃତ୍ୟୁ କୁ ନେଇ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଚମ୍ପୁଆ ବ୍ଲକ୍ ରଙ୍ଗାମାଟିଆ ପଞ୍ଚାୟତ ରରୁଆଁଗୋଡା ଗ୍ରାମର ମିତ୍ରଭାନୁ ନାଏକ ଓ ଟିକିଲି ନାଏକଙ୍କ ଝିଅ ନନ୍ଦିନୀ ନାଏକ (୧୧) ଭଣ୍ଡା କେ.ବୀ ଉଚ୍ଚ ବିଦ୍ୟାଳୟର ବାଳିକା ଛାତ୍ରାବାସରେ ରହି ଷଷ୍ଠ ଶ୍ରେଣୀରେ ପାଠ ପଢୁଥିଲେ । ଛାତ୍ରାବାସରେ ଥିବା ସମୟରେ ଗତ କିଛି ଦିନ ଧରି ନନ୍ଦିନୀଙ୍କ ଦେହ ଖରାପ୍ ହୋଇଥିଲା। ଅସୁସ୍ଥତା ଯୋଗୁଁ ନନ୍ଦିନୀ ଘରକୁ ଯିବା ପାଇଁ ହଷ୍ଟେଲ କର୍ତ୍ତୃପକ୍ଷଙ୍କ ନିକଟରେ ବାରମ୍ବାର ନେହୁରା ହୋଇଥିଲେ ମଧ୍ୟ ହଷ୍ଟେଲ କର୍ତ୍ତୃପକ୍ଷ ତାଙ୍କୁ ଘରକୁ ଛାଡ଼ି ନ ଥିଲେ । ଏ ବିଷୟରେ ଘରକୁ ଜଣାଇବାକୁ ମଧ୍ୟ ଦେଇ ନ ଥିଲେ । ତେବେ ଅବସ୍ଥା ଗୁରୁତର ହେବାରୁ ଗତ ନଅ ତାରିଖରେ ବିଦ୍ୟାଳୟ କର୍ତ୍ତୃପକ୍ଷ ନନ୍ଦିନୀଙ୍କ ମାଆ ଟିକିଲିଙ୍କୁ ଡାକି ତାଙ୍କ ସହିତ ନନ୍ଦିନୀଙ୍କୁ ନେଇଯିବା ପାଇଁ କହିଥିଲେ । ସେହି ସମୟରେ ଅସୁସ୍ଥ ନନ୍ଦିନୀଙ୍କ ହାତ ଗୋଡ ଫୁଲିଯିବା ସହ ସେ ଠିଆ ହୋଇପାରୁ ନଥିଲେ । ଏକ ସାଧା କାଗଜରେ ଦସ୍ତଖତ କରିବା ପରେ ନନ୍ଦିନୀଙ୍କୁ ହଷ୍ଟେଲରୁ ଛାଡିଥିବା ନେଇ ତାଙ୍କ ମାଆ ଟିକିଲି ଅଭିଯୋଗ କରିଛନ୍ତି । ଟିକିଲି ଅସୁସ୍ଥ ନନ୍ଦିନୀଙ୍କୁ ହଷ୍ଟେଲରୁ ସିଧା ଭଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ । ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କେନ୍ଦୁଝର ଓ ସେଠାରୁ ପରେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରା ଯାଇଥିଲା। କଟକରେ ଚାରିଦିନ ଧରି ଚିକିତ୍ସିତ ହେବା ପରେ ଗତକାଲି ପୂର୍ବାହ୍ନରେ କଟକ ବଡ଼ ଡ଼ାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ନନ୍ଦିନୀଙ୍କ ମୃତ୍ୟୁ ଘଟିଛି । ତେବେ ବିଦ୍ୟାଳୟ କର୍ତ୍ତୃପକ୍ଷ ଅଭିଯୋଗକୁ ଅସ୍ୱୀକାର କରିଛନ୍ତି। ଛାତ୍ରୀ ଜଣଙ୍କୁ ସୁସ୍ଥ ଅବସ୍ଥାରେ ତାଙ୍କ ମାଆ ଆଧାର ବାୟୋମେଟ୍ରିକ୍ ଅପଡେଟ କରିବା ପାଇଁ ଘରକୁ ନେଇଥିଲେ ବୋଲି ସଫେଇ ଦେଇଛନ୍ତି ବିଦ୍ୟାଳୟ କର୍ତ୍ତୃପକ୍ଷ। ତେବେ ଏଠାରେ ପ୍ରଶ୍ନ ଉଠୁଛି ନନ୍ଦିନୀ ଯଦି ସମ୍ପୂର୍ଣ ସୁସ୍ଥ ଥିଲେ ତେବେ ତାଙ୍କ ମାଆ ତାଙ୍କୁ ବିଦ୍ୟାଳୟରୁ ନେବା ପରେ ଆଧାର କେନ୍ଦ୍ର ନେବା ପରିବର୍ତେ ଡ଼ାକ୍ତରଖାନା ନେଲେ କାହିଁକି ? ଗତ କାଲି ରାତିରେ ନନ୍ଦିନୀଙ୍କ ମୃତଦେହ କଟକରୁ ଆସିବା ପରେ ରରୁଆଁଗୋଡା ଗ୍ରାମବାସୀ ତାଙ୍କ ମୃତଦେହକୁ ଧରି ବିଦ୍ୟାଳୟ ସମ୍ମୁଖରେ ରଖି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସହ ନ୍ୟାୟ ଦାବୀରେ ଧାରଣା ଦେବା ସହ ରାସ୍ତାରୋକ୍ କରିଥିଲେ । ଖବର ପାଇ ବାରିଆ ପୋଲିସ ଘଟଣା ସ୍ଥଳରେ ପହଂଚି ଉତ୍ୟକ୍ତ ଗ୍ରାମବାସୀଙ୍କୁ ବୁଝାସୁଝା କରି ରାତି ଦୁଇଟା ବେଳେ ଧାରଣାରୁ ଉଠାଇ ଥିଲେ । ଏ ନେଇ ଚମ୍ପୁଆ ବ୍ଲକ୍ ଶିକ୍ଷାଧିକାରୀ ପ୍ରକାଶ ସାହୁଙ୍କୁ ଯୋଗାଯୋଗ କରିବାରୁ ସେ ଛାତ୍ରୀ ମୃତ୍ୟୁକୁ ସ୍ୱୀକାର କରିବା ସହ ଏହାର ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯାଉଛି ବୋଲି ସୂଚନା ଦେଇଛନ୍ତି। ଚମ୍ପୁଆ ବ୍ଲକ୍ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଆଜି କେ.ବୀ. ଉଚ୍ଚ ବିଦ୍ୟାଳୟ ଓ ବାଳିକା ଛାତ୍ରାବାସକୁ ଯାଇ ଘଟଣାର ତଦନ୍ତ କରିବା ସହ ଚମ୍ପୁଆ ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଅକ୍ଷୟ କୁମାର ପିଙ୍ଗୁଆ ବିଦ୍ୟାଳୟକୁ ଯାଇ ତଦନ୍ତ କରିଥିବା ଜଣାପଡିଛି । ଛାତ୍ରୀଙ୍କ ମୃତ୍ୟୁର ଉପଯୁକ୍ତ ତଦନ୍ତ କରି ଶୋକସନ୍ତପ୍ତ ପରିବାରକୁ ନ୍ୟାୟ ପ୍ରଦାନ ସହ ଦୋଷୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଗ୍ରାମବାସୀ ଦାବୀ କରିଛନ୍ତି।

# ବିଧବାଙ୍କ ନିଜସ୍ୱ ଜାଗାରେ ଘର ନିର୍ମାଣ, ଜିଲ୍ଲା କାର୍ଯ୍ୟାଳୟ ଆଗରେ ଧାରଣା

କେନ୍ଦ୍ରାପଡ଼ା, ୧୭/୨ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ନିକିରାଇ ଥାନା ଅନ୍ତର୍ଗତ ବାରୋ ଗ୍ରାମର ଅସହାୟ ବିଧବା ବୃଦ୍ଧା ପାର୍ବତୀ ଦାସ ବାରୋ ରେ ଥିବା ନିଜସ୍ୱ ସ୍ଥିତିବାନ୍ ଜାଗାରେ ୩ ବଖରା ଚାଳଘର କରି ସେ ଜୀବନ ବିତାଉଛନ୍ତି । ତାଙ୍କର କେହି ପୁତ୍ର ସନ୍ତାନ ନଥିବାରୁ ଏହାର ସୁଯୋଗ ନେଇ ପଡୋଶୀ ବିଧବାଙ୍କର ସ୍ଥିତିବାନ ଜାଗା ଉପରେ ଜୋର ଜବରଦସ୍ତ ପକ୍କାଘର ନିର୍ମାଣ କରୁଛନ୍ତି । ବୃଦ୍ଧା ଜଣକ ଏହାର ବିରୋଧ କରିବାରୁ ତାଙ୍କୁ ମାଡ ମାରିବା ଓ ଧମକ ଚମକ ଦେଉଛନ୍ତି । ଏ ବାବଦ ରେ ସେ ନିକିରାଇ ଥାନାରେ ଅଭିଯୋଗ କରିବା ସହିତ ଉକ୍ତ ଜାଗାରେ ୧୪୪ ଲାଗୁ କରାଯିବା ସହିତ ସେଠାରେ କୌଣସି ଗୃହ ନିର୍ମାଣ ହୋଇ ପାରିବ ନାହିଁ କୋର୍ଟର ନିର୍ଦ୍ଦେଶ ଦେବା ସତ୍ତ୍ୱେ ଥାନା ଅଧିକାରୀ କୌଣସି କଥା ବିଚାର ନକରିବାରୁ ଏବଂ ପଡୋଶୀ ନିର୍ମାଣ କରୁଥିବା ଘରକୁ ବନ୍ଦ ନକରିବାରୁ ବିଧବା ମହିଳା ଜଣକ ଜିଲ୍ଲା କାର୍ଯ୍ୟାଳୟ ଆଗରେ ଭୋକ ଉପାସରେ ବସି ରହିଛନ୍ତି । ଏହି ଘଟଣାକୁ ନେଇ ସ୍ଥାନୀୟ ଅଚଳରେ ଅସନ୍ତୋଷ ପ୍ରକାଶ ପାଇଛି ।



# ଜୀବନ-ଜିଜ୍ଞାସା ଓ ଚିନ୍ତା-ଚେତନାର ରୂପକାର ନିରଳସ ସାରସ୍ୱତସାଧକ : ଜଗନ୍ନାଥ ପ୍ରଧାନ

(୮୬ତମ ଜୟନ୍ତୀ ଅବସରରେ....)

**ଧୈର୍ଯ୍ୟ, ଏକାଗ୍ରତା ଓ ନିଷ୍ଠା ବଳରେ ମଣିଷ ଯେ ସକଳ ଦୁର୍ଦ୍ଦିନକୁ ଅତିକ୍ରମ କରି ଦିନେ ସଫଳତାର ପାହାଚ ଚଢ଼ିପାରେ ତାର ଏକ ଜ୍ୱଳନ୍ତ ଉଦାହରଣ ହେଉଛନ୍ତି ବାଲିଆପାଳ ଥାନା ଅନ୍ତର୍ଗତ ଅସ୍ତି ପଞ୍ଚାୟତର ପାରଦୀପା ଗ୍ରାମରେ ଜନ୍ମିତ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ତଥା ନୀରବ ସାରସ୍ୱତ ସାଧକ ଜଗନ୍ନାଥ ପ୍ରଧାନ। ଏହି ସାଧକ ଫେବୃଆରୀ ୧୮ ତାରିଖରେ ୮୬ ବର୍ଷରେ ପାଦ ଥାପୁଛନ୍ତି। ତାଙ୍କ ସୁଦୀର୍ଘ କର୍ମମୟ ଓ ସାଧନାମୟ ଜୀବନ ସମ୍ପର୍କରେ ସମ୍ୟକ୍ ଆଲୋକପାତ ସହ ତାଙ୍କୁ ଜନ୍ମଦିନରେ ଅନେକ ଶୁଭକାମନା।**

**ଆଲେଖ୍ୟ : ଡ. କାଳୀପଦ ପଣ୍ଡା**

୧୯୪୦ ମସିହା ଫେବୃଆରୀ ମାସର ୧୮ ତାରିଖରେ ଜନ୍ମଗ୍ରହଣ କରିଥିବା ଜଗନ୍ନାଥ ବାଲ୍ୟକାଳରୁ ଦାରିଦ୍ର୍ୟର କଷାଘାତରେ ଜର୍ଜରିତ ହୋଇ ଉଚ୍ଚଶିକ୍ଷାଲାଭରୁ କେବେ ବିଚ୍ୟୁତ ହୋଇନଥିଲେ। ପରାଧୀନ ଦେଶରେ ଜନ୍ମଗ୍ରହଣ କରିଥିଲାବେଳେ ତାଙ୍କର କୈଶୋରକାଳରେ ଦେଶର ସ୍ୱାଧୀନତା ଲାଭ ହୋଇଥିଲା। ସେତେବେଳେ ସମଗ୍ର ଦେଶର ଯେଉଁ ପରିସ୍ଥିତି ସେ ଭିତରେ ପ୍ରତିଟି ପରିବାରର ଅର୍ଥନୀତି ଭୁସୁଡ଼ି ପଡ଼ିଥିଲା। ସେଇ ଭିତରେ ବି କିଶୋର ଜଗନ୍ନାଥ ଶିକ୍ଷିତ ହେବାର ଦୃଢ଼ ମାନସିକତାକୁ ନେଇ ଆଗକୁ ବଢ଼ିଥିଲେ। ତାଙ୍କ କହିବା ଅନୁଯାୟୀ ତାଙ୍କ ସମୟରେ ତାଙ୍କ ଗାଁରେ ମାତ୍ର ଥିଲା ୧୫ଟି ଘର। ସମସ୍ତେ ଗୋଟିଏ ଜାତିର, ଏକାଦଶ ତେଲି। ଶିକ୍ଷାନୁଷ୍ଠାନ ପାଖରେ ନଥିବାରୁ ସମସ୍ତେ ଅନଭିଜ୍ଞ। ପ୍ରାଇମେରୀ ଶିକ୍ଷା ପାଇଁ ପ୍ରାୟ ୩ କିଲୋମିଟର ଅପନ୍ତରା ବିପଦପୂର୍ଣ୍ଣ ରାସ୍ତାକୁ ଅତିକ୍ରମ କରିବାକୁ ପଡୁଥିଲା। ସମସ୍ତେ କୃଷି କର୍ମରେ ନିର୍ଭର କରୁଥିଲେ। ତାଙ୍କର ୪ ଭାଇ, ୩ ଭଉଣୀଙ୍କୁ ନେଇ ବାପା ମା'ଙ୍କ ସହ କ୍ଷୁଦ୍ର ପରିବାରଟିଏ। ଜମିବାଡ଼ି ବି ସ୍ୱଳ୍ପ। କେବଳ ପରିଶ୍ରମ ଉପରେ ସବୁକିଛି ନିର୍ଭର କରୁଥାଏ। ତାଙ୍କ ବଡ଼ଭାଇ ୰ ବୃନ୍ଦାବନ ପ୍ରଧାନ ସପ୍ତମ ଶ୍ରେଣୀରେ ପଢୁଥିବା ସମୟରେ ଭାରତଛାଡ଼ ଓ ଲବଣ ସତ୍ୟାଗ୍ରହ ଆନ୍ଦୋଳନରେ ଯୋଗଦେଇ କାରାବରଣ କଲେ ଏବଂ ପରବର୍ତ୍ତି ସମୟରେ କଲିକତାରେ ବହୁ ବର୍ଷ ରହି ଜମିଦାରଙ୍କ ଗୁମାସ୍ତା ଚାକିରି କରି ପରିବାର ପ୍ରତିପୋଷଣରେ ସାହାଯ୍ୟ କରୁଥିଲେ। ତାଙ୍କ ତଳ ଭାଇ ୰ ମଧୁସୂଦନ ପ୍ରଧାନ ଏକାଦଶ ଶ୍ରେଣୀରେ ପରୀକ୍ଷା ଦେଇନପାରି ମାସକୁ ୧୮ଟଙ୍କା ଦରମାରେ ପ୍ରାଇମେରୀ ସ୍କୁଲର ଶିକ୍ଷକ ହୋଇଥିଲେ। ତାଙ୍କ ତଳ ଭାଇ ୰ ନିତ୍ୟାନନ୍ଦ ପ୍ରଧାନ ବହୁ କଷ୍ଟରେ ମାଟ୍ରିକ୍ ପାସ୍ କରି ଶିକ୍ଷକତା କରିଥିଲେ। ମାତ୍ର ଦେବତୁଲ୍ୟ ଭାଇ ଭଉଣୀଙ୍କ କଠିନ ପରିଶ୍ରମ ଓ ସ୍ନେହ ଶ୍ରଦ୍ଧା ଭିତରେ ଜଗନ୍ନାଥ ଉଚ୍ଚଶିକ୍ଷା ଲାଭ କରିବାରେ ସମ୍ଭବ ହୋଇପାରିଥିଲେ। ନିଜେ ଗୋରୁ ଜଗା କାମ ସହ ବରଗଛ ମୂଳରେ ବସି ପାଠପଢ଼ିଥିଲେ। ସେହି ସମୟରୁ ପୁରାଣ ଶାସ୍ତ୍ର ପଢ଼ିବା ଭିତରେ ତାଙ୍କ ଭିତରେ ଆଧ୍ୟାତ୍ମିକ ଭାବନା ଜାଗ୍ରତ ହୋଇଥିଲା। ଅସ୍ତି ଗାଁର ଚାଟଶାଳୀରୁ ପାଠପଢ଼ା ଆରମ୍ଭ ହୋଇଥିଲା। ତତ୍ପରେ ଦୃଢ଼ ମନୋବଳ ଓ ଏକାଗ୍ରତା ହିଁ ତାଙ୍କୁ ଦିନେ ଉଚ୍ଚଶିକ୍ଷା ଲାଭର ପଥ ଉନ୍ମୁକ୍ତ କରିଥିଲା।

ବୃତ୍ତିଗତ ଜୀବନରେ ଜଗନ୍ନାଥ ପ୍ରଧାନ ଓଡ଼ିଶା ସରକାରଙ୍କ ଆଦିବାସୀ ଗ୍ରାମମଙ୍ଗଳ ଅଧୀନସ୍ଥ ବିଭିନ୍ନ ସରକାରୀ ହାଇସ୍କୁଲ ମାନଙ୍କରେ ଶିକ୍ଷକତା କରିଥିଲେ। ସୁଦୂର ସୁନ୍ଦରଗଡ଼ ଠାରୁ ଆରମ୍ଭ କରି ମୟୂରଭଞ୍ଜ ଓ ବାଲେଶ୍ୱର ଜିଲ୍ଲାର ଆବାସିକ ବିଦ୍ୟାଳୟ ମାନଙ୍କର ଜଣେ ଦକ୍ଷ, କର୍ତ୍ତବ୍ୟପରାୟଣ, ଆଦର୍ଶ ଛାତ୍ରବତ୍ସଳ କୃତି ଶିକ୍ଷକ ଭାବେ ତାଙ୍କର ସୁଖ୍ୟାତି ସର୍ବଜନ ବିଦିତ। ତେବେ ଦୀର୍ଘ ଶିକ୍ଷକତା ଜୀବନ ମଧ୍ୟରେ ଜୀବନଜିଜ୍ଞାସାର ଯେଉଁ ମାର୍ମିକ ଅନୁଭବ ତାଙ୍କ ମଧ୍ୟରେ ଆସିଥିଲା, ସେ ସବୁକୁ ଭିତ୍ତି କରି ସାରସ୍ୱତ ସାଧନାରେ ନିମଗ୍ନ ରହୁଥିଲେ। ଜଣେ ନୀରବ ସାଧକ ଭାବରେ ତାଙ୍କ ଲେଖନୀରୁ ଝରି ଆସିଛି ୧୬ଗୋଟି ପୁସ୍ତକ।




ସେ ମଧ୍ୟରେ ଛାତ୍ରଛାତ୍ରୀ ଓ ସାଧାରଣ ଲୋକଙ୍କ ପାଇଁ ଅନେକ ଶିକ୍ଷଣୀୟ କଥାବସ୍ତୁ ଅନ୍ତର୍ଭୁକ୍ତ। ତାଙ୍କ ଲେଖା ଖୁବ୍ ସରଳ ଓ ସୁବୋଧ୍ୟ। କବିତା ହେଉ କି ଗଳ୍ପ, ସବୁଥିରେ ତାଙ୍କର ନୀତି ଓ ନୈତିକତା ବାର୍ତ୍ତା ଭରପୂର।

'ଜଗନ୍ନାଥ ସେବା ସଂସ୍ଥା'ର ପ୍ରତିଷ୍ଠା କରି ଦୀର୍ଘବର୍ଷ ଧରି **'ଆମ ଗୌରବ'** ନାମକ ଏକ ସାହିତ୍ୟ ପତ୍ରିକା ପ୍ରକାଶ କରି ଆସୁଛନ୍ତି। ସେ ଏକାଧାରରେ ଜଣେ ସମାଜସେବୀ, କୃତି ଶିକ୍ଷକ, ସୁଲେଖକ, ଅନୁଷ୍ଠାନପ୍ରେମୀ ଏବଂ ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କର ଅନୁଗାମୀ ଭକ୍ତ। ସେହି ମହାନ୍ ବ୍ୟକ୍ତିଙ୍କ ତ୍ୟାଗପୂତ ଉତ୍ସର୍ଗୀକୃତ ଦାନ ଦ୍ୱାରା 'ଜଗନ୍ନାଥ ସେବା ସଂସ୍ଥା' ଜନ୍ମଲାଭ କରିଥିଲା ତା ୦୬.୦୭.୨୦୦୨ ମସିହାର ଏକ ଅମୃତ ଲଗ୍ନରେ। ବାଲିଆପାଳର କଚୁଆପଡ଼ାରେ ଥିବା ତାଙ୍କ ଭୂ-ସମ୍ପତ୍ତି ଉପରେ ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ଭବ୍ୟ ମନ୍ଦିର ନିର୍ମାଣ ପାଇଁ ସମ୍ପତ୍ତିକୁ ବିନା ଦ୍ୱିଧାରେ ଦାନ କରିଛନ୍ତି। ଏବେ ସେଠାରେ ଦୀର୍ଘବର୍ଷ ଧରି ସତ୍‌ସଙ୍ଗ କେନ୍ଦ୍ର ପ୍ରତିଷ୍ଠା ହୋଇ ଠାକୁରଙ୍କର ସେବା ଆରାଧନା ନିୟମିତ ହେଉଛି।

ପ୍ରତିବର୍ଷ ତାଙ୍କ ଦ୍ୱାରା ପ୍ରତିଷ୍ଠିତ ଜଗନ୍ନାଥ ସେବା ସଂସ୍ଥା ପକ୍ଷରୁ ବାର୍ଷିକୋତ୍ସବ ପାଳନ ଅବସରରେ ଅନ୍ନଦାନ, ବସ୍ତ୍ରଦାନ ସହ ପ୍ରତିଭା ପୂଜନ କାର୍ଯ୍ୟ ନିରନ୍ତର ହୋଇ ଆସୁଛି। ଜଣେ ପରୋପକାରୀ, ଆଦର୍ଶ ମଣିଷ ଭାବରେ ବାଲିଆପାଳ ଅଞ୍ଚଳରେ ତାଙ୍କର ରହିଛି ଯଥେଷ୍ଟ ସୁଖ୍ୟାତି।



## ଜଗନ୍ନାଥ ପ୍ରଧାନଙ୍କ ବିଶେଷ କୃତି...

୧. ବାଲିଆପାଳ ସତ୍‌ସଙ୍ଗ କେନ୍ଦ୍ରର ପ୍ରତିଷ୍ଠା - ମାର୍ଚ୍ଚ ୧୯୯୬

ଲକ୍ଷ୍ୟ : ମାନବିକତାର ଉଦ୍‌ବର୍ଦ୍ଧନ- ବ୍ୟକ୍ତି, ଜାତି, ଦେଶର ଉତ୍‌ଥାନ ସହ ଆଦର୍ଶ ପ୍ରତିଷ୍ଠା କରି ଆଧ୍ୟାତ୍ମିକ ଭାବଧାରା ମଧ୍ୟରେ ଅଶାନ୍ତିରୁ ଶାନ୍ତି ପାଇବା ତଥା ପରମ୍ପରାକୁ ସମ୍ମାନ ଦେବା।

୨. ଜଗନ୍ନାଥ ସେବା ସଂସ୍ଥା ପ୍ରତିଷ୍ଠା (ତା ୦୭.୦୬.୨୦୦୨ରିଖ)

ଲକ୍ଷ୍ୟ : ଶିକ୍ଷା, ସ୍ୱାସ୍ଥ୍ୟ, ସେବାକୁ ଗୁଣାତ୍ମକ, ବାସ୍ତବବାଦୀ ଓ ସର୍ବଜନାଦୃତ କରିବାପାଇଁ ବିଭିନ୍ନ କାର୍ଯ୍ୟପନ୍ଥା ଅବଲମ୍ବନ କରିବା।

ବାପାଙ୍କ ନାମ : ୰ ଭଗବାନ ପ୍ରଧାନ

ମାତାଙ୍କ ନାମ : ୰ ମୁକ୍ତାମଣି ପ୍ରଧାନ

ଜନ୍ମସ୍ଥାନ : ଗ୍ରାମ - ପାରଦୀପା, ପୋ. ଅସ୍ତି,
ଥାନା - ବାଲିଆପାଳ, ଜି. ବାଲେଶ୍ୱର

ବାସସ୍ଥାନ : ସତ୍‌ସଙ୍ଗ କେନ୍ଦ୍ର (କଚୁଆପଡ଼ା), ବାଲିଆପାଳ, ବାଲେଶ୍ୱର

ଜନ୍ମ ତାରିଖ : ତା. ୧୮.୦୨.୧୯୪୦ (ଜାତକ ଅନୁସାରେ)

ଶିକ୍ଷାପ୍ରାପ୍ତ ଅନୁଷ୍ଠାନ : ଗ୍ରାମ ଚଟଶାଳୀ, ବଡ଼ାପାଳ ପ୍ରାଇମେରୀ ସ୍କୁଲ, ସୁବର୍ଣ୍ଣରେଖା ହାଇସ୍କୁଲ (ମାଟ୍ରିକ୍ - ୧୯୫୯), ଆଇ. ଏ. - ଭଦ୍ରକ ମହାବିଦ୍ୟାଳୟ ୧୯୬୧ , ବି.ଏ. - ଫକୀରମୋହନ ମହାବିଦ୍ୟାଳୟ ୧୯୬୪, ବି. ଇଡ଼ି - ସମ୍ବଲପୁର ସରକାରୀ ଟ୍ରେନିଂ କଲେଜ ୧୯୬୭

ବୃତ୍ତି : ଘଣ୍ଟୁଆ ମଧ୍ୟଇଂରାଜୀ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ୧୯୬୪-୬୫

୧. ଡ଼େଙ୍ଗୁଲା ହାଇସ୍କୁଲ, ବଣେଇ, ସୁନ୍ଦରଗଡ଼, ସହକାରୀ ଶିକ୍ଷକ
୨. ଦେଓକରଣପୁର ହାଇସ୍କୁଲ, ସୁନ୍ଦରଗଡ଼, ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ, ୧୯୬୯-୭୦
୩. ଭାଲୁଲତା ସି.ଟି. ସ୍କୁଲ, ସୁନ୍ଦରଗଡ଼, ସହକାରୀ ଶିକ୍ଷକ,୧୯୭୦-୭୪
୪. ଉନ୍ଦୁଆ ହାଇସ୍କୁଲ, ମୟୂରଭଞ୍ଜ, ସହକାରୀ ଶିକ୍ଷକ, ୧୯୭୪-୭୮
୫. ବିଶୋଇ ହାଇସ୍କୁଲ, ମୟୂରଭଞ୍ଜ, ସହକାରୀ ଶିକ୍ଷକ, ୧୯୭୮-୧୯୮୩
୬. ନଳଗଜା ହାଇସ୍କୁଲ, ମୟୂରଭଞ୍ଜ, ସହକାରୀ ଶିକ୍ଷକ, ୧୯୮୩-୮୬
୭. ବଣଭୂଇଁ ହାଇସ୍କୁଲ, ନୀଳଗିରି, ବାଲେଶ୍ୱର, ସହକାରୀ ଶିକ୍ଷକ, ୧୯୮୬-୮୭
୮. ନଳଗଜା ହାଇସ୍କୁଲ, ମୟୂରଭଞ୍ଜ, ସହକାରୀ ଶିକ୍ଷକ, ୧୯୮୭-୮୮
୯. ବାସିପିଠା ହାଇସ୍କୁଲ, ମୟୂରଭଞ୍ଜ, ପ୍ରଧାନ ଶିକ୍ଷକ, ୧୯୮୮
୧୦. ଶରତ ହାଇସ୍କୁଲ, ମୟୂରଭଞ୍ଜ, ପ୍ରଧାନ ଶିକ୍ଷକ, ୧୯୮୮-୯୦
୧୧. ନଳଗଜା ହାଇସ୍କୁଲ, ମୟୂରଭଞ୍ଜ, ପ୍ରଧାନ ଶିକ୍ଷକ, ୧୯୯୦-୯୩
୧୨. ବିଶିନାହାକାଣୀ ହାଇସ୍କୁଲ, କଟକ, ପ୍ରଧାନ ଶିକ୍ଷକ, ୧୯୯୩-୯୮
୧୩. ନଳଗଜା ହାଇସ୍କୁଲ, ମୟୂରଭଞ୍ଜ, ପ୍ରଧାନ ଶିକ୍ଷକ, ୧୯୯୫-୯୯

ଅବସର ଗ୍ରହଣ : ତା ୩୧.୦୭.୧୯୯୯ରିଖ

ଜଗନ୍ନାଥ ପ୍ରଧାନଙ୍କ ଲିଖିତ ମୌଳିକ ଓ ସମ୍ପାଦିତ ପୁସ୍ତକ

୧. ମୋ ଡାଏରୀ ତୁମପାଇଁ (ସଂଗ୍ରହ ଓ ସମ୍ପାଦନା) -୨୦୦୨
୨. ଦାଦାଙ୍କ ଗଣ୍ଠିଧନ (ସଂଗ୍ରହ ଓ ସମ୍ପାଦନା) -୨୦୦୩
୩. ଅଜା ଆଇଙ୍କ ପାଠମୁଣି (ସଂଗ୍ରହ ଓ ସମ୍ପାଦନା) -୨୦୦୪
୪. ପିପାସା (କବିତା ସଂକଳନ) -୨୦୦୭
୫. ଜୀବନ ଜିଜ୍ଞାସା (କବିତା ସଂକଳନ) -୨୦୦୯
୬. ସେହଦିନ ଏଦିନ (କବିତା ସଂକଳନ) -୨୦୦୯
୭. ସ୍ମୃତିର ଅନ୍ତରାଳେ (ଆତ୍ମଜୀବନୀ) -୨୦୧୪
୮. ରତ୍ନ ଗଣ୍ଠିଲି (ସଂଗ୍ରହ ଓ ସମ୍ପାଦନା) -୨୦୧୪
୯. ଅବକାଶ ଚିନ୍ତା (କବିତା ସଂକଳନ) -୨୦୧୫
୧୦. ଗୁଲିଖଟିର ଅଜବ କଥା (କ୍ଷୁଦ୍ରଗଳ୍ପ ସଂକଳନ) -୨୦୧୬
୧୧. ଏକାକୀ ପଥଚାରୀ (କବିତା ସଂକଳନ) -୨୦୧୮
୧୨. ମରୁ ଝରଣା (ଆତ୍ମଜୀବନୀ) -୨୦୧୯
୧୩. ଅମୃତ ଧାରା (କବିତା ସଂକଳନ) -୨୦୨୧
୧୪. ଭିନ୍ନ ଏକ ମଣିଷ (କ୍ଷୁଦ୍ରଗଳ୍ପ ସଂକଳନ) -୨୦୨୩
୧୫. କିଛି କଥା କିଛି ବ୍ୟଥା (କବିତା ସଂକଳନ) -୨୦୨୩
୧୬. ବିଚିତ୍ରା (କବିତା ସଂକଳନ) -୨୦୨୪






# ଧ୍ୱନି ପ୍ରତିଧ୍ୱନି



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## କୌଶଳ ବିହୀନ ଶିକ୍ଷା...

ଏକ ରାଷ୍ଟ୍ରର ଅଭିବୃଦ୍ଧି ସେହି ଦେଶର ଶିକ୍ଷା ବ୍ୟବସ୍ଥା, ନେତୃତ୍ୱର ଗୁଣବତ୍ତା ଏବଂ ଏହାର ବ୍ୟବସାୟ ତଥା ନୂତନ ଜ୍ଞାନକୌଶଳକୁ ଆପଣାଇବା ଆଦି କାରକ ସହିତ ପରିପୂରକ। ଏହି ଦୃଷ୍ଟିରୁ ଦେଖିବାକୁ ଗଲେ ପାରମ୍ପରିକ ଶିକ୍ଷା ସହିତ ବର୍ତ୍ତମାନର ଅତ୍ୟାବଶ୍ୟକତା ଡିଜିଟାଲ ଶିକ୍ଷା ଭାରତ କ୍ଷେତ୍ରରେ ବେଶ୍ ପ୍ରଭାବଶାଳୀ ହୋଇପାରିନାହିଁ ଏବଂ କୌଶଳ ହାସଲରେ ମଧ ବେଶ୍ ତାରତମ୍ୟତା ଦେଖିବାକୁ ମିଳିଛି। ସବୁଠାରୁ ବିସ୍ମୟକର କଥା ହେଲା ଶିକ୍ଷାକ୍ଷେତ୍ର ବିସ୍ତାର ହେଉଥିବା ବେଳେ ଶିକ୍ଷା ବ୍ୟବସ୍ଥାରେ ଅବନତି ଘଟୁଥିବାର ଉଦାହରଣମାନ ମିଳୁଛି। ଏହି ପ୍ରସଙ୍ଗରେ 'କାଗଜ ଯୋଗ୍ୟତା' ଅଭିବ୍ୟକ୍ତି ଗୁରୁତ୍ୱପୂର୍ଣ୍ଣ। ଭାରତୀୟ ଶିକ୍ଷା ସମ୍ପର୍କରେ ବିଶ୍ୱ ଅର୍ଥନୈତିକ ଫୋରମ ଦ୍ୱାରା ୨୦୨୦ରେ ପ୍ରକାଶିତ ଏକ ସନ୍ଦର୍ଭରେ ଉଲ୍ଲେଖ ଅଛି ଯେ ମୋଟ ଇଞ୍ଜିନିୟର ସ୍ନାତକଧାରୀଙ୍କ ମଧ୍ୟରୁ ମାତ୍ର ୨୦ ପ୍ରତିଶତ ଏବଂ ସାଧାରଣ ସ୍ନାତକମାନଙ୍କ ମଧ୍ୟରୁ ମାତ୍ର ୧୦ ପ୍ରତିଶତଙ୍କ ନିଯୁକ୍ତି ଯୋଗ୍ୟତା ବା ଦକ୍ଷତା ରହିଛି। ୨୦୨୪ରେ ନିତି ଆୟୋଗ ଦ୍ୱାରା ପ୍ରକାଶିତ 'ଇଲେକ୍ଟ୍ରୋନିକ୍: ପାୱାର ଇଣ୍ଡିଆସ୍ ପାର୍ଟିସିପେସନ୍ ଇନ୍ ଗ୍ଲୋବାଲ୍ ଭାଲ୍ୟୁ ଚେନ୍' ଶୀର୍ଷକ ନିବନ୍ଧରେ ଉଲ୍ଲେଖ ରହିଛି ଯେ ୮୦% ଇଲେକ୍ଟ୍ରୋନିକ ଇଞ୍ଜିନିୟର ସେମାନଙ୍କ କ୍ଷେତ୍ର ସହିତ ଜଡ଼ିତ ଆବଶ୍ୟକ କୌଶଳ ହାସଲ କରି ପାରିନାହାନ୍ତି। ୨୦୧୫ ମସିହାରେ ଆରମ୍ଭ ହୋଇଥିବା 'କୌଶଳ ଭାରତ' ବା 'ସ୍କିଲ୍ ଇଣ୍ଡିଆ' ଅଭିଯାନ ମଧ ଏ ଦିଗରେ ଯଥେଷ୍ଟ ପ୍ରଭାବଶାଳୀ ହୋଇପାରି ନାହିଁ। କୃତ୍ରିମ ବୁଦ୍ଧିମତ୍ତା, ମେସିନ ଲର୍ଣ୍ଣିଂ, ବିଗ୍ ଡାଟା ଆନାଲିଟିକ୍ସ ତଥା ଉନ୍ନତ କ୍ଷେତ୍ରଗୁଡ଼ିକରେ ଭାରତୀୟ ଶିକ୍ଷା ବ୍ୟବସ୍ଥାର ସାମର୍ଥ୍ୟ ଏବଂ ଏହାର ଶୈକ୍ଷିକ ଆଧାରର କ୍ଷମତା ମଧରେ ଆନୁପାତିକ ବ୍ୟବଧାନ ରହିଛି। ଅପରପକ୍ଷରେ ସରକାରୀ ପରିଚାଳିତ ଧନ୍ଦାମୂଳକ କୌଶଳ ଶିକ୍ଷା ମଧ ବିଫଳ ହେବାରେ ଲାଗିଛି। ଉଦାହରଣ ସ୍ୱରୂପ, କୃତ୍ରିମ ବୁଦ୍ଧିମତ୍ତା ଏକ ବିପ୍ଳବ ରୂପେ ଉଭା ହୋଇଥିବା ବେଳେ ଭାରତ ଭଳି ଜନବହୁଳ ରାଷ୍ଟ୍ର କେବଳ ଏକ ଉପଭୋକ୍ତା ସାଜିଛି। ଚୀନ୍, ଭାରତଠାରୁ ୩୦ଗୁଣ ଅଧିକ କୃତ୍ରିମ ବୁଦ୍ଧିମତ୍ତା ଢାଞ୍ଚା ବିକାଶ କରିସାରିଛି। ୨୦୧୪ ମସିହା ଠାରୁ ୨୦୨୩ ମସିହା ମଧରେ ଭାରତ ୧୩୫୦ଟି କୃତ୍ରିମ ବୁଦ୍ଧିମତ୍ତା ଢାଞ୍ଚା ବିକାଶ କରିଥିବା ବେଳେ ଚୀନ୍‌ର ପ୍ରଦର୍ଶନ ୩୮୨୧୦ ରହିଛି। ନୂତନ ଶିକ୍ଷାନୀତି ଭାରତୀୟ ଶିକ୍ଷା ବ୍ୟବସ୍ଥାରେ କାୟାକଳ୍ପ ବଦଳାଇବା ପାଇଁ ଲକ୍ଷ୍ୟ ରଖିଥିବା ବେଳେ ଓଡ଼ିଶା ସରକାର ମଧ ଏହାକୁ ଲାଗୁ କରାଇ ସାରିଲେଣି, ଯେଉଁଥିରେ ବିକଶିତ ଦେଶଗୁଡ଼ିକର ଶିକ୍ଷା ବ୍ୟବସ୍ଥା ସହ ପ୍ରତିଯୋଗିତା କରିବାର ସମ୍ପୂର୍ଣ୍ଣ ସୁଯୋଗ ରହିଛି। ଯେତେବେଳେ ଶିକ୍ଷା ବ୍ୟବସ୍ଥାରେ ଆମୂଳଚୁଳ ପରିବର୍ତ୍ତନର ସମୟ ଆସିଛି କୌଶଳ ବୃଦ୍ଧିର ଦିଗଗୁଡ଼ିକୁ ଅଣଦେଖା କରିବା ଅନୁଚିତ। ଡିଜିଟାଲ ଶିକ୍ଷାକୁ ଠିକ୍ ଭାବେ ଲାଗୁ ନ କରି ପାରିଲେ ଏହାର ପରିଣାମ ଭୟଙ୍କର ହେବ। ଏହି ପରିପ୍ରେକ୍ଷୀରେ ପିସା ଆଇସିଟି ୨୦୧୮ ସର୍ଭେ ବିଷୟରେ ଆଲୋକପାତ କରାଯାଇପାରେ। ଏହି ସର୍ଭେ ରିପୋର୍ଟ ଅନୁସାରେ ଡିଜିଟାଲ ଉପକରଣ ବ୍ୟବହାର କରୁଥିବା ଶିକ୍ଷାର୍ଥୀଙ୍କ ୩୪ ପ୍ରତିଶତ ପଠନ କ୍ଷମତା, ୩୯ ପ୍ରତିଶତ ଗଣିତ ଜ୍ଞାନ, ୨୮ ପ୍ରତିଶତ ବିଜ୍ଞାନ ଜ୍ଞାନରେ ଅବନତି ଘଟିଛି। ତେଣୁ ନୂତନ ଶିକ୍ଷାନୀତି ୨୦୨୦ ଲାଗୁ କରିବା ବେଳେ ସଫଳ ହେବାର ଉତ୍କଣ୍ଠା ଓ ବିଫଳ ହେବାର ଭୟକୁ କିପରି ସମନ୍ୱିତ ଭାବେ ନିୟନ୍ତ୍ରଣ କରିହେବ ସେଦିଗରେ ଯଥେଷ୍ଟ ଗବେଷଣା ହେବା ଆବଶ୍ୟକ। ଶିକ୍ଷା ଓ ଦକ୍ଷତା ବିଷୟରେ ଆଲୋଚନା କଲାବେଳେ ନୋବେଲ ବିଜେତା ଅମର୍ତ୍ତ୍ୟ ସେନଙ୍କ ଏକ ଉପଦେଶକୁ ମନେପକାଇବା ଉପଯୋଗୀ ହେବ – 'ଅଶିକ୍ଷିତ ତଥା ଅସ୍ୱାସ୍ଥ୍ୟକର ଶ୍ରମଶକ୍ତି ସହିତ ଭାରତ ବିଶ୍ୱ ଅର୍ଥନୀତିର ମୁଖ୍ୟ ହେବାକୁ ଚାହୁଁଛି।' ଶିକ୍ଷା ଅର୍ଜନରେ ବ୍ୟକ୍ତିଗତ ସ୍ଥିରତା ହେଉଛି କୌଣସି କୌଶଳ ହାସଲ କରିବାର ଶ୍ରେଷ୍ଠ ମାଧ୍ୟମ। ଦକ୍ଷତା ହାସଲ ନିମନ୍ତେ ଦୁଇଟି କାରକ ନିହାତି ଆବଶ୍ୟକ। ପ୍ରଥମଟି ହେଲା ଉଚ୍ଚ ବୈଧତା ସମ୍ପନ୍ନ ପରିବେଶ, ଯାହା ଶିକ୍ଷାର୍ଥୀଙ୍କୁ ଶିଖିବାକୁ ସୁଯୋଗ ପ୍ରଦାନ କରିଥାଏ ଏବଂ ଦ୍ୱିତୀୟଟି ହେଲା ଦୀର୍ଘ ସମୟ ଅଭ୍ୟାସ ମାଧ୍ୟମରେ ଶିଖିବାର ସୁଯୋଗ। ମୁଁ ଶିକ୍ଷକ ଥିଲା ବେଳେ ଦେଖିଛି. ଯେଉଁସବୁ ଅଞ୍ଚଳରେ ଡିଜିଟାଲ ଉପକରଣ ପ୍ରଚଳନ ନଥିଲା ଆଉ ଆଧୁନିକତାର ଆଢୁଆଳରେ ହଠାତ୍ ? ? ଏହାକୁ ବ୍ୟବହାର କରିବାକୁ ଲାଗିଲେ ସେମାନେ ଡିଜିଟାଲ ଉପକରଣକୁ କେବଳ ଚିତ୍ତବିନୋଦନର ଏକ ମାଧ୍ୟମ ରୂପେ ବ୍ୟବହାର କରୁଛନ୍ତି। ଅତଏବ ଭାରତ ବିଶ୍ୱଶକ୍ତି ହେବାର ସ୍ୱପ୍ନ ପୂରଣ କରିବାକୁ ହେଲେ ଶିକ୍ଷାରେ ଯେଉଁ କ୍ରାନ୍ତି ପାଇଁ ବ୍ୟବସ୍ଥାଟିଏ ତିଆରି କରାଯାଇଛି, ତା'କୁ ସୁପରିଯୋଜିତ ଢଙ୍ଗରେ ଲାଗୁ କରାଯିବା ଆବଶ୍ୟକ। ଡିଜିଟାଲ ଉପକରଣର ବ୍ୟବହାର ସହ କୌଶଳ ବୃଦ୍ଧି କିପରି ଏହି ସଂଯୋଗ ସକାରାତ୍ମକ ପରିଣାମ ଦେବ ତା'କୁ ବିଶେଷ ଧ୍ୟାନ ଦେବା ଆବଶ୍ୟକ ରହିଛି।

## ଟ୍ରେଡ଼ୱ୍ୟାରର ଲମ୍ବା ଇତିହାସ



**ଗୋପାଳ ମହାପାତ୍ର**

ଆମେରିକାର ରାଷ୍ଟ୍ରପତିଭାବେ ଡ଼ୋନାଲଡ଼ଟ୍ରମ୍ପ ଦାୟିତ୍ୱ ନେବା ପରେ ଏବେ ଟ୍ରେଡ୍‌ୱ୍ୟାର ବା ବ୍ୟାପାର ଯୁଦ୍ଧ ଆରମ୍ଭ କରିଦେଇଛନ୍ତି। ଟ୍ରମ୍ପଙ୍କ ଏଭଳି ପଦକ୍ଷେପକୁ ନେଇ ସାରା ବିଶ୍ୱରେ ଚର୍ଚ୍ଚା ଚାଲିଛି। ଟ୍ରମ୍ପ ଯେ କେବଳ ଏଭଳି ଟ୍ରେଡ଼ୱ୍ୟାର ଏବେ ଆରମ୍ଭ କରିଛନ୍ତି ତା ନୁହେଁ ଏହାର ଇତିହାସ ମଧ ଲମ୍ବା। ବ୍ୟାପାର ଯୁଦ୍ଧ ବିଶ୍ୱସ୍ତରୀୟ ଆର୍ଥୀକ ଗତିଶୀଳତାକୁ ଏକ ମହତ୍ୱପୁର୍ଣ୍ଣ ଆକାର ଦେଇଥିଲା। ଯାହା ଇତିହାସରୁ ସ୍ପଷ୍ଟ। ଏଭଳି ବିବାଦ ସେତିକିବେଳେ ଆରମ୍ଭ ହୋଇଥାଏ ଯେତେବେଳେ ରାଷ୍ଟ୍ର ଘରୋଇ ଉଦ୍ୟୋଗର ରକ୍ଷା ପାଇଁ ଟାରିଫ, କୋଟା ବା ଅନ୍ୟ ବ୍ୟାପାର ଅବରୋଧ ଲଗାଇଥାନ୍ତି ଯାହା ପ୍ରକୃତପକ୍ଷେ ଅନ୍ୟ ରାଷ୍ଟ୍ରଙ୍କୁ ପ୍ରତିବାଦ, ପ୍ରତିରୋଧ ଏପରିକି ସମକାଳୀନ କାର୍ଯ୍ୟାନୁଷ୍ଠାନ ପାଇଁ ବାଧ କରିଥାଏ। ଟ୍ରେଡ଼ୱ୍ୟାର ବିଶ୍ୱସ୍ତରୀୟ ବାଣିଜ୍ୟ ବ୍ୟବସାୟକୁ ବାଧିତ କରିଥାଏ, ଭୂରାଜନୈତିକ ଅସ୍ଥିରତା ସୃଷ୍ଟି କରିଥାଏ। ଦେଶ ଦେଶ ମଧ୍ୟରେ ତିକ୍ତତା ବଢିଥାଏ ଏପରିକି ଯୁଦ୍ଧ ଭଳି ପରିସ୍ଥିତି ମଧ ସୃଷ୍ଟି ହୋଇଥାଏ। ଏଣୁ ଟେଡ଼ୱ୍ୟାର କେବଳ ଯେ ଆନ୍ତର୍ଜତୀୟ ବାଣିଜ୍ୟ ଏବଂ ଆର୍ଥୀକ ନୀତିର ବିକଳ୍ପକୁ ପ୍ରଭାବିତ କରିଥାଏ ତା ନୁହେଁ ବରଂ ଆମଦାନୀର ରଣନୀତିକ ବିକଳ୍ପକୁ ମଧ ପ୍ରଭାବିତ କରିଥାଏ। ଆର୍ଥୀକ ଅତି ରାଷ୍ଟ୍ରବାଦ ସାରା ଦୁନିଆରେ ଦକ୍ଷିଣପନ୍ଥୀ ଲୋକ-ଲୁଭାବନବାଦର ଉଦୟ କାରଣରୁ ପ୍ରକଟିତ ହୋଇଥାଏ। ଆମେରିକାରେ ଏବେ ସେପରି ଘଟୁଛି। ଆମେରିକା ପୁଣି ନିଜ୍‌କୁ ମହାନ ଭାବେ ଉପସ୍ଥାପିତ କରିବା ପାଇଁ ଚାହୁଁଛି ଏବଂ ୟୁରୋପରେ ଅପ୍ରବାସୀ ସଂଖ୍ୟା ବୃଦ୍ଧିକୁ ନେଇ ଅସନ୍ତୋଷ ବ୍ୟାପିବାରେ ଲାଗିଛି। ଏହା ପଛରେ ଏକ ଆର୍ଥୀକ ଉପ-ସ୍ତର ରହିଛି ଯାହାସ୍ପଷ୍ଟ ପରିଲକ୍ଷିତ ହେଉଛି। ବ୍ୟାପାର ସଂଘର୍ଷ ଏହାର କେନ୍ଦ୍ରବିନ୍ଦୁ ପାଲଟିଛି ଓ ବୈଶ୍ୱିକ ନୀତି ପ୍ରସଙ୍ଗର ଆଲୋଚନାରେ ସର୍ବାଗ୍ରେ ରହିଛି।

ଆଜିର ପରସ୍ପର ସହ ଜଡ଼ିତ ଅର୍ଥବ୍ୟବସ୍ଥାର ଜଟିଳତାକୁ ବୁଝିବା ପାଇଁ ତାର ଐତିହାସିକ ପ୍ରଭାବ ଏବଂ ସମକାଳୀନ ନିହିତାର୍ଥକୁ ବୁଝିବାର ଆବଶ୍ୟକତା ରହିଛି। ପ୍ରାରମ୍ଭିକ ବ୍ୟାପାର ଯୁଦ୍ଧ ଇଷ୍ଟ ଇଣ୍ଡିଆ କମ୍ପାନୀ ଠାରୁ ଆରମ୍ଭ ହୋଇଥିଲା ଓ ଉପନିବେଶର ବିସ୍ତାର ହୋଇଥିଲା। ଶହଶହ ବର୍ଷ ପୁର୍ବେ ଇଷ୍ଟଇଣ୍ଡିଆ କମ୍ପାନୀ ବ୍ୟାପାର ଯୁଦ୍ଧର କେନ୍ଦ୍ରରେ ଥିଲା। ୧୬୦୦ ଶତାବ୍ଦୀରେ ସ୍ଥାପିତ ଇଷ୍ଟଇଣ୍ଡିଆ କମ୍ପାନୀ ବ୍ରିଟେନ ଏବଂ ଇଷ୍ଟ ଇଣ୍ଡିଜ୍ ମଧରେ ବ୍ୟାପାରକୁ ଗୁରୁତ୍ୱ ଦେଇଥିଲା। ଚାପତି, ମସଲା, ବସ୍ତ୍ର ଏବଂ ଅଫିମ ଭଳି ବସ୍ତୁକୁ ଏହି କମ୍ପାନୀ ନିୟନ୍ତିତ କଲା। ୧୮ଶ ଶତାବ୍ଦି ପର୍ଯ୍ୟନ୍ତ ଏହା କେବଳ ବାଣିଜ୍ୟ ବ୍ୟବସାୟ କରୁଥିଲା ଓ ଭାରତରେ ବ୍ରିଟିଶ ଉପନିବେଶ ଶାସନର ମୂଳଦୁଆ ରଖିଥିଲା। କମ୍ପାନୀର ଆକ୍ରାମକ ବ୍ୟବସାୟିକ ରଣନୀତି ଭାରତୀୟ ବଜାରରେ ନିଜର ପ୍ରଭୁତ୍ୱକୁ ସୁରକ୍ଷିତ କରିବା ପାଇଁ ଏବଂ ଭାରତୀୟ ବଜାରକୁ ନିୟନ୍ତିତ କରିବା ପାଇଁ ଡ଼ଚ ଏବଂ ପର୍ତ୍ତୁଗାଲର ବ୍ୟବସାୟୀଙ୍କ ସହ ପ୍ରତିଦ୍ୱନ୍ଦୀତା ଆରମ୍ଭ କରିଦେଇଥିଲା। ଏହି ଉପନିବେଶିକ ବ୍ୟାପାରଯୁଦ୍ଧ କାରଣରୁ ସ୍ଥାନୀୟ (ଭାରତୀୟ) ଅର୍ଥବ୍ୟବସ୍ଥାକୁ ବହୁମୂଲ୍ୟ ଦେବାକୁ ପଡିଥିଲା। କାରଣ ସାମ୍ରାଜ୍ୟବାଦୀଙ୍କ ବିନିର୍ମାଣ ବୁନିଆଦୀ ଢାଞ୍ଚାର ମୂଳଥିଲା ଉପନିବେଶ ନୀତି ଓ ଏହା ସ୍ୱଦେଶୀ ଉଦ୍ୟୋଗକୁ ଚପାଇ ଦେଇଥିଲା। ଇଷ୍ଟଇଣ୍ଡିଆ କମ୍ପାନୀର ଏଭଳି ନୀତି କାରଣରୁ ସ୍ୱଦେଶୀ ଉଦ୍ୟୋଗମାନେ ଆର୍ଥୀକ ଅବ୍ୟବସ୍ଥା ଦେଇ ଗତି କରୁଥିଲେ ଯାହା ପରବର୍ତ୍ତୀ ସମୟରେ ଇଷ୍ଟଇଣ୍ଡିଆ କମ୍ପାନୀ ଓ ବ୍ରିଟିଶ ବିରୁଦ୍ଧରେ ଅସନ୍ତୋଷ ଓ ବିଦ୍ରୋହର କାରଣ ପାଲଟିଥିଲା। ଆଗ୍ଲୋଂଫାଇଲ ଇତିହାସକାରମାନେ ଏହାକୁ ୧୮୫୭ ବିଦ୍ରୋହର ଅନ୍ୟତମ କାରଣ ବୋଲି ବର୍ଣ୍ଣନା କରିଛନ୍ତି।

୧୯ଶ ଶତାବ୍ଦୀର ଅଫିସ ଯୁଦ୍ଧ ଏସବୁ କଥାର ଏକ ଉଦାହରଣ ବୋଲି କୁହାଯାଇପାରେ। ଏହି ବ୍ୟାପାର ଯୁଦ୍ଧ ସୈନ୍ୟ ସଂଘର୍ଷରେ ପରିଣତ ହୋଇଥିଲା। ସେ ସମୟରେ ଚୀନର ବ୍ୟାପାର ନୀତି ଚା ଏବଂ ରେଷମ ରପ୍ତାନୀକୁ ଗୁରୁତ୍ୱ ଦେଉଥିଲା ଯଦିଓ ଆମଦାନୀ ସୀମିତ ଥିଲା। ଏହି ଅସନ୍ତୁଳନକୁ ଦୁର କରିବା ପାଇଁ ଇଷ୍ଟ ଇଣ୍ଡିଆ କମ୍ପାନୀ ଅଫିମ ଚୋରାଚାଲାଣ ଆରମ୍ଭ କରିଥିଲେ। ଭାରତରୁ ଚୀନକୁ ଅଫିମ ଚାଲାଣ କରାଗଲା। ଏହା ବ୍ୟାପକ ଆର୍ଥୀକ ଅବ୍ୟବସ୍ଥା ସୃଷ୍ଟି କରିଥିଲା। ଚୀନର କିଙ୍ଗ ରାଜବଂଶ ଏହି ଅଫିମ ବ୍ୟାପାର ଉପରେ ଅଙ୍କୁଶ ଲଗାଇବା ପାଇଁ ଉଦ୍ୟମ କରିଥିଲେ କିନ୍ତୁ ପ୍ରତିଜବାବରେ ବ୍ରିଟେନ ସେନା କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଥିଲା। ଚୀନ ରାଜବଂଶ ବିରୁଦ୍ଧରେ ୧୮୩୯ ରୁ ୧୮୪୨ ଓ ୧୮୫୬ ରୁ ୧୮୬୦ ପର୍ଯ୍ୟନ୍ତ ଅଫିମ ଯୁଦ୍ଧ ଚାଲିଥିଲା। ଏହି ସଂଘର୍ଷ ପରେ ଚୀନ ବ୍ରିଟିଶ ବ୍ୟବସାୟୀଙ୍କୁ ଚୀନରେ ବାଣିଜ୍ୟ ବ୍ୟବସାୟ କରିବା ପାଇଁ ଅନୁମତି ଦେବା ସହ ହଙ୍ଗକଙ୍ଗକୁ ବ୍ରିଟିଶ ଶାସକଙ୍କୁ ସମର୍ପଣ କରି ନିଜର ଅର୍ଥବ୍ୟବସ୍ଥା ଉପରେ ବିଦେଶୀ ପ୍ରଭାବକୁ ସ୍ୱୀକାର କରିବା ପାଇଁ ବାଧ ହୋଇଥିଲେ। ୧୯ଶ ଶତାବ୍ଦୀ ଶେଷ ଏବଂ ବିଂଶ ଶତାବ୍ଦୀ ପ୍ରାରମ୍ଭ ପର୍ଯ୍ୟନ୍ତ ବ୍ୟବସାୟିକ ସଂଘର୍ଷ ଉପନୈବେଶିକ ପ୍ରତିଦ୍ୱନ୍ଦୀତାରୁ ହଟିଯାଇ ଆର୍ଥୀକ ବର୍ଚ୍ଚସ୍ୱ ପାଇଁ ଔଦ୍ୟୋଗିକ ଶକ୍ତିରେ ପରିବର୍ତ୍ତିତ ହୋଇଯାଇଥିଲା। ଗିଲଡ଼େଡ଼ଏଜ (୧୮୭୦-୧୯୦୦)ରେ ସଂଯୁକ୍ତ ରାଜ୍ୟ ଆମେରିକା ତାର ଘରୋଇ ଉଦ୍ୟୋଗକୁ ୟୁରୋପୀୟ ଉଦ୍ୟୋଗଙ୍କ ଠାରୁ ବଞ୍ଚାଇବା ପାଇଁ ସଂରକ୍ଷଣବାଦୀ ନୀତିକୁ ଆପଣେଇ ନେଲା। ଆମେରିକାର ଏହି ନୀତି କାରଣରୁ ଜନ ଡି ରକଫେଲର ଏବଂ ଆଣ୍ଡ୍ରୁକାନେଗିଙ୍କ ଭଳି ଉଦ୍ୟୋଗପତିଙ୍କୁ ଏହାର ଲାଭ ମିଳିଥିଲା। ଆମେରିକାର ନୀତିକୁ ବିରୋଧ କରି ୟୁରୋପୀୟ ଦେଶମାନେ ପଦକ୍ଷେପ ସ୍ୱରପ ଯେଉଁ ଟାରିଫ ନିର୍ଦ୍ଧାରଣ କଲେତାହା ଆନ୍ତର୍ଯାତୀୟ ବ୍ୟାପାରକୁ ଧିମା କରିଦେଇଥିଲା ଓ ଆର୍ଥୀକ ଅସ୍ଥିରତା ବୃଦ୍ଧି ପାଇଥିଲା। ପରିଣାମ ସ୍ୱରପ ଆର୍ଥୀକ ମାନ୍ଦାବସ୍ଥା ଦେଖା ଦେଇଥିଲା ଓ ସଂରକ୍ଷଣବାଦ ଭଳି ବ୍ୟବସ୍ଥରର ସୃଷ୍ଟି ହୋଇଥିଲା ଏବଂ ଦ୍ୱୀତୀୟ ବିଶ୍ୱଯୁଦ୍ଧ ପରେ ମିଳିତ ସହଯୋଗ ମୂଳକ ବିଶ୍ୱସ୍ତରୀୟ ବ୍ୟାପାର ଢ୍ୟାଞ୍ଚାର ମାର୍ଗ ପ୍ରସସ୍ତ ହୋଇଥିଲା।

ଏକବିଂଶ ଶତାବ୍ଦୀରେ ବ୍ୟାପାର ଯୁଦ୍ଧ ଆର୍ଥୀକ କୂଟନୀତିର ଏକ ପ୍ରକ୍ରିୟା ଭାବେ ଉଭା ହୋଇଛି। ଆମେରିକା- ଚୀନ ବ୍ୟାପାର ସଂଘର୍ଷ ଏହାର ଉଦାହରଣ। ୨୦୧୮ ମସିହାରେ ଟ୍ରମ୍ପ ପ୍ରଶାସନ ଏହି ଯୁଦ୍ଧ ଆରମ୍ଭ କରିଥିଲା। ଏବେ ବ୍ୟବସାୟିକ ଅସନ୍ତୁଳନ, ବୌଦ୍ଧିକ ସମ୍ପଦର ଚୋରୀ ଏବଂ ରାଷ୍ଟ୍ରୀୟ ସୁରକ୍ଷା ଚିନ୍ତାର କଥା କହି ଆମେରିକା ଚୀନରୁ ଆମଦାନୀ ହେଉଥିବା ବସ୍ତୁ ଉପରେ ଟାରିଫ ଲଗାଇଛି। ଚୀନ ମଧ ପ୍ରତି ଜବାବରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଟ୍ରମ୍ପଦ୍ୱିତୀୟ ଥର ଆମେରିକାର ରାଷ୍ଟ୍ରପତି ଭାବେ ନିର୍ବାଚିତ ହେବା ପରେ ଏହି ବ୍ୟାପାର ଯୁଦ୍ଧର ନୂଆ ପର୍ଯ୍ୟାୟ ଆରମ୍ଭ ହୋଇଛି ଯାହାଙ୍କୁ ଟ୍ରେଡ଼ୱ୍ୟାର-୨ କୁହାଯାଉଛି। ଏହା ଏବେ ବୈଶ୍ୱିକ ବ୍ୟାପାର ଗତିଶୀଳତାକୁ ନୂଆ ରୂପ ଦେଇଛି ଯେଉଁଥିପାଇଁ ଭାରତ ପାଇଁ ଅବସର ଏବଂ ଚାଲେଞ୍ଜ ଉଭୟ ଦେଖାଦେଇଛି। ଭାରତ-ଆମେରିକା ମତ ୨୦୨୪-୨୫ ଆର୍ଥୀକ ବର୍ଷର ଅଧିକ ବ୍ୟବସାୟ ବଢିଛି। ପରିବର୍ତ୍ତିତ ବ୍ୟାପାର ପରିଦୃଶ୍ୟରେ ଭାରତ ନିଜକୁ ଅଧିକ ସକ୍ଷମ କରିବା ସହ ସଂରଚନାତ୍ମକ ସୁଧାରକୁ ଲାଗୁ କରିବା ଆବଶ୍ୟକ।


+ରାମଚନ୍ଦ୍ରପୁର, ରଣପୁର

ମୋ: ୯୪୩୮୪୮୫୦୯୪


## ସମୃଦ୍ଧ ଓଡ଼ିଶାର ଶକ୍ତ ଅଂଶୀଦାର



**ବାଦଲ ଭୂୟାଁ**

ଓଡ଼ିଶା ହେଉଛି ବିକାଶ ଓ ଉତ୍କର୍ଷର ଅଭୂତପୂର୍ବ ମଡ଼େଲ। ଏ ମାଟିରେ ପ୍ରଚୁର ଖଣିଜ ସମ୍ପଦ ଅଛି। ଜଙ୍ଗଲ ପାହାଡ଼ ଓ ସମୁଦ୍ର ସହ ଦକ୍ଷ ମାନବ ସମ୍ବଳ ମଧ ରହିଛି। ଦ୍ରୁତ ବିକାଶ ରାସ୍ତାରେ ଏ ରାଜ୍ୟ ଆଗକୁ ସମୃଦ୍ଧ ହେବ ଓ ସଶକ୍ତ ହେବ। ବିକଶିତ ଭାରତ ଗଠନରେ ଓଡ଼ିଶା ସବୁଠୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲେଇବ। ନିକଟରେ ଅନୁଷ୍ଠିତ ଉତ୍କର୍ଷ ଓଡ଼ିଶା ମେକ ଇନ୍ ଓଡ଼ିଶା କନକ୍ଲେଭ-୨୦୨୫ର ଉଦଘାଟନ କରି ଏମିତି ଭବିଷ୍ୟବାଣୀ କରିଛନ୍ତି ଦେଶର ଯଶସ୍ୱୀ ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦି ଏପରିକି ଶିଳ୍ପପତି ମାନଙ୍କୁ ଗ୍ୟାରେଣ୍ଟି ଦେଇଛନ୍ତି ଓଡ଼ିଶାରେ ନିବେଶ କର ନିଶ୍ଚେ ସଫଳତା ପାଇବ। କେନ୍ଦ୍ର ଓ ରାଜ୍ୟ ସରକାର ସବୁ ସହଯୋଗ କରିବେ। ରାଜ୍ୟ ଉତ୍କର୍ଷ ଛୁଇଁବା ସହ ଦେଶ ବିକାଶର ଇଞ୍ଜିନ ସାଜିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମାର୍ଗଦର୍ଶନ ଓ ଦୂରଦୃଷ୍ଟି ଅନୁସାରେ ୨୦୩୬ ସୁଦ୍ଧା ଓଡ଼ିଶା ସମୃଦ୍ଧ ହୋଇ ଏକ ବିକଶିତ ଓଡ଼ିଶା ଭାବେ ଆଗକୁ ଅନ୍ୟ ରାଜ୍ୟ ପାଇଁ ଉଦାହରଣ ସାଜିବ। ଜାତୀୟ ଓ ଆନ୍ତର୍ଜାତିକ ପୁଞ୍ଜିପତି ମାନଙ୍କୁ ଆହ୍ୱାନ ଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମତବ୍ୟକ୍ତ କରିଥିଲେ ଯେ ଆମ ସରକାର ରାଜ୍ୟର ବିକାଶକୁ ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି। ଆଗାମୀ ଭବିଷ୍ୟତକୁ ଆଖିରେ ରଖି ବିଶ୍ୱସ୍ତରୀୟ ଶିଳ୍ପ ଭିତ୍ତିଭୂମି ବିକଶିତ ହେଉଛି। ଶିଳ୍ପ ପାର୍କରୁ ଆରମ୍ଭ କରି ଖାଦ୍ୟ ପ୍ରକ୍ରିୟାକରଣ, ଆଲମୁନିୟମ ଓ ଏସଏମଇ ପାର୍କ ତିରିଶଟି ଜିଲ୍ଲାରେ ପ୍ରତିଷ୍ଠା ହେବାକୁ ଯାଉଛି। ସେ ଏହା ମଧ ମତବ୍ୟକ୍ତ କରିଥିଲେ ଯେ ଓଡ଼ିଶା କେବଳ ସମ୍ଭାବନା ମାଟି ନୁହେଁ ଦେଶର ବିକାଶ ଇଞ୍ଜିନ। ପ୍ରଧାନମନ୍ତ୍ରୀ ପୂର୍ବୋଦୟର ବିକାଶକୁ ସର୍ବାଧିକ ଗୁରୁତ୍ୱ ଦେଉଥିବାବେଳେ ଶିଳ୍ପାୟନ ପାଇଁ ସବୁଠୁ ଅଧିକ ସମ୍ଭାବନା ଓ ସୁଯୋଗ ଓଡ଼ିଶାରେ ହିଁ ରହିଛି।

ମୋହନ ସରକାରଙ୍କ ପ୍ରଥମ ନିବେଶ ସମ୍ମିଳନୀର ପ୍ରଥମ ଦିନରେ ନିବେଶର ସୁଅ ଛୁଟିଛି। ପାଖାପାଖି ଚାରି ଲକ୍ଷ କୋଟି ଟଙ୍କା ନିବେଶ ପ୍ରତିଶ୍ରୁତି ମିଳିଛି। ଆଦାନୀ କମ୍ପାନୀ ସବୁଠାରୁ ବଡ଼ ଏମଓୟୁ ସ୍ୱାକ୍ଷର କରି କମ୍ପାନୀ ଆଗାମୀ ପାଞ୍ଚ ବର୍ଷରେ ଓଡ଼ିଶାରେ ୨.୨୮ ଲକ୍ଷ କୋଟି ଟଙ୍କା ନିବେଶ କରିବାକୁ ଯୋଜନା ରଖିଛି। କମ୍ପାନୀ, ଶକ୍ତି, ସିମେଣ୍ଟ, ଶିଳ୍ପ ପାର୍କ, ଆଲୁମିନିୟମ ଆଦି କ୍ଷେତ୍ରରେ ଏହି ପୁଞ୍ଜି ଖଟାଇବ। ସେହିପରି କେନ୍ଦୁଝରରେ ପୋସ୍କୋ ସହ ମିଳିତ ସହଭାଗିତାରେ ଇସ୍ପାତ କାରଖାନା ସ୍ଥାପନ କରିବା ନେଇ ଏବେ ଅଗ୍ରସର ହେଉଛି ଜେଏସଡବ୍ଲ୍ୟୁ। ଏହି ୟୁନିଟରେ ୩୦ରୁ ୪୦ ହଜାର କୋଟି ଟଙ୍କାର ନିବେଶ ରହିବ ଏବଂ ପାରାଦ୍ୱୀପରେ ୧୨ ନିୟୁତ ଟନ ଇସ୍ପାତ ୟୁନିଟ କାର୍ଯ୍ୟ ଦ୍ୱରାନ୍ୱିତ କରିଛି। ସେହିପରି ଇଣ୍ଡିଆନ ଅଏଲ କର୍ପୋରେସନ ଲିମିଟେଡ ଓଡ଼ିଶାରେ ୭୦ ହଜାର କୋଟି ଟଙ୍କା ନିବେଶ ଯୋଜନା ରଖିଛି। ରାଜ୍ୟର ପେଟ୍ରୋକେମିକାଲ କ୍ଷେତ୍ର ଭାବେ ପାରାଦ୍ୱୀପ ଓ ଭଦ୍ରକରେ ଏହାର ୟୁନିଟ ଗଢ଼ିବ। ଗୋପାଳପୁରରେ ଗ୍ରୀନ ହାଇଡ୍ରୋଜେନ, ଗ୍ରୀନ ଆମୋନିଆ ୟୁନିଟ କରିବାକୁ ଲକ୍ଷ୍ୟ ରଖିଛି ଅଭାଡ଼ା ଗ୍ରୁପ। ସୌର, ପବନ ଓ ଜଳ ଶକ୍ତିକୁ ନେଇ ୨୪ ଘଣ୍ଟିଆ ଗ୍ରୀନ ପାୱାର ସୃଷ୍ଟି ଲକ୍ଷ୍ୟ ରଖିଛି। ଗୋପାଳପୁର ଓ ପାରାଦ୍ୱୀପରେ ୨୦ ହଜାର କୋଟି ଟଙ୍କାର ନିବେଶ ହେବ। ସେହିପରି ଆଲୁମିନିୟମ କ୍ଷେତ୍ରରେ ୧ଲକ୍ଷ କୋଟି ଟଙ୍କାର ନିବେଶ ଯୋଜନା ରଖିଛି ବେଦାନ୍ତ ଗ୍ରୁପ। ଏହି ୟୁନିଟ ଦ୍ୱାରା ୧.୫ଲକ୍ଷ ଲୋକଙ୍କ ଲାଗି ନିଯୁକ୍ତି ସୃଷ୍ଟି ହେବ। ସେହିପରି ଫାଲକନ ଗ୍ରୁପ ଟିଟାନିୟମ ଡାଇଅକ୍ସାଇଡ଼ ଉତ୍ପାଦନକୁ ପୁର୍ନବିକାଶ କରିବାକୁ ଯାଉଛି। ଏଥିପାଇଁ କମ୍ପାନୀ ୧୫ଶହ କୋଟି ଟଙ୍କା ନିବେଶ କରିବ।

ବିର୍ଲା ଗ୍ରୁପ ସହ କପର ଫୁଏଲ ପ୍ଲାଣ୍ଟ ପାଇଁ ଏମଓୟୁ ହୋଇଛି। ଆଲୁମିନିୟମ କ୍ଷେତ୍ରରେ ରାଜ୍ୟରେ ଦୃଢ଼ ଉପସ୍ଥିତି ଥିବା ବେଦାନ୍ତ ଆଲୁମିନିୟମ ୧ ଲକ୍ଷ କୋଟି ଟଙ୍କାର ନିବେଶ ରଖିବ। ପାୱାର ଇଲେକ୍ଟ୍ରୋନିକ୍ସ ପାଇଁ ସେମିକଣ୍ଡକ୍ଟର ନିର୍ମାଣ କରୁଥିବା କମ୍ପାନୀ ସିକ୍ସସେମ ପ୍ରାଇଭେଟ ଲିମିଟେଡ ଭୁବନେଶ୍ୱରରେ ଏକ କମ୍ପାଉଣ୍ଡ ଏକ ସେମିକଣ୍ଡକ୍ଟର ଫାସିଲିଟି ସ୍ଥାପନ କରିବାକୁ ଯାଉଛି। ଏଥିପାଇଁ ୨୫ ଶହ କୋଟି ଟଙ୍କା ନିବେଶ ହେବ। ଓଡ଼ିଶାରେ ଶିଳ୍ପଭିତ୍ତି ଭୂମିକୁ ସୁଦୃଢ଼ କରିବାକୁ ରେଳ ଓ ରାଜପଥ ନେଟୱାର୍କରେ ହଜାରେ କୋଟି ଟଙ୍କାର ପ୍ରକଳ୍ପ କାମ ଚାଲିଛି। ଶିଳ୍ପ ଗୁଡ଼ିକର ଲଜେଷ୍ଟିକ ଖର୍ଚ୍ଚ ହ୍ରାସ କରିବାକୁ ସରକାର ବନ୍ଦର ଗୁଡ଼ିକୁ ଶିଳ୍ପ କ୍ଲଷ୍ଟର ସହ ସଂଯୋଗ କରୁଛନ୍ତି। ନୀଳ ଅର୍ଥନୀତିରେ ଓଡ଼ିଶା ଦେଶର ଅନ୍ୟତମ ଶ୍ରେଷ୍ଠ ରାଜ୍ୟର ପରିଣତ ହେବାକୁ ଯାଉଛି। ଦେଶର ବିକାଶ ସହ ଓଡ଼ିଶାର ପ୍ରଭୂତ ଓ ଦ୍ରୁତ ବିକାଶ ପାଇଁ ନୂଆ ଆଭିମୁଖ୍ୟ ନେଇ ମୋହନ ସରକାର ବ୍ୟବସ୍ଥାରେ ଅନେକ ପରିବର୍ତ୍ତନ କରୁଛନ୍ତି। ସୌର, ପବନ, ଜଳବିଦ୍ୟୁତ ଓ ସବୁଜ ହାଇଡ୍ରୋଜେନ ସମେତ ସବୁଜ ପ୍ରଯୁକ୍ତି ବିଦ୍ୟା ଓ ସବୁଜ ଭବିଷ୍ୟତ ଉପରେ ଭାରତ ଗୁରୁତ୍ୱ ଦେଉଥିବାରୁ ଓଡ଼ିଶାରେ ଅନେକ କମ୍ପାନୀ ଏହି ପ୍ରକଳ୍ପ ଉପରେ ଫୋକସ କରୁଛନ୍ତି। ଏମଏସଏମଇ ଓ ଯୁବ ଷ୍ଟାର୍ଟଅପ୍ ମାନଙ୍କୁ ସହଯୋଗ କରିବାକୁ ବିଭିନ୍ନ କମ୍ପାନୀ ଓଡ଼ିଶାରେ ୟୁନିଟ ଖୋଲୁଛନ୍ତି। ସରକାର ଇଣ୍ଟନସିପ୍ ଓ ଦକ୍ଷତା ବିକାଶ ପାଇଁ ସ୍ୱତନ୍ତ୍ର ପାଣ୍ଠି ଓ ପ୍ୟାକେଜର ବିକାଶ ସରକାର କରୁଛନ୍ତି। ଓଡ଼ିଶା ମଧ ଏକ ଆଧୁନିକ ଅନୁକୂଳ ପରିବେଶ ସୃଷ୍ଟି କରିବାର ଆବଶ୍ୟକତା ରହିଛି ଏହାଦ୍ୱାରା ଓଡ଼ିଶାରେ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବା ସହ ରାଜ୍ୟରେ ସମୃଦ୍ଧି, ଶକ୍ତି ଓ ପ୍ରଗତି ହୋଇପାରିବ। ଓଡ଼ିଶାର ଏହି ବିକାଶ ଦ୍ୱାରା ସ୍ୱାବଲମ୍ବୀମାନେ ନିଜ ଗୋଡ଼ରେ ଛିଡ଼ା ହୋଇପାରିବା ସହ ଯୁବ ବର୍ଗମାନେ ଅନେକ ଷ୍ଟାର୍ଟଅପ୍ ଗଠନ କରିପାରିବେ। ସମୃଦ୍ଧ ଓଡ଼ିଶା ୨୦୩୬ ଓ ବିକଶିତ ଭାରତ ୨୦୪୭ ଲକ୍ଷ୍ୟ ହାସଲ ନେଇ ଓଡ଼ିଶା ସରକାରଙ୍କୁ ସମସ୍ତ ସହଯୋଗ କେନ୍ଦ୍ର ପ୍ରଦାନ କରୁଛି। କେମିକାଲ, ପେଟ୍ରୋକେମିକାଲ୍ସ, ଗ୍ରୀନ ହାଇଡ୍ରୋଜେନ, ଆଇଟି ସର୍ଭିସ, ସେମିକଣ୍ଡକ୍ଟର, ବୟନ ଶିଳ୍ପରେ ଓଡ଼ିଶାରେ ପ୍ରଚୁର ସମ୍ଭାବନା ରହିଥିବାରୁ ଶିଳ୍ପପତି ମାନଙ୍କର ସବୁଠୁ ପସନ୍ଦ ଓ ଭରଷା ଓଡ଼ିଶା ଉପରେ ହିଁ ରହିଛି। ଉତ୍କର୍ଷ ଓଡ଼ିଶାରେ ଅନେକ କ୍ଷୁଦ୍ର, ମଧ୍ୟମ ଓ ବୃହତ୍ତ ଶିଳ୍ପର ନିବେଶକମାନେ ସାମିଲ ହୋଇ ଉତ୍କର୍ଷ ଓଡ଼ିଶାକୁ ନେଇ ଓଡ଼ିଆ ପିଲାଙ୍କ ଭିତରେ ଉତ୍ସାହ ବଢ଼ାଇଛନ୍ତି। ଆଗକୁ ନୂଆ ଷ୍ଟାର୍ଟଅପ୍ ପରିସଂସ୍ଥାନ ଓ ନୂଆ ପୁଞ୍ଜିନିବେଶକାରୀ ମାନଙ୍କ ନିର୍ଭରଯୋଗ୍ୟ ସ୍ଥାନ ପାଲଟିବ ଓଡ଼ିଶା। ଯୁବ ଉଦ୍ୟମୀଙ୍କ ଆକାଂକ୍ଷା ପୂରଣ ହେବା ସହ ବଜାର, ନବ ସୃଜନ ଓ ଆନୁସଙ୍ଗିକ ସମର୍ଥିତ ପ୍ରକ୍ରିୟାକୁ ସରକାର ଜୋରଦାର ପ୍ରୋତ୍ସାହନ ଦେଉଛନ୍ତି। ଓଡ଼ିଶା ଦ୍ରୁତ ବିକାଶର ସମ୍ଭାବନାର କ୍ଷେତ୍ର ପାଲଟୁଛି ଆଗକୁ ଅନେକ ସମ୍ଭାବନାର ଓ ପ୍ରଗତିର କେନ୍ଦ୍ରବିନ୍ଦୁ ହେବ ଓଡ଼ିଶା।


+୪ଜି, ପ୍ରତାପ ଆପାର୍ଟମେଣ୍ଟ, ୭-ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର,

ମୋ : ୯୨୦୪୬୫୨୦୬୫





### ମାଟି

**ଡ. ଦୀପକ କୁମାର ମିଶ୍ର**

ଏଠି ଏକାସଙ୍ଗେ ଜଳିପାରେ ନିଆଁ  
ଜନ୍ମ ଓ ଜୁଇର,  
ଶୈଶବର କ୍ରୀଡ଼ାମଗ୍ନ ଭୂଇଁ ତଳେ ବି  
ଏଠି ଶୋଇପାରେ ନିଶ୍ଚିନ୍ତରେ ଶବ।

ଏ ତ ଛାର ମାଟିର ଶରୀର  
ଝାଟିମାଟି କାନ୍ଥରେ ଲେପାଥିବା  
ଝୋଟି ପରି  
ଧୋଇଯାଏ ଅସରାଏ ବର୍ଷାରେ  
ଜୀବନର ସବୁତକ ରଙ୍ଗ ।

ଏଠି ଫଳେ ସୁନାର ଫସଲ  
ଏଠି ହୁଏ ଋତୁର ଘୂର୍ଣ୍ଣନ  
ଏଠି ଯୁଦ୍ଧ, ରକ୍ତ, ବନ୍ଧ,  
ମୁକ୍ତି ଓ ଆବଦ୍ଧ  
ଏଠି ତ ଡହଡ଼ହ ପତ୍ରଝଡ଼ା  
ପୁଣି ପ୍ରେମର ପାର୍ବଣ ।

ଯେଉଁ ମାଟି ଉପରେ  
ଟାଣିଥିଲା ପ୍ରିୟା  
ଦିନେ ମୌନ ସମ୍ମତିର ଗାର  
ତା ଉପରେ ବୋହିଯାଏ ଆଜି  
ହିଂସାର ନଈଟିଏ  
ରଚି ବଢ଼ି ଓ ବିପ୍ଳାତ ।

ଛୁଞ୍ଚିମୁନର ମାଟି ପାଇଁ ପା'  
ମହାଭାରତ ଯୁଦ୍ଧ  
ଯେବେ କାଟିଦେଲା ଅଲକ୍ଷ୍ୟରେ  
ହରିବୋଲ ହରିଆର ହିଡ଼  
ଗଡ଼ିଗଲା ଗାଁ ମୁଣ୍ଡେ  
ମୁଣ୍ଡ ପରେ ମୁଣ୍ଡ ।

ଟେଳାଏ ମାଟି ବି ରଚିପାରେ  
ଲୀଳାମୟ ଦୃଶ୍ୟ  
ଉଭା ଯେତେ ପୋତା ସେତେ  
ସର୍ବଂସହା ମା' ମାଟି  
ଧ୍ୱଂସ ମୁଖେ ଛିଡ଼ା ହୋଇ  
ମଣିପାରେ ନିଜକୁ ଯେ ଧନ୍ୟ ।


+ ଭୁବନେଶ୍ୱର

ମୋ: ୮୨୮୦୨୧୧୦୦୦


### ପ୍ରଣୟର ଅନୁରାଗ

**ନିରଞ୍ଜନ ସାହୁ**

ତୁମ କଥା କେବେ  
ମନେପଡ଼େ ମୋର  
କେବେ ଜମା ମନେପଡ଼େନା  
କେବେ ତୁମ ସ୍ମୃତି ଆନମନା କରେ  
କେବେ ବି ଜମାରୁ ଗଡେନା ।

କାହିଁକି କେଜାଣି ତୁମକୁ ଖୋଜେ ମୁଁ  
ବାଇଆ ବାତୁଳା ହୋଇ  
କେବେ ତୁମେ ଆସ  
ମିଠା କଥା ଭାଷ  
ପଡ଼ିଥିଲେ ମୁହିଁ ଶୋଇ  
ତୁମେ ସପନରେ ଲୀଳା କରୁଥିଲେ  
କଦାପି ତୁମକୁ ତଡ଼େନା ।

ତୁମକୁ ଭାବିଲେ ଯେତେ ଦୁଃଖ  
ଲାଗେ  
ସେତିକି ଆନନ୍ଦ ଲାଗେ  
ତୁମକୁ ଭୁଲିଲେ ଭୁଲି ହୁଏନାହିଁ  
ପ୍ରଣୟର ଅନୁରାଗେ  
ତୁମ ପ୍ରୀତିବୃକ୍ଷ ଚିରହରିତ ଯେ  
ସମ୍ପର୍କର ପତ୍ର ଝଡ଼େନା ।

ତୁମେ ସ୍ମୃତିପଟେ ରହିଅଛ ବୋଲି  
ଭରିଅଛି ପ୍ରୀତିରଙ୍ଗ  
ତୁମକୁ ସ୍ୱପ୍ନରେ ଦେଖୁଅଛି ବୋଲି  
ଲଭୁଅଛି ତୁମ ସଙ୍ଗ  
ତୁମ ବିନା ଏହି ଆତ୍ମା କାହା ସହ  
ପ୍ରେମ ପ୍ରଣୟରେ ଜଡ଼େନା ।


ନିହଲ ପ୍ରସାଦ, ଗଁଦିଆ ପାଟଣା

ଢେଙ୍କାନାଳ - ୭୫୯୦୧୬

ମୋ : ୯୯୩୮୭୪୧୫୮୩


### ପରୀକ୍ଷା ସମୟ ଆସିଲାଣି

**ବିକାଶ କୁମାର ହୋତା**

ଆସିଲାଣି ପିଲେ ପରୀକ୍ଷା ସମୟ  
କରନାହିଁ ଟିକେ ଭୟ  
କୌଣସି କଥାକୁ ମୁଣ୍ଡରେ ନରଖି  
ପାଠରେ ରଖୁଥା ଲୟ ।

ରାତି ଅଧ ଯାଏ ପାଠକୁ ନପଢ଼ି  
ସଅଳ ଯାଇକି ଶୋଇ  
ପାହାନ୍ତା ଉଠିକି ମନ ଦେଇ ପଢ଼  
ପାଠ ଯିବ ମନେ ରହି ।

ପୁରୁଣା ପାଠର ଆଲୋଚନା କରି  
ଲେଖିବା ଅଭ୍ୟାସ ରଖ  
ନୂଆ ପାଠକୁ ବି ପଢୁଥା ତା ସାଥେ  
ଭାବିଚିନ୍ତି ଟିକେ ଦେଖ ।  
ଅଯଥା ସମୟ ନଷ୍ଟ କରନାହିଁ  
ମୋବାଇଲି ଟାକୁ ଦେଖି  
ଭଲ କରି ପଢ଼ ପରୀକ୍ଷାକୁ ପରା  
ଆଖି ଆଗରେ ଯେ ରଖି ।

ଖେଳିବାଟା ଭଲ ମନ ଫୁର୍ତ୍ତି ପାଇଁ  
କଥାକୁ ରଖିକି ମନେ  
ଚିନ୍ତା ମୁକ୍ତ ହେଲେ ପାଠ ମନେ ରହେ  
କହିଛନ୍ତି ଗୁରୁ ଜନେ ।

ସାହିତ୍ୟ, ବିଜ୍ଞାନ,ଭୂଗୋଳ ପାଠକୁ  
ବୁଝିବା ସହିତ ଘୋଷି  
ଅଙ୍କ ପାଠ ମନେ ରହିବ ତ ପରା  
ବାର ବାର ଦେଲେ କଷି ।

ପରୀକ୍ଷା ସମୟେ ଡରି ନଯାଇ କି  
ଆରାମରେ ବସି ଲେଖ  
ସଠିକ ଲେଖିଲେ ଭଲ ନମ୍ବର ତ  
ରହିବ ରେ ସବୁ ଦେଖ ।

ଗୁରୁ ଗୁରୁଜନ ଆଶୀର୍ବାଦ ଲଭି  
ଜୀବନେ ଆଗେଇ ଯିବା  
ସମାଜର ହିତ ସାଧନ ପାଇଁକି  
ଆଜି ହିଁ ଶପଥ ନେବା ।


+ଦକ୍ଷିଣକାଳୀ ରୋଡ଼ ବିଦ୍ୟାନଗର

ଢେଙ୍କାନାଳ,

ମୋ: ୭୦୦୮୯୨୮୭୯୮

# କବିତାମାଳା

## ବିବର୍ଣ୍ଣ ହୃଦୟର ରେଖାଚିତ୍ର

### ପ୍ର. ଗିରିଜା ଶଂକର ଶର୍ମା



ବେଳେବେଳେ ସମୟର କୁତ୍ସିତ ମୁହଁ ଦିଶେ
ଯିଏ ଆଖିରୁ ଟାଣିନିଏ କଅଁଳିଆ ସ୍ୱପ୍ନ
ଓ ଫିଙ୍ଗିଦିଏ କେଉଁ ଅତଳ ଗହ୍ୱରକୁ ।
ଆକାଶରେ ପହଁରୁଥାନ୍ତି ଦୁଃଖର ମେଘମାନେ
କାହାର ଇଶାରାରେ ଘେରି ଯାଆନ୍ତି
ସେମାନଙ୍କଠୁ ମୁକ୍ତି ପାଇବା
ଆଦୌ ସହଜ ନୁହେଁ ।

ମଣିଷର ଜୀବନ ଦୁଃଖର ଉପତ୍ୟକାରେ
ପ୍ରତି କୂଳ ଦିଗରେ ବହୁଥିବା ନଈଟିଏ ତ
କେତେଥର ଧକ୍କା ଖାଏ ପଥରର ଚଟ୍ଟାଣରେ
ସମୟର କଣ୍ଟା ପୋଡ଼ା ସହେ
କେହି ବୁଝନ୍ତି ନାହିଁ
ନୀରବରେ ଜୀବନଟା
କେତେ କଲବଲ ହୁଏ।

ଏଠି ସରଳ ରେଖାରେ ନଥାଏ
ହୃଦୟ, ପ୍ରେମ କି ଆବେଗ
ସମୟର ଭୂଲ ଭୂଲେୟାରେ
କିଏ କେଉଁଠି ଥାନ୍ତି ଜଣା ପଡ଼େନା ।
ମନଙ୍କୁ ଲଗାମ ଦେବା ବହୁତ କଷ୍ଟ
ମନ ପବନ ଘୋଡ଼ାରୁ
ଉହ୍ଲେଇବାକୁ ସେ ଜମା ଚାହେଁନା
ଦୌଡୁ ଥାଏ ଯେ ଦୌଡୁଥାଏ।

ଯେତେ ଚେଷ୍ଟା କଲେ ବି ଧରା ଦିଏନା
ହୃଦୟ, ପ୍ରେମ କି ଆବେଗ ।
ସାଇବେରିଆର ପବନ ମାଡ଼ି ଆସେ
ବରଫର ଶୀତଳତା ନେଇ
ଜମାଟ ବାନ୍ଧେ ଶୀରା ପ୍ରଶୀରାରେ
ବହୁଥିବା ରକ୍ତ ।

ଏବେ ଫେରିଯିବା ହିଁ ଏକମାତ୍ର ରାସ୍ତା
ପଛରେ ପଡ଼ିଥାଉ ଅସହଜ ମୁହୂର୍ତ୍ତ
କିଛି ରକ୍ତାକ୍ତ ଅବଶୋଷ ।
ନିର୍ଲଜ ବିଶ୍ୱାସରୁ କିଛି ।
ଏବେ ସମସ୍ତଙ୍କୁ ଛାଡ଼ି ଦେବାକୁ ହେବ ।
ହୃଦୟର ପିଂଜରାରେ ବନ୍ଦଥିବା
ଗୋଲାପି ମୁହୂର୍ତ୍ତର ଅବଶିଷ୍ଟାଂଶକୁ
ଉଡ଼େଇ ଦେବାକୁ ହେବ
ଆକାଶରେ- ଅନନ୍ତ ନୀଳିମାରେ ।

❤ ଧନକଉଡ଼ା, ସଂବଲପୁର-୭୬୮୦୦୬
ମୋ: ୮୯୧୭୪୯୦୯୫

## କେହି ତ କୁହ !

### ସୁଶ୍ରୀ ପଲ୍ଲବିତା ସାହୁ



ଛାଇଟି ନିଜର ନିଜ ପାଖେ ଥିଲାବେଳେ
ଚଇତର ଖୁସି ପରି ଫୁଲ ଝରେ
ଅଦିନିଆ ମେଘକୁ ପାସୋରି,

ହେଲେ ଯେବେ ଦେହଟା ;
ନିଜ ଛାଇକୁ ଆଉ ଖୋଜି ପାଏନା...
ସେତେବେଳେ କ'ଣ ଘଟେ ?
କେହି ତ କୁହ !

ପାହାଡ଼ ଦେହରୁ ଅଳି କରି
ଝରଣାଟା ଯେବେ ବହିଯାଏ ମାଟି ଉପରେ,
ଖୁସି ହୁଅନ୍ତି ଫୁଲ,ପକ୍ଷୀ ଓ
କୁନି କୁନି ଜୀବଜନ୍ତୁମାନେ
ମଣିଷ ବି ଖୋଜିନିଏ
ଅଧୀରତାପଣର ସୋହାଗ
ନଦୀ ଜଳ ଝରଣାକୁ କରେ ଆଲିଙ୍ଗନ
ସେତେବେଳେ କ'ଣ ଘଟେ ?
କେହି ତ କୁହ !

ନେଉଳଟେ ଏପଟ ସେପଟ ଚାହିଁ
କିଆବୁଦାମୂଳେ ଡେଇଁ ଡେଇଁ ଚାଲିଯାଏ,
କେଜାଣି ତା' ସଙ୍ଗାତକୁ ଖୋଜୁଥାଏ କି କ'ଣ
;
ଠିକ୍ ସେତିକିବେଳେ ପ୍ରଜାପତିଟା,
ଫୁଲ ଓଠେ ଦୁଷ୍ଟାମିରେ ଚୁମାଟିଏ ଦିଏ
ଫୁଲ ଦେହେ କ'ଣ ଘଟେ ?
କେହି ତ କୁହ !

ଦୀପଟା ସଞ୍ଜବେଳେ ଜଳି ଜଳି
କ'ଣ ସବୁ ନୀରବରେ ଠାକୁରଙ୍କୁ
କହୁଥାଏ ! ତେଲ ନୁହେଁ ତ
ପୁଳାଏ ପ୍ରାର୍ଥନା ଧରି ବୋଧେ
କୋହରେ ଥରୁଥାଏ
ମୁଣ୍ଡେ ଲୁଗା ଦେଇ ବୃନ୍ଦାବତୀ ପାଖେ
କେହି ଜଣେ ଅଦେଖାରେ ମୁଣ୍ଡଟାକୁ ପିଟେ
ତା' ଭିତରେ କ'ଣ ଘଟେ ?
କେହି ତ କୁହ !

ସୁରିଆ ଚିଠି ଦେଇଥିଲା ବାପାକୁ
କାମରୁ ହଲିବାକୁ ତର ନାହିଁ
ସେ ଯାଇପାରିବନି ଗାଁକୁ,
ଟଙ୍କା ପଠାଇଦେଇଛି :-
ବୋଉର ଶୁଦ୍ଧିକାର୍ଯ୍ୟ ଚଳେଇନିଅ

ଚିଠିଟା ବାପା ହାତେ ଥିଲାବେଳେ
ଭିଜିଗଲା ଲୁହ ଟୋପାର ନ୍ୟାୟରେ,,

ବାପାର କ'ଣ ହେଲା.... ??
କେହି ତ କୁହ !!

❤ ଅଧ୍ୟାପିକା
ରାଜସୁନାଖଳା ମହାବିଦ୍ୟାଳୟ
ମୋ :୭୭୩୫୫୯୧୯୩୩



## ଫଗୁଣର ହସ

### ସୁଧାକର ରାଉତ

ତୁମ ଔଦ୍ଧତ୍ୟରେ
ଏବେ ମୁଁ ଶରାହତ
ସରାଗ କୋଠରୀ ନିବୁଜ କରି
ସେଥିପାଇଁ ତ ବାହାରେ ଠିଆ ହୋଇ
ଦେଖୁଛି ନିଜ ଅନାଗତ ଭବିଷ୍ୟତ ।

କାହିଁ ପାଇଁ ତୁମର ଆନମନା ଭାବ
ଏକାନ୍ତ କମନୀୟତାରେ ମତୁଆଲା ମନ
ନିଜକୁ ଦଗଧ କରି ତିଳ ତିଳ
ଅଧୁନା ଖୋଜେ ତୁମର ସେ
ପ୍ରେମସିକ୍ତ ଯୁଗଳ ନୟନ ।

ଆପଣାକୁ ଦେଖ ଥରେ ଚାହିଁ
ଫଗୁଣର ଏ ମଧୁର ଲଗନେ
ମୁଁ ଯାତନାର ଉପଚାର
ଖୋଜିବଇଁ କାହିଁ ।
ମୋ ସ୍ୱର୍ଣ୍ଣ ପ୍ରତ୍ୟୁଷ
ହାଇମାରେ ତୁମ ଚତୁରତାରେ
ହୋଇଣ ନିରାଶ ।

ତୁମ ଯନ୍ତ୍ରଣା ଯାତନାରୁ
ଖାସ ତୁମପାଇଁ
ଫୁଟାଇଛି ଅନେକ ଫୁଲର ହସ
ନହୋଇ ନିରାଶ ।

❤ ପ୍ରତାପ ନଗରୀ, କଟକ
ମୋ-୮୨୪୯୯୩୨୭୯୨

## କଳାକାହ୍ନୁ କଳାନିଧି

### ଧ୍ରୁବ ଚରଣ ବେହେରା



ତୋ ପରି ବନ୍ଧୁଟେ ଥିଲେ ରେ କାଳିଆ
ଡର ବା ଆଉ କାହାକୁ
ସବୁ ଭାଙ୍ଗି ସବୁ ଗଢି ଥାଉ ପୁଣି
ଏକଥା ଜଣା ସଭିଙ୍କୁ
କାଳିଆରେ ତୋ ପାଦ ମୋର ମଥାକୁ
ଆଶୀର୍ବାଦ ହାତ ଟେକି ଥା ସବୁ ଦିନକୁ ।।

ଯାହା ମୁଁ ମାଗିଛି ସବୁ ତ ଦେଇଛୁ
ଧନୀ ସୌଦାଗର ବୋଲି
ସେଥି ଲାଗି ପରା ତୋ'ର ଦାତା ପଣେ
ଚିର ମୁଁ ସରଣ ଗଲି
ଭାବିବୁନି ମୁହଁ ଗର୍ବ କରେ କାହିଁ
ତୋ ନାମ ଧର୍ମ ନ୍ୟାୟକୁ
କାଳିଆରେ ତୋ ପାଦ ମୋର ମଥାକୁ
ଆଶୀର୍ବାଦ ହାତ ଟେକି ଦେ ସବୁ ଦିନକୁ ।।

ତୋ ଦାତା ପଣକୁ ଜଗତ ମାନୁଛି
ମାନୁଥିବ ସବୁ ଦିନ
ସେଥି ଲାଗି ପରା ଦୁଃଖୀ ରଙ୍କ ଲାଗି
ଶୁଭେ ତୋ ନାମ କୀର୍ତନ
ଦୁଃଖୀ ଅଶ୍ରୁ ଝରେ ଚକ୍ଷୁ ଠାରୁ ଓଠ
କହିବି ଆଉ କାହାକୁ
କାଳିଆରେ ତୋ ପାଦ ମୋର ମଥାକୁ
ଆଶୀର୍ବାଦ ହାତ ଟେକି ଦେ ସବୁ ଦିନକୁ ।।

କି ଦେଇ ପୂଜିବି କିଛି ମୁଁ ଜାଣିନି
ଅଜ୍ଞାନୀ ମୂଢ ମୋ ବୁଦ୍ଧି
ଦେ ତୋ କରୁଣା ହଟିଆ ନାଗର
ଜୀବନ ହେବ ମୋ ସିଦ୍ଧି
ମୋ ଆଖିର ଅଶ୍ରୁ ତୋ ପଦ ଧୋଇଲେ
ଜୀବନ ମୋକ୍ଷ ଆଗକୁ
କାଳିଆରେ ତୋ ପାଦ ମୋର ମଥାକୁ
ଆଶୀର୍ବାଦ ହାତ ଟେକି ଦେ ସବୁ ଦିନକୁ
।

ଭକ୍ତି ନୈବେଦ୍ୟରେ ହୃଦୟ ଭରିବ
କଳାକାହ୍ନୁ କଳାନିଧି
ପର କରିବୁନି ମୋ କଳା ସାଆନ୍ତ
ନାହିଁ ମୋର ଜ୍ଞାନ ବୁଦ୍ଧି
ଦିନ ରାତି ତୋର ଆଜ୍ଞାବଳେ ଜାତ
ବାକି ନାହିଁ କହିବାକୁ
କାଳିଆରେ ତୋ ପାଦ ମୋର ମଥାକୁ
ଆଶୀର୍ବାଦ ହାତ ଟେକି ଦେ ସବୁ ଦିନକୁ
।

❤ ଭାରତୀୟ ସାମରିକ ସେବା ।
ଅଠରବାଟିଆ,ବାଲୁଗାଁ, ଖୋର୍ଦ୍ଧା
ମୋ:୮୩୨୮୯୩୦୫୫୪

## ହୃଦୟ ଲେଖା

### ଗଜାନନ ମିଶ୍ର

ଭିଡ ଦେଖି
ବଦଳେଇଛି ମୋଡ।
ପାରି ନି କହି କିଛି
ସ୍ୱାର୍ଥକୁ ନେଇ
ଆଗକୁ ଚାଲ୍‌ରେ ଗୋଡ।

ପାଖରେ ରହି
ତେଲମାଲିସ୍ କରି
ଭିତରେ ଭରୁଛି ବିଷ,
ରକ୍ତ ମାଂସ ମଜ୍ଜା ସବୁ
ଶୋଷି ନେବାକୁ ଆଶ।

କିଏ ଭାଇ କିଏ ବିଶ୍ୱାସୀ
କିଏ ବନ୍ଧୁ କିଏ ନିରାମିଷି
ପଡୁଛି ବଳେ ଜଣା,
ବୁଡି ମରୁଛି ମୁଁ ଆପଣା ଆପେ
ଦେହଯାକ ମୋର କଣା।

କୋଉଠିକୁ ଯାଇ ରହିବି
ସ୍ୱସ୍ତି ସ୍ୱସ୍ତି କୋଉଠି,
ଗନ୍ଧଉଛି ପଚିସଢି
ମୋ ଭିତରେ ମୁଁ ଇ
କଲେଣି ସଭିଏଁ ପିଠି।

ଉଦ୍ୟତ ମୁଁ ଜାଗ୍ରତ ମୁଁ
ସତ୍ୟ ମୋ ପତାକା,
ଉଡାଉଛି ଫରଫର ତଥାପି
ବାହାରକରି କରି ହୃଦୟ ଭିତରୁ
ଶୁଦ୍ଧ ସୁବର୍ଣ୍ଣ ସବୁ ଲେଖା।

❤ ତପୋବନ, ଟିଟିଲାଗଡ-୭୬୭୦୩୩

## ମହାସ୍ନାନ

### ବନିତା ମହାରଣା



ଯେତେ ମହାସ୍ନାନ କରିଲେ କି ହେବ
ଧୋଇଲେ କି ହେବ ତୁମରି ଦେହ,
କାମ କ୍ରୋଧେ ନିତି ବୁଡ଼ ପକେଇଣ
ଭିଡ଼ିକି ଧରିଛ କାମନା ମୋହ ।।

ଦେହଟା ତ ଦିନେ ଦାହ ହୋଇଯିବ
ରହିଯିବ ଖାଲି ତୁମରି ଆତ୍ମା,
ଯାହା କରିଅଛ ଯାହା ବି କରୁଛ
ସବୁ ଦେଖୁଛନ୍ତି ସେ ପରମାତ୍ମା ।।

ଲୋକ ଦେଖାଣିଆ ସମାଜ ସେବାରେ
କିଏ କରୁଥାଏ ପରୋପକାର,
ନିଜ ବ୍ୟତିରକ କିଏ ଜାଣିଅଛି
କେମିତିକା ତୁମ ନିଜ ବିଚାର ।।

ଶରୀରକୁ ତୁମ ଗଙ୍ଗାରେ ଧୋଇଲେ
ଲିଭିଥାନ୍ତା ଯଦି ସମସ୍ତ ପାପ,
ସ୍ୱୟଂ ଗଙ୍ଗାପୁତ୍ର ଯନ୍ତ୍ରଣା ଯୁଇରେ
କାହିଁ ହେଉଥିଲେ ସେ ଛଟପଟ ।।

ହତ୍ୟାକାରୀ ନିତି ହତ୍ୟା କରିଦେଇ
ଯଦିଓ କରିବ ସେ ମହାସ୍ନାନ,
କେଉଁ ତପବଳେ କେଉଁ ପୁଣ୍ୟଜଳେ
ସ୍ୱର୍ଗରେ ରହିବ ସେ ମହାଜନ ।।

ତୁଣ୍ଡେ ଧରୁଥାଅ ରାମନାମ ପୁଣି
ଦେହେ ବାଢୁଥାଅ କାମନା ଭୋକ,
ପାପକାର୍ଯ୍ୟେ ନିତି ଲିପ୍ତରହି ତୁମେ
ଡାକୁଛ ଶୁଣହେ ଈଶ୍ୱର ରଖ ।।

ମହାସ୍ନାନ ତୁମେ କରିବା ଆଗରୁ
ଧୋଇଦିଅ ସବୁ ନିମ୍ନ ବିଚାର,
ପାପପରା ତୁମ ବିଚାର କରଇ
ପାପ କରେନାହିଁ ଏଇ ଶରୀର ।।

❤ କଳିଙ୍ଗା, କନ୍ଧମାଳ

## ଆଜି ପ୍ରେମ ଦିବସ

### ଲତିକା ମହାପାତ୍ର



କେବେ କି ଆଦର ଦେଇ ଶିଖିଚି
ଆମ ସମାଜ ସେଇ ମଧୁର ଅନୁଭବକୁ
ଯାହା କେବେ କେମିତି ଛୁଇଁ ଦେଇଯାଏ
ଏଇ ମନର ଅଗଣା ?

ଯାହା ଘଟିଯିବା ପରେ ଅକସ୍ମାତ
କେଉଁ ବିରଳ ମନ୍ମୟ ଲଗ୍ନରେ

ଅବତରି ଆସେ ସତେ କି କେଉଁ
ଅଜଣା କଳ୍ପଲୋକରୁ
ଅଭିଷିକ୍ତ ହୁଏ ହୃଦୟର କଅଁଳ ଶେଜରେ

ବୁଝି ହୁଏ
ପୁଣି ବୁଝି ବି ହୁଏନା
କଣ ସବୁ ଘଟିଯାଏ ଅଥଚ ବୁଝେଇ ହୁଏନା
ସେଇ ମୁଲାୟମ ଭାବଟିର ନାଁ କଣ ପ୍ରେମ ?
ନ ଥାଏ ଜାତି, ଗୋତ୍ର, ବର୍ଣ୍ଣ ଅବା
ଶ୍ରେଣୀର ଜ୍ଞାନ କି ଗୋଚର
ଭାବର ଅକୁହା ଉଦବେଳନ
ଅଥଚ ଚାରିପଟେ କେତେ କୋଳାହଳ
କଳଙ୍କ କୁତ୍ସା

ନ ଥାଏ ପ୍ରାପ୍ତିର ଲାଳସା
ଅପ୍ରାପ୍ତିର ଅସନ୍ତୋଷ
କେଡେ ଆଦରରେ ସେ ପିନ୍ଧିଥାଏ
ଜ୍ୟୋତ୍ସ୍ନାୟିତ ଅପଯଶ

ସେଠି ଲୁହ ରେ ବି ନଥାଏ
ଯନ୍ତ୍ରଣାର ଲେଶ
କୋହରେ ମିଠାସ
ଜ୍ୱଳନ ବି ତାରକିତ ହସ
ଦୂରତାରେ ନିବିଡ଼ତା

ଅବୁଝା ଏ ପୃଥିବୀ
କେବେ ଅବା ଦେଇପାରିଛି
ଦୁଇ ପ୍ରେମୀଙ୍କୁ ସ୍ୱପ୍ନର ନିବାସ
ଖାଲି ପରସିଛି ରାଶି ରାଶି ରୋଷ
ବିଳାପ ବିଦ୍ୱେଷ
ଅସରା ସନ୍ତ୍ରାସ

ଯେଉଁ ପୃଥିବୀରେ ଥାନ ନାଇଁ
ପ୍ରେମ ପାଇଁ
ନାହିଁ ସଂଭ୍ରମ ସମ୍ମାନ
ସେଠି ସଭ୍ୟତାର ଉନ୍ମେଷ ଘଟିନି
ଘଟିପାରିବନି..

❤ ତାଳଚେର

## ନାଁ ତା'ର ଘରଣୀ

### ସୁଚିତ୍ରା ସାହୁ



ଘର ଅଗଣାରେ ଚଉରା ମୂଳରେ
ନିତି ସଂଜ ଧୂପ ଦିଏ,
କାହା ଘର ଝିଅ ଥିଲା ସିନା ସିଏ
ଆଜି ତୁମ ବୋହୂ ସିଏ ।

କାମ କରେ ସିଏ ଦାସୀଟିଏ ପରି
ନ୍ୟାୟ କରେ ମନ୍ତ୍ରୀ ପରି
ଧୈର୍ଯ୍ୟରେ ସେ ମାତା
ଶୟନରେ ରମ୍ଭା ରୂପରେ ସେ ଲକ୍ଷ୍ମୀ ସରି ।

ସହିବାରେ ସିଏ ଧରିତ୍ରୀ ସମାନ
ସ୍ୱାମୀ ପାଇଁ ବନ୍ଧୁଟିଏ
ଶାଶୁ ଶ୍ୱଶୁରଙ୍କ ବୋହୂଟିଏ ସିନା
ତୁମ ଘର ଲକ୍ଷ୍ମୀ ସିଏ ।

ସଭିଙ୍କୁ ସେ ବାନ୍ଧେ ପଣତକାନିରେ
ଛାତିରେ ଲୁଚାଇ କୋହ
ସଭିଙ୍କୁ ହସାଇ ନିଜେ ହସିଦିଏ
ଦିଏ ନାହିଁ କେବେ ଲୁହ ।

ଘରଣୀଟିଏ ସେ ଘର ପାଇଁ ସିନା
ଗୃହିଣୀ ନାମକୁ ବୋଲାଇ
କର୍ମ କରେ ନିତି ଧର୍ମ କରେ
ନିତି ହୃଦେ ଆରାଧ୍ୟା ଦେବତା ଧ୍ୟାୟୀ ।

କେବେ ସେ ଦୁହିତା କେବେ ସେ ପତ୍ନୀ
କେବେ ସେ ଜନନୀଟିଏ,
କେବେ ସେ ଘରଣୀ କେବେ ସେ ଭଗିନୀ
କେବେ କୂଳବଧୂଟିଏ ।

ନାରୀ ଜୀବନର ରଥର ସାରଥୀ
ନିଜ ସ୍ୱାମୀ ହୁଏ ସିନା
ସ୍ୱାମୀ ମନ ନେଇ ଚଳିଲେ
ସେ ହେବ ଉତ୍ତମ ପତ୍ନୀରେ ଗଣା ।

ଅଶୁଭକୁ ଦୂରେଇ ଶୁଭ ମନାସେ
ସିଏ ସିନା ସୁନା ବୋହୂ
ଯେତେ ଅସୁବିଧା ବିଘ୍ନ ଆସୁ ପଛେ
ବିପଦୁ ଉଦ୍ଧାରେ ସେହୁ ।

ସୁଖ ଦିଏ ସିଏ ଶାନ୍ତି ଦିଏ
ସିଏ ପୁଣି ରାନ୍ଧି ଦିଏ ଆହାର
ସଭିଙ୍କୁ ସମାନ ଭାବିଥାଏ
ସିଏ ଭାବେନା ପର କି ନିଜର ।

ସଂସାର ରଥର ଦ୍ୱିତୀୟ ଚକ ସେ
ସେ ଅଟଇ ଘରର ଲକ୍ଷ୍ମୀ
ସମୟ ଚକରେ ବନ୍ଧା ତା ଜୀବନ
ସିଏ କୂଳ ଧର୍ମ ପତ୍ନୀ ।

❤ ପୋଖରୀ ଗାଁ, ନିଆଳି, କଟକ

## ଭିନ୍ନ ଭିନ୍ନ ଭାଗ୍ୟ

### ଆଦ୍ୟାଶା ମହାପାତ୍ର



କେଉଁ ଫୁଲ ଯାଏ ମଶାଣି ପଦାକୁ
ଦଗ୍ଧ ହୁଏ ଦେହ ସାଥେ
କିଏ ଜାଳେ ସିନା ରୂପର ରୋଷଣୀ
ଲାଗେନା ଈଶ୍ୱର ମାଥେ ।।

ବାସ୍ନା ବିନା କାର ମନେ ନାହିଁ ଖୁସି
ପାଏନା ସ୍ନେହ ଆଦର
କିଏ ପୁଣି ଝଡି ମିଶଇ ମାଟିରେ
ସହେନା ଆଲୋକ ତୀର ।।

ଥାଇ କା'ର ମଧ୍ୟେ ବାସନା ପ୍ରଖର
ରହିଯାଏ ଅବସୋସ
ଦୃଷ୍ଟି ଆଢୁଆଳେ ରହେ ଆଜୀବନ
ଗୁଣ ଥାଇ ଶୂନ୍ୟ ଯଶ ।।

ଅଜ୍ଞାତବାସରେ ରହିଯାଏ କିଏ
ନିୟତି ନିୟମ ମାନି
ରହିଯାଏ ସ୍ୱପ୍ନ ଅଧା ଅଧୁରାରେ
ଦୁର୍ଭାଗ୍ୟକୁ ହୁଏ ଗୁଣି ।।

କେଉଁ ଫୁଲ ଛୁଏଁ ପ୍ରଜାପତି ଓଠ
ପ୍ରୀତିପଣେ ଉଠେ ଝଳି
ତୀକ୍ଷ୍ଣ ନଖରେ କେ ହୁଏ କ୍ଷତାକ୍ତ
କାରେ ତୋଳିନିଏ ମାଳି ।।

ଦୁଷ୍କର୍ମ ପୀଡ଼ିତା ମର ଶରୀରରେ
ପଡ଼େ କା ଛିଣ୍ଡା ପାଖୁଡ଼ା
ପ୍ରେୟସୀ ଗଭାରେ ଶୋଭାପାଏ କିଏ
କେ ପୁଣି ରିକ୍ତ ଅଲୋଡା ।।

କେଉଁ ଫୁଲ ଦେଖେ ନିଜକୁ ମନ୍ଦିରେ
କିଏ ଦୁଃଖେ ମୁହ୍ୟମାନ
ଫୁଟି ଥାନ୍ତି କେତେ ଫୁଲ ବଗିଚାରେ
ଭାଗ୍ୟ କିନ୍ତୁ ଭିନ୍ନ ଭିନ୍ନ ।।

❤ ନୂଆପଡା, କଟକ

## ବସନ୍ତ ସ୍ଫୁରିବ ଏବେ

### ନୀଳାମ୍ବର ପଣ୍ଡା



ଋତୁଚକ୍ର ଅନୁକ୍ରମେ
ଏବେ ଶୀତକାଳ ଅବସିତ
ହ୍ରାସିତ ତା ଔଦ୍ଧତ୍ୟ ଦାପଟ
ପରିବର୍ତ୍ତିତ ଆବହାଓ୍ୱାର
ଉଷ୍ମିତ ସ୍ପର୍ଶନେ ନିବାରିତ
ହାଡଛୁଆଁ ଜାଡର ଜମାଟ ।

ଆଉନାହିଁ
ଥୁରୁଥୁର ଶୀତାର୍ତ୍ତର ଶଙ୍କା
ଉଭାନ ସେ ହେମାଳିଆ ପବନ ହାବୁକା
ଶୀତାକ୍ରାନ୍ତ କଷଣରୁ ମୁକ୍ତପ୍ରାୟ ଜନପ୍ରାଣ
ବିଶେଷତଃ ପ୍ରୌଢ ଏବଂ ପ୍ରୌଢା
ଶୀତାନ୍ତର ସୁଖସ୍ପର୍ଶେ ଉଚ୍ଛ୍ୱସିତ
ରାସ୍ତାଧାର ଗରୀବ ବାପୁଡା ।

ଜମାଟିଆ ଶୀତର ଦୌରାତ୍ମ୍ୟ ବିତାଡି
ଲହରା ଥଣ୍ଡାର ବହଳତା ଫାଡି
ଘନୀଭୂତ କୁହୁଡ଼ିର ବଳୟ ଦରାଣ୍ଡି
ଋତୁସନ୍ଧି ବୈଶିଷ୍ଟ୍ୟର ସିଦ୍ଧାନ୍ତିତ ସର୍ତ୍ତେ
ଏବେଏବେ ମୁହାଁଇଛି
କଅଁଳିଆ ବସନ୍ତ ହୃଷିତେ ।

ଶୀତପର୍ବ ଅବଶେଷେ
ବସନ୍ତ ସ୍ଫୁରୁଛି ଧିରେ
ଚୋରାମଳୟର ମୃଦୁ ହିଲ୍ଲୋଳରେ
ଆମଗାଆଁ ନଈପଠା ତୋଟାମାଳେ
କଅଁଳିତ ଡାଳରେ ପତ୍ରରେ
ଫୁଲ/କଢ/ବଉଳପେନ୍ଥିରେ
ଶୀତଶ୍ରାନ୍ତ ପ୍ରକୃତିର ନବିକୃତ ରୂପାଭ୍ୟୁଦୟରେ
ଫଗୁଣ ଆସୁଛି ଧିରେ
ପ୍ରେମାନ୍ୱିତ ଭାବୋଦ୍ଦୀପନରେ ।

ଶୀତୁଳିତ କ୍ଲିଷ୍ଟତାର ଦୂରିଭୁତେ
ହୃଷ୍ଟତାର ମାଦକୀୟେ
ଉନ୍ମେଷିତ/ପୁଲକିତ ଧରା
ବସନ୍ତ ସ୍ପର୍ଶୀବ ଏବେ
ଋତୁରାଗ ମଗ୍ନତାରେ-
କୋଇଲିର କୁହୁତାନେ-
ଫୁଲର ଫଗୁଣେ-
ରଙ୍ଗରାଗ- ରାସରସୋତ୍ତୀର୍ଣ୍ଣେ
ଏବଂ ମୋ ପ୍ରିୟାର ଭଙ୍ଗୁର ଯୌବନେ ।

❤ ୭,କୋକିଳା କଟେଜ
ଭୁବନେଶ୍ୱର-୭୫୧୦୦୨
ମୋ: ୭୬୮୧୦୨୧୮୩୦

# ଅଂଚଳବାସୀଙ୍କ ଆବଶ୍ୟକତାକୁ ଗୁରୁତ୍ୱ ଦେଇ ଅଂଚଳର ସର୍ବାଙ୍ଗୀନ ବିକାଶ ପାଇଁ କାର୍ଯ୍ୟ କରୁଛି: ବିଧାୟକ ଦୁର୍ଗାଚରଣ ତନ୍ତୀ

ରାଉରକେଲା, ୧୭/୨ (ନି.ପ୍ର): ଆଜି ରଘୁନାଥପଲ୍ଲୀ ବିଧାନସଭା କ୍ଷେତ୍ରର ଏକ ସାମ୍ବାଦିକ ସମ୍ମିଳନୀ ସେକ୍ଟର -୨୦ ସ୍ଥିତ ମଣ୍ଡପରେ ଅନୁଷ୍ଠିତ ହୋଇଥିଲା । ରଘୁନାଥପାଲ୍ଲୀ ବିଧାୟକ ଦୁର୍ଗାଚରଣ ତନ୍ତୀ ଏହି ସମ୍ମିଳନୀକୁ ଉଦବୋଧନ ଦେଇ ତାଙ୍କ ବକ୍ତବ୍ୟରେ କହିଲେ ଯେ, ଓଡ଼ିଶାର ଅନ୍ୟତମ ଆଦିବାସୀ ବହୁଳ ଜିଲ୍ଲା ଭାବେ ପରିଚିତ ଆମର ଏଇ ସୁନ୍ଦରଗଡ଼ ରାଜସ୍ୱ ଜିଲ୍ଲା ଅଧୀନରେ ଅଛି ରଘୁନାଥପାଲ୍ଲୀ ଉଧାନସଭା ନିର୍ବାଚନ ମଣ୍ଡଳୀ । ଗତ ୨୦୨୪ ସାଧାରଣ ନିର୍ବାଚନ ପରେ ଓଡ଼ିଶାରେ ୨୪ ବର୍ଷର ବିଜେଡି ଶାସନର ପରିସମାପ୍ତି ଘଟି ମୋହନ ଚରଣ ମାଝିଙ୍କ ନେତୃତ୍ୱରେ ରାଜ୍ୟରେ ବିଜେପି ସରକାର ଗଠନ ହେବା ପରେ ରଘୁନାଥପାଲ୍ଲୀ ବିଧାନସଭା ନିର୍ବାଚନ ମଣ୍ଡଳୀରୁ ବିଧାୟକ ଭାବେ ନିର୍ବାଚିତ ହେବାପରେ ମୁଁ ଗତ ୮ ମାସ ମଧ୍ୟରେ ମୋ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସମସ୍ତ ଅଂଚଳକୁ ଗସ୍ତ କରି ଲୋକଙ୍କ ପାଖକୁ ଯାଇ ସେମାନଙ୍କର ଆବଶ୍ୟକତାକୁ ଗୁରୁତ୍ୱ ଦେଇ ଅଂଚଳର ସର୍ବାଙ୍ଗୀନ ବିକାଶ ଓ ଉନ୍ନତି ପାଇଁ ନିରନ୍ତର ଚେଷ୍ଟା କରିଆସିଛି ବୋଲି କହିଛନ୍ତି ରଘୁନାଥପାଲ୍ଲୀ ବିଧାୟକ ଦୂର୍ଗା ଚରଣ ତନ୍ତୀ । ନିଜ କାର୍ଯ୍ୟକାଳର ୬ ମାସ ପୂର୍ତି ଅବସରରେ ଆଜି ସ୍ଥାନୀୟ ସେକ୍ଟର-୨୦ ସ୍ଥିତ କମ୍ୟୁନିଟି ସେଣ୍ଟର ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଯୋଗଦେଇ ବିଧାୟକ ଶ୍ରୀ ଦୁର୍ଗା ନିଜର ଏହି ଛଅ ମାସ କାର୍ଯ୍ୟକାଳ ମଧ୍ୟରେ ନିଜ ଅଂଚକବାସୀଙ୍କ ଆବଶ୍ୟକତା ଏବଂ ଅଞ୍ଚଳର ସର୍ବାଙ୍ଗୀନ ଉନ୍ନତି ନିମିତ୍ତ କରିଥିବା କାର୍ଯ୍ୟ ସମ୍ବନ୍ଧୀୟ ଏକ ସମ୍ୟକ ସୁଚି ରିପୋର୍ଟ କାର୍ଡ ମାଧ୍ୟମରେ ଜନତାଙ୍କ ଉଦ୍ଦେଶ୍ୟରେ ଜାରି କରିଛନ୍ତି । ଏହି ଅବସରରେ ରାଉରକେଲା, ରଘୁନାଥପାଲ୍ଲୀ ବିଧାନସଭା ସମେତ ସମଗ୍ର ଜିଲ୍ଲାର ବିକାଶ ନିମିତ ସାମ୍ବାଦିକ ମାନଙ୍କ ଦ୍ୱାରା ଉପସ୍ଥାପନ କରାଯାଇଥିବା କେତୋଟି ପ୍ରଶ୍ନର ଉତର ଦେବାକୁ ଯାଇ ବିଧାୟକ ଶ୍ରୀ ଦୂର୍ଗା । ନିଜ ଉତରରେ ସାମ୍ବାଦିକମାନେ ହେଉଛନ୍ତି ସମାଜର ଆଖି, ନାକ ଓ କାନ ସଦୃଶ ତେଣୁ ଆଗାମୀ ଦିନରେ ନିଶ୍ଚିତ ଭାବରେ ଆପଣମାନଙ୍କ ପରାମର୍ଶକୁ ଗମ୍ଭିରତାର ସହ ବିଚାରକୁ ନେଇ ଆବଶ୍ୟକତାନୁସାରେ ବିଭାଗୀୟ ଅଧିକାରୀ, ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରି ଅଂଚଳର ବିକାଶକୁ ନିଶ୍ଚିତ ଭାବରେ ଆଗେଇନେବି ବୋଲି ବିଧାୟକ ଶ୍ରୀ ଦୂର୍ଗା ଚରଣ ତନ୍ତୀ ପ୍ରତିଶୃତି ଦେଇଥିଲେ ।

ଏଠାରେ ସୂଚନାଯୋଗ୍ୟ, ବିଧାୟକ ଭାବେ ନିର୍ବାଚିତ ହେବର ୪ ମାସ ମଧ୍ୟରେ ନିଜର ତିନି ମାସ କାର୍ଯ୍ୟର ରିପୋର୍ଟ କାର୍ଡ ପୂର୍ବରୁ ବିଧାୟଜ ଶ୍ରୀ ଦୂର୍ଗା ଜନତାଙ୍କ ନିକଟରେ ରଖିସାରିଛନ୍ତି । ରାଉରକେଲା ମହାନଗର ନିଗମ ନିର୍ବାଚନ, ରାଉରକେଲା ଶିକ୍ଷା ଜିଲ୍ଲାରେ ଅଧିକାରୀଙ୍କ ନିଯୁକ୍ତି ଜଣେ ଅଧିକାରୀଙ୍କ ଦ୍ୱାରା ଏକାଧିକ ବିଭାଗ ପରିଚାଳନାକୁ ନେଇ ହୋଇଥିବା ପ୍ରଶ୍ନର ଉତର ଦେବାକୁ ଯାଇ ବିଧାୟଜ ଶ୍ରୀ ଦୂର୍ଗା ତନ୍ତୀ ଆମ ସରକାର ଏଥି ପ୍ରତି ନଜର ରଖିବା ସହ ସମସ୍ୟାର ସମାଧାନ ପାଇଁ ଅତିଶୀଘ୍ର ପଦକ୍ଷେପ ନେବେ ବୋଲି ବିଧାୟଜ ଶ୍ରୀ ଦୂର୍ଗା ଚରଣ ତନ୍ତୀ କହିବା ସହ ଆଗାମୀ ଦିନରେ ଅଂଚଳ ତଥା ଅଂଚଳବାସୀଙ୍କ ସର୍ବାଙ୍ଗୀନ ବିକାଶ ନିମିତ ଗଣମାଧମର ସହଯୋଗ କାମନା କରିଥିଲେ ।

ଏହି ସାମ୍ବାଦିକ ସମ୍ମିଳନୀରେ ପାନପୋଷ ସାଂଘାଠନିକ ଜିଲ୍ଲା ସଭାନେତ୍ରୀ ଶ୍ରୀମତୀ ଲତିକା ପଟ୍ଟନାୟକ, ମୁଖପାତ୍ର ଶ୍ରୀ ଗଙ୍ଗାଧର ଦାଶ, ଜିଲ୍ଲା ସମ୍ପାଦକ ଅଜୟ କଂସାରୀ, ମଧୁବାବୁ ମଣ୍ଡଳ ସଭାନେତ୍ରୀ ପ୍ରତିମା ରାଉତ, ଜଗନ୍ନାଥ ମଣ୍ଡଳ ସଭାନେତ୍ରୀ ମମତା ମହାନ୍ତି, ନିର୍ମଳ ମୁଣ୍ଡା ମଣ୍ଡଳ ସଭାନେତ୍ରୀ ରଞ୍ଜିତା କିସପଟ୍ଟା ଉପସ୍ଥିତ ଥିଲେ ।

# ଡୁଙ୍ଗୁରିପାଲିରେ ବ୍ଲକସ୍ତରୀୟ ସୁରେନ୍ଦ୍ର ସାଏ ଦିବ୍ୟଦୃଷ୍ଟି ଯୋଜନା କାର୍ଯ୍ୟକ୍ରମ ଅନୁଷ୍ଠିତ

ସୁବର୍ଣ୍ଣପୁର, ୧୭/୨ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ଅନ୍ତର୍ଗତ ଓଡିଶା ଆଦର୍ଶ ବିଦ୍ୟାଳୟ ଫଟାମୁଣ୍ଡାଠାରେ ଶିକ୍ଷା ଓ ସ୍ୱାସ୍ଥ୍ୟ ବିଭାଗ ମିଳିତ ଆନୁକୂଲ୍ୟରେ ବ୍ଲକସ୍ତରୀୟ ସୁରେନ୍ଦ୍ର ସାଏ ଦିବ୍ୟଦୃଷ୍ଟି ଯୋଜନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ବିଦ୍ୟାଳୟର ଅଧକ୍ଷ ହିମାଂଶୁ କଅଁର ଉକ୍ତ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ଡୁଙ୍ଗୁରିପାଲି ବ୍ଲକର ସହଲା, ଚେରୁପାଲି ଓ ଡୁଙ୍ଗୁରିପାଲି କ୍ଲଷ୍ଟରର ୧୭୮ଜଣ ଛାତ୍ରଛାତ୍ରୀ ମାନଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା । ସେଥି ମଧ୍ୟରୁ ୧୧୨ଜଣ ଛାତ୍ରଛାତ୍ରୀମାନଙ୍କୁ ପରବର୍ତ୍ତୀ ସମୟରେ ଚଷମା ପ୍ରଦାନ କରାଯିବ । ୫ଜଣ ଛାତ୍ରଛାତ୍ରୀଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ସୁବର୍ଣ୍ଣପୁରକୁ ଉତ୍ତମ ଚିକିତ୍ସା ପାଇଁ ଯିବାକୁ ଉକ୍ତ ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି । ଡୁଙ୍ଗୁରିପାଲି ଗୋଷ୍ଠୀ ଚିକିତ୍ସାଳୟର ଚକ୍ଷୁ ବିଶେଷଜ୍ଞ ବିଦ୍ୟାଧର ସାହୁ ଏବଂ ବିନିକା ଗୋଷ୍ଠୀ ଚିକିତ୍ସାଳୟର ଚକ୍ଷୁ ବିଶେଷଜ୍ଞ ଅଶୋକ ମଲ୍ଲିକ ଛାତ୍ରଛାତ୍ରୀମାନଙ୍କ ଚକ୍ଷୁ ପରୀକ୍ଷା କରିଥିଲେ । ଗୋଷ୍ଠୀ ସମ୍ବଳ ଶିକ୍ଷକ ସୀତାରାମ ପଧାନ ଓ ମନୋଜ କୁମାର ସାହୁ, ଅନ୍ତର୍ନିବେଶୀ ସ୍ୱେଚ୍ଛାସେବୀ ହିମାଂଶୁ ଶେଖର ସାହୁ ଓ ଲୋଚନ ସାହୁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଶିକ୍ଷକ ମୀନକେତନ ପଧାନ, ପ୍ରଦୀପ ପଧାନ, କୁବେର ପଧାନ ଓ ସାରଥୀ ଭାଏନାଙ୍କ ସହିତ ସ୍ଥାନୀୟ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀଙ୍କ ସହଯୋଗରେ କାର୍ଯ୍ୟକ୍ରମଟି ଶାନ୍ତିଶୃଙ୍ଖଳାର ସହ ସଫଳ ହୋଇଥିଲା ।

# ବେତନଟୀ ବଙ୍ଗଳାଛକଠାରେ ବାବା ମୁକ୍ତେଶ୍ୱରାୟଙ୍କ ନୂତନ ମନ୍ଦିର ପ୍ରତିଷ୍ଠା

ବେତନଟୀ, ୧୭/୨ (ନି.ପ୍ର): ବେତନଟୀ ବଙ୍ଗଳା ଛକ ଠାରେ ବାବା ମୁକ୍ତେଶ୍ୱରାୟଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ରବିବାର ଆରମ୍ଭ ହୋଇଯାଇଛି ।ଏହି ଉତ୍ସବ ରେ ୨୦ଜଣ ମାନସିକ ଧାରୀ ଘଟତ୍ତୋଳନ କରିଛନ୍ତି । ୧୫ତାରିଖରେ ପୂଜାବିଧି ପାଇଁ ପ୍ରସ୍ତୁତିକରଣ କରାଯାଇଥିବା ବେଳେ ରବିବାର ଘଟତ୍ତୋଳନ କରାଯାଇଛି । ସୋମବାର ଦେବତାପ୍ରତିଷ୍ଠା,ବିଗ୍ରହ ସ୍ଥାପନ ଏବଂ ପୂଜାକାର୍ଯ୍ୟ ରହିଥିବା ବେଳେ ମଙ୍ଗଳବାର ରୂଦ୍ରାଭିଷେକ ଓ ପୂର୍ଣ୍ଣାହୁତି ରହିଛି । ପୂର୍ଣ୍ଣାହୁତି ଦିନ ହଜାରହଜାର ଶ୍ରଦ୍ଧାଳୁଙ୍କ ନିମନ୍ତେ



ସାମୁହିକ ପ୍ରସାଦସେବନର ବ୍ୟବସ୍ଥା ମଧ୍ୟ କରାଯାଇଛି । ଆୟୋଜକ ମୁକ୍ତେଶ୍ୱର ଶିବମନ୍ଦିର କମିଟିର ସମସ୍ତ କାର୍ଯ୍ୟକର୍ତ୍ତା ଓ ସଦସ୍ୟ/ସଦସ୍ୟା ପ୍ରମୁଖ ପୂଜାକାର୍ଯ୍ୟ ଓ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ସକ୍ରିୟ ଦାୟୀତ୍ୱ ସମ୍ପାଦନ କରୁଥିବାର ଦେଖିବାକୁ ମିଳିଛି ।

# ଫୁଲବାଣୀ ସ୍ୱୟଂଶାସିତ ମହାବିଦ୍ୟାଳୟର ରେଡ୍ ରିବନ୍ କ୍ଲବ୍ ଏବଂ ଯୁବ ରେଡ୍‌କ୍ରସ୍ ଆନୁକୂଲ୍ୟରେ ଏଚଆଇଭି ଏଡସ୍ ସଚେତନତା

କନ୍ଧମାଳ, ୧୭/୨ (ନି.ପ୍ର): ଫୁଲବାଣୀ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ରେଡ୍ ରିବନ୍ କ୍ଲବ୍ ଏବଂ ଯୁବ ରେଡକ୍ରସ୍ ର ମିଳିତ ଆନୁକୂଲ୍ୟରେ ଏକ ପ୍ରଭାବଶାଳୀ ଏଚଆଇଭି ଏଡସ୍ ସଚେତନତା ଆଲୋଚନାଚକ୍ର ଆୟୋଜିତ ହୋଇଯାଇଅଛି । ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଛାତ୍ର, ଅଧାପକ ଏବଂ କର୍ମଚାରୀମାନଙ୍କୁ ଏଚଆଇଭି ଏଡସ୍ ନିବାରଣର ଗୁରୁତ୍ୱ ଏବଂ ରୋଗ ମୁକାବିଲାରେ ସଚେତନତାର ଭୂମିକା ବିଷୟରେ ଶିକ୍ଷା ଦିଆଯାଇଥିଲା । ଏହି ଅଧିବେଶନରେ ମହାବିଦ୍ୟାଳୟର ଅଧକ୍ଷ ଡ. ସୁବାସ ଚନ୍ଦ୍ର ପ୍ରଧାନ ଅଧକ୍ଷତା କରିଥିଲେ ଏବଂ ଏଚଆଇଭି ଏଡସ୍ ସମ୍ପର୍କିତ କଳଙ୍କକୁ ହ୍ରାସ କରିବା ପାଇଁ ସଚେତନତା ପ୍ରସାର ଉପରେ ଗୁରୁତ୍ୱାରୋପ କରିଥିଲେ । ମୁଖ୍ୟ ଅତିଥି ଭାବେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଆଇସିଟିସି, ଫୁଲବାଣୀର ପରାମର୍ଶଦାତା ଦେବାଶିଷ ମିଶ୍ର ଯୋଗ ଦେଇଥିଲେ ଏବଂ ଏହି ରୋଗର ପ୍ରତିରୋଧ ଏବଂ ଉପଲବ୍ଧ ଚିକିତ୍ସା ବିକଳ୍ପଗୁଡ଼ିକ ଉପରେ ମୂଲ୍ୟବାନ ଅର୍ନ୍ତଦୃଷ୍ଟି ବାଂଟିଥିଲେ ।

ଉକ୍ତ କାର୍ଯ୍ୟକ୍ରମରେ ସୁକାନ୍ତ କୁମାର ବେହେରା, ଆକାଉଂଟସ୍ ବର୍ସର, ସମାବେଶକୁ ସମ୍ବୋଧିତ କରିବା ସହ ନିରନ୍ତର ସଚେତନତା କାର୍ଯ୍ୟକ୍ରମ ଏବଂ ସାମୁଦାୟିକ ସମ୍ପୃକ୍ତିର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ । ମୁରଲୀଧର ସେଠୀ, ଧନ୍ୟବାଦ୍ ଅର୍ପଣ କରିଥିଲେ ଏବଂ ଆୟୋଜକ ଅନଷ୍ଠାନଗୁଡ଼ିକର ପ୍ରୟାସ ସହ ଛାତ୍ର ଏବଂ କର୍ମଚାରୀଙ୍କ ସକ୍ରିୟ ଅଂଶଗ୍ରହଣକୁ ପ୍ରଶଂସା କରିଥିଲେ । କାର୍ଯ୍ୟକ୍ରମଟି ଦକ୍ଷତାର ସହ ଯୁବ ରେଡକ୍ରସ୍ ର ଜିଲ୍ଲା ସଂଯୋଜିକା ଏବଂ ସହକାରୀ ପ୍ରଫେସର ଡ. ଅଭିପ୍ସା ବଳ ପରିଚାଳନା କରିଥିଲେ । ସମସ୍ତ ଅଧ୍ୟାପିକା, ଅଧାପକ ଏବଂ କର୍ମଚାରୀଙ୍କ ସହିତ ଯୁବ ରେଡକ୍ରସ ଏବଂ ଏନ୍ ଏସ୍ ଏସ୍ ର ପ୍ରାୟ ୬୦ ଜଣ ସ୍ୱେଚ୍ଛାସେବୀ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଏହାକୁ ସଫଳ ଏବଂ ପ୍ରଭାବଶାଳୀ କରିଥିଲେ ।

# ଭଦ୍ରାୟଣୀରେ ସୂଚନା ଓ ଲୋକ ସମ୍ପର୍କ ବିଭାଗର ଆକର୍ଷଣୀୟ ଷ୍ଟଲ

ଭଦ୍ରକ, ୧୭/୨ (ନି.ପ୍ର): ଭଦ୍ରକ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଫେବୃୟାରୀ ୧୩ ତାରିଖରୁ ନେହେରୁ ଷ୍ଟାଡ଼ିୟମ ପରିସରରେ ଜିଲ୍ଲାସ୍ତରୀୟ ପଲ୍ଲିଶ୍ରୀ ମେଳା, କୃଷିଯାନ୍ତ୍ରିକ ମେଳାକୁ ନେଇ ଆରମ୍ଭ ହୋଇଥିବା ଭଦ୍ରକ ଜିଲ୍ଲା ମହୋତ୍ସବ ଭଦ୍ରାୟଣୀ ୫ ଦିନ ଧରି ମହା ଆଡ଼ମ୍ବରରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ସ୍ଥାନୀୟ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦ୍ୱାରା ଏକ ସୁସଜ୍ଜିତ ସୂଚନା କେନ୍ଦ୍ର ଖୋଲାଯାଇଥିଲା । ଜିଲ୍ଲାର ସମସ୍ତ ପ୍ରମୁଖ ଦର୍ଶନୀୟ ସ୍ଥାନ ଓ ଭଦ୍ରକ ଜିଲ୍ଲାର ବିଭିନ୍ନ ସ୍ଥାନରେ ଥିବା ପ୍ରାୟ ୪୦ଟି ମନ୍ଦିରରୁ ୧୬ଟି ମନ୍ଦିର ଓ ବାବା ଆଖଣ୍ଡଳମଣିଙ୍କ ବିଭିନ୍ନ ବେଶର ଫଟୋଚିତ୍ର ରଙ୍ଗୀନ ଆଲୋକ ଜରିଆରେ ଆକର୍ଷଣୀୟ ଢଙ୍ଗରେ ସୁସଜ୍ଜିତ କରାଯାଇ ପ୍ରଦର୍ଶନ କରାଯାଇଥିଲା । ଏହା ସାଙ୍ଗକୁ ସୂଚନା ଲୋକ ସମ୍ପର୍କ ବିଭାଗ ଦ୍ୱାରା ପ୍ରକାଶିତ ଓଡ଼ିଶା ସରକାରଙ୍କ ମୁଖପତ୍ର ବାର୍ଷିକ ପତ୍ରିକା ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁ ସୂଚନା କେନ୍ଦ୍ରରେ ସର୍ବସାଧାରଣ ଉଦ୍ଦେଶ୍ୟରେ ବିକ୍ରୟ କରାଯାଇଥିଲା । ଫଟୋଚିତ୍ର ଜରିଆରେ ସ୍ଥାନ ପାଇଥିବା ନିଜ ନିଜ ଅଞ୍ଚଳର ଜଗନ୍ନାଥ ମନ୍ଦିର ଦେଖିବା ପାଇଁ ଷ୍ଟଲ୍ ନିକଟରେ ଦର୍ଶକମାନଙ୍କ ଭିଡ଼ ଲାଗିରହିଥିବା ଦେଖାଯାଇଥିଲା ।

# ଓଡିଶାକୁ ମଦମୁକ୍ତ ରାଜ୍ୟ ଘୋଷଣା ଦାବିରେ କପ୍ତିପଦାରେ ଏକ ବିଶାଳ ରାଲି

କପ୍ତିପଦା, ୧୭/୨ (ନି.ପ୍ର): ଓଡିଶାକୁ ମଦମୁକ୍ତ ରାଜ୍ୟ ଘୋଷଣା ଦାବୀରେ ମିଳିତ ଓଡିଶା ନିଶା ନିବାରଣ ଦ୍ୱାରା କପ୍ତିପଦାରେ ଏକ ବିଶାଳ ରାଲି ଅନୁଷ୍ଠିତ ହୋଇଯାଇଛି । କପ୍ତିପଦା ବ୍ଲକର ବିଭିନ୍ନ ଗ୍ରାମ ପଞ୍ଚାୟତର ମହିଳାମାନଙ୍କ ଦ୍ୱାରା ଏକ ରାଲି କପ୍ତିପଦା ବଜାର ପରିକ୍ରମା କରି କପ୍ତିପଦା ଥାନା ସମ୍ମୁଖରେ ପହଞ୍ଚିଥିଲା । ସେଠାରେ ସଂଗଠନର ରାଜ୍ୟ ସଂପାଦକ ମନମୋହନ ମିଶ୍ରଙ୍କ ଅଧକ୍ଷତାରେ ଏକ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା । କପ୍ତିପଦା ଭଳି ଆଦିବାସୀ ଅଧିଷିତ ଅଞ୍ଚଳରେ ଲାଇସେନସପ୍ରାପ୍ତ ଦେଶୀ ଓ ବିଦେଶୀ ମଦଭାଟି ସହିତ ଅଣସ୍ୱିକୃତିପ୍ରାପ୍ତ ମଦଭାଟି ବହୁଳ ମାତ୍ରାରେ କାର୍ଯ୍ୟ କରୁଥିବାରୁ ସାଧାରଣ ଗରିବ ଖଟିଖିଆ ଲୋକମାନଙ୍କ ଚଳଣୀ, ଆର୍ଥନୈତିକ, ସାଂସ୍କୃତିକ କାର୍ଯ୍ୟକଳାପରେ ପ୍ରଭାବ ପଡୁଥିବାବ ସହିତ ନାରୀ ବଳାତ୍କାର, ବିଧବା ରୂପକ ସମସ୍ୟା ସୃଷ୍ଟି କରୁଛି । ସମଗ୍ର ରାଜ୍ୟକୁ ମଦମୁକ୍ତ କରିବା ସହିତ କପ୍ତିପଦା ଅଞ୍ଚଳକୁ ସ୍ୱତନ୍ତ୍ରଭାବେ ମଦ ପ୍ରଚଳନ ବନ୍ଦ କରିବାକୁ ବକ୍ତାମାନେ ଦାବୀ କରିବା ସହିତ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବୀପତ୍ର କପ୍ତିପଦା ଥାନା ସମ୍ମୁଖରେ ଏସଡିପିଓ ହୃଷିକେଷ ନାୟକଙ୍କୁ ପ୍ରଦାନ କରିଥିଲେ ।

## ଆଇସିଏସ୍ କମ୍ପୁଟର ଏକାଡେମୀର ସଚେତନତା ରଥ ପରିଭ୍ରମଣ

କପ୍ତିପଦା, ୧୭/୨(ନିପ୍ର) - କପ୍ତିପଦାଠାରେ ଥିବା ଆଇସିଏସ୍ କମ୍ପୁଟର ଏକାଡେମୀ ପକ୍ଷରୁ ଏକ ସଚେତନତା ରଥ ବିଭିନ୍ନ ଗ୍ରାମର ବଜାର ପରିକ୍ରମା କରିଛି । ଓଡିଶା ନଲେଜ କର୍ପୋରେସନ ଲିମିଟେଡର ଓଡିଶା ଉପନ ୟୁନିଭରସିଟି ଅନୁମୋଦିତ କମ୍ପୁଟର କୋର୍ସ ପାଇଁ ଏକ ସଚେତନତା ରଥକୁ ସମାଜସେବୀ ପ୍ରବୀର ଚନ୍ଦ୍ର ସାଏ ଫିତାକାଟି ଉଦଘାଟନ କରିଥିଲେ । ଏହି ସଚେତନତା ରଥ ସାରା ମୟୂରଭଂଜ ପରିକ୍ରମା କରିବ ବୋଲି ସୂଚନା ମିଳିଛି । ଉକ୍ତ ଉଦଘାଟନ ସମାରୋହରେ ଆଇସିଏସ୍ କମ୍ପୁଟର ଏକାଡେମୀର ନିର୍ଦ୍ଦେଶିକା ଶୈଳବାଳା ଦାଶ, ନଳିନୀକାନ୍ତ ପରିଡା, ବିନୋଦ ଜେନା ଓ ବହୁ ଛାତ୍ରଛାତ୍ରୀ ସାମିଲ ହୋଇଥିଲେ ।

# କାମାକ୍ଷା ଦର୍ଶନରେ ଗଲେ ଜିଲ୍ଲାର ୭୧ ବରିଷ୍ଠ ନାଗରିକ

ମାଲକାନଗିରି: ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଯୋଜନାରେ ମାଲକାନଗିରି ଜିଲ୍ଲାରୁ ୭୧ ଜଣ ବରିଷ୍ଠ ନାଗରିକ ରାୟଗଡ଼ା ଅଭିମୁଖେ ସୋମବାର ଯାତ୍ରା କରିଛନ୍ତି । ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ଜିଲ୍ଲାପାଳ ବେଦବର ପ୍ରଧାନ ସ୍ଥାନୀୟ ସ୍ପୋର୍ଟସ କମ୍ପ୍ଲେକ୍ସରୁ ପତାକା ଦେଖାଇ ଏହି ଯାତ୍ରାର ଶୁଭାରମ୍ଭ କରିଥିଲେ । ଏହି କାର୍ଯ୍ୟକ୍ରମରେ ନବରଂଗପୁର ଲୋକସଭା ସାଂସଦ ପ୍ରତିନିଧି ସଞ୍ଜୟ ସରକାର,ଜିଲ୍ଲା କ୍ରୀଡ଼ା ଅଧିକାରୀ ମାଧବ ପାଙ୍ଗି ଓ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ପ୍ରମିଳା ମାଝୀ ଉପସ୍ଥିତ ଥିଲେ । ଜିଲ୍ଲାପାଳ ସମସ୍ତ ତୀର୍ଥ ଯାତ୍ରୀଙ୍କ ସୁଖଦ ଯାତ୍ରା ପାଇଁ ସମସ୍ତ ବରିଷ୍ଠ ନାଗରିକଙ୍କୁ ଶୁଭେଚ୍ଛା ବାର୍ତ୍ତା ଜଣାଇଛନ୍ତି । ମନୁଷ୍ୟ ଜୀବନ କାଳ



ମଧ୍ୟରେ ପୁଣ୍ୟ ତୀର୍ଥ କ୍ଷେତ୍ର ପରିଦର୍ଶନ କରିବାର ପରମ୍ପରା ରହି ଆସିଛି । ବରିଷ୍ଠ ନାଗରିକ ତୀର୍ଥ ଯୋଜନା ମାଧ୍ୟମରେ ଜିଲ୍ଲାର ୭୧ ଜଣ ବରିଷ୍ଠ ନାଗରିକଙ୍କ କୋଲକାତା ଓ ଆସାମ ରାଜ୍ୟର ଗୌହାଟୀ ନିକଟବର୍ତ୍ତୀ କମାକ୍ଷୀ ଶକ୍ତିପୀଠ ପରିଦର୍ଶନର ସ୍ୱପ୍ନ ପୂରଣ ହୋଇପାରିଛି ବୋଲି ଅତିରିକ୍ତ ଜିଲ୍ଲାପାଳ ପ୍ରକାଶ କରିଛନ୍ତି । ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି । ସେମାନଙ୍କ ନିମନ୍ତେ ସମସ୍ତ ପ୍ରକାର ଆନୁଷଙ୍ଗିକ ବ୍ୟବସ୍ଥା ମଧ୍ୟ କରାଯାଇଛି ବୋଲି ସେ ସୂଚନା ଦେଇଛନ୍ତି ।

୭୧ ଜଣଙ୍କ ମଧ୍ୟରୁ ୩୩ ଜଣ ପୁରୁଷ ରହିଥିବା ବେଳେ ୩୮ ଜଣ ମହିଳା ତୀର୍ଥ ଯାତ୍ରୀ ରହିଛନ୍ତି । ସମସ୍ତ ଯାତ୍ରୀ ରାୟଗଡ଼ା ପହଞ୍ଚିବା ପରେ ସେଠାରେ ବିଶ୍ରାମ କରିବେ ଓ ମଙ୍ଗଳବାର ରାୟଗଡ଼ା ରେଳ ଷ୍ଟେସନରୁ ତୀର୍ଥ କ୍ଷେତ୍ର ଅଭିମୁଖେ ବାହାରିବେ ।

ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ଟ୍ରେନରେ ସେମାନଙ୍କ ସୁବିଧା ପାଇଁ ମେଡିକାଲ ବ୍ୟବସ୍ଥା,ଗାଇଡ, ଖାଦ୍ୟ ପାନୀୟ ସମେତ ସମସ୍ତ ବ୍ୟବସ୍ଥା କରାଯାଇଛି । ମାଲକାନଗିରି ଜିଲ୍ଲାରୁ ଏସକର୍ଟ ଅଧିକାରୀ ଭାବେ ସଦର ସାମାଜିକ ସୁରକ୍ଷା ଅଧିକାରୀ ରାଜୀବ ପୂଜାରୀ ଓ ରାଜସ୍ୱ କର୍ମଚାରୀ ରବୀନ୍ଦ୍ରନାଥ ନାୟକ ସାଥିରେ ଗସ୍ତ କରିଛନ୍ତି । ବିଶେଷ ଭାବେ ଆର୍ଥିକ ଭାବେ ଦୁର୍ବଳ ଥିବା ବରିଷ୍ଠ ନାଗରିକ ଏହି ଯୋଜନା ମାଧ୍ୟମରେ ତୀର୍ଥ ଯାତ୍ରା କରିବାର ସୁଯୋଗ ପାଇଥାନ୍ତି । ଏହି କାର୍ଯ୍ୟକ୍ରମ ଆୟୋଜନ କରିବାରେ ହରେକୃଷ୍ଣ କିର୍ତ୍ତନିଆ, ରଞ୍ଜନ ମହାନ୍ତି ଓ ସନ୍ତୋଷ ବିଶ୍ୱାସ ସହଯୋଗ କରିଥିଲେ ।

# ଉପ ଜିଲ୍ଲାପାଳ ଓ ଖଣି ଅଧିକାରୀଙ୍କ ବାଲି ଖାଦାନରେ ଚଢାଉ: ୩ ପୋକ୍ଲିନ ଜବତ

କେନ୍ଦ୍ରାପଡ଼ା, ୧୭/୨ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ଡେରାବିଶ ତହସିଲ ଅଧିନସ୍ଥ ବସୂପୂରୁ ଲୁଣା ନଦୀ ଘାଟରେ ଚାଲିଥିବା ବସୁପୂରୁ ବାଲି ସୈରାତ ରେ ରାତି ଅଧରେ ଜିଲ୍ଲା ପ୍ରଶାସନ ଏବଂ ଖଣି ବିଭାଗର ମିଳିତ ଚଢଉ । ୩ ପୋକଲିନ କୁ ଉଠାଇନେଇ ସଦର ପୋଲିସ ର ଜିମା ଦେଲା ଖଣି ବିଭାଗ ।ଖଣି ବିଭାଗର କହିବା ଅନୁଯାଇ ଖଣି ବିଭାଗର ନିୟମ ନମାନି ନିୟମିତ ଶତାଧିକ ହାଇୱା ଲଗାଇ ପୋକଲିନ୍ ସାହାର୍ଯ୍ୟରେ ଏଠାରୁ ବାଲି ଉଠା ଯାଉଥିଲା । ଯାହାଫଳରେ ଦିନକୁ ଲକ୍ଷାଧିକ ଟଙ୍କାର ରାଜସ୍ୱ କ୍ଷତି ହେବାରୁ , ଗତ କିଛିଦିନ ତଳୁ ଗୋଟେ ଟ୍ରିପ୍ ବାଲି ନ ଉଠାଇବାକୁ ଖଣି ବିଭାଗ ପକ୍ଷରୁ ନୋଟିସ ଜାରି କରାଯାଇଥିଲା । କିନ୍ତୁ ବାଲି ସୈରାତ ର ପ୍ରକୃତ ଲେସୀଙ୍କ ଅନୁପସ୍ଥିତିରେ କିଛି ଅସାଧୁ ବାଲି ବ୍ୟବସାୟୀ ଖଣି ବିଭାଗର ନିର୍ଦ୍ଦେଶକୁ ନମାନି ଦିନରାତି ପୋକ୍ଲିନ୍ ସାହାର୍ଯ୍ୟରେ ବାଲି ଉଠାଉଥିବାର ଖବର ପାଇ ଜିଲ୍ଲା ପ୍ରଶାସନ ପକ୍ଷରୁ ନୂଆ କରି ଆସିଥିବା ଉପଜିଲ୍ଲାପାଳ, ଖଣି ଅଧିକାରୀ ଏବଂ ପୋଲିସ ଟିମ ସାହାର୍ଯ୍ୟରେ ଗତ ରବିବାର ରାତି ପ୍ରାୟ ୧୧ଟା ସମୟରେ ଚଢ଼ାଉ କରି କାର୍ଯ୍ୟରତ ଥିବା ୩ଟି ପୋକ୍ଲିନ୍ କୁ କାବୁ କରିଥିଲେ , ଯାହା ଫଳରେ କାର୍ଯ୍ୟରତ ୩ ପୋକ୍ଲିନ୍ ଅପରେଟର ସେଠାରୁ ଚମ୍ପଟ ମାରିଥିଲେ । ତୁରନ୍ତ ଅନ୍ୟ ଏକ ବିଭାଗୀୟ ଅପରେଟର୍ ସାହାର୍ଯ୍ୟରେ ସମସ୍ତ ପୋକ୍ଲିନ୍ କୁ ଟ୍ରଲର ସାହାର୍ଯ୍ୟରେ ଲଦି ସଦର ଥାନାରେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ପାଇଁ ଜିମା ଦିଆଯାଇଛି ।

# ଛତିଶଗଡ଼ ପୁଲିସର ବ୍ୟବହାର ବିରୋଧରେ ଧାରଣାରେ ବସିଲେ ଓଡ଼ିଆ ସାମ୍ବାଦିକ

ଚନ୍ଦାହାଣ୍ଡି, ୧୭/୨ (ନି.ପ୍ର): ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ବ୍ଲକର ଜଣେ କାର୍ଯ୍ୟରତ ବୈଦ୍ୟୁତିକ ଗଣମାଧ୍ୟମ ପ୍ରତିନିଧି ପୂର୍ଣଚନ୍ଦ୍ର ଟାକ୍ରୀ (୩୪)ଙ୍କୁ ଛତିଶଗଡ଼ ଆମଲିପଦର ପୁଲିସ ଗୋଇଠା ମାରିବା ସହ ଫାଇରିଙ୍ଗର ଧମକ ଦେବା ଘଟଣାରେ ଆଜି ନବରଂଗପୁର ଜିଲ୍ଲାର ଗଣମାଧ୍ୟମର ପ୍ରତିନିଧିମାନେ ଆଜି ଥାନା ଆଗରେ ଧାରଣାରେ ବସିଛନ୍ତି । ଶ୍ରୀ ଟାକ୍ରୀଙ୍କ ଠାରୁ ବୁମ୍ ? ଏବଂ ଦୁଇଟି ମୋବାଇଲ ଫୋନ୍ ? ଛଡ଼ାଇ ନେବା ନେଇ ଗତକାଲି ସାମ୍ବାଦିକ ଜଣକ ଚନ୍ଦାହାଣ୍ଡି ଥାନାରେ ଛତିଶଗଡ଼ ପୁଲିସ ବିରୁଦ୍ଧରେ ଏକ ଲିଖିତ ଅଭିଯୋଗ ଦେଇଥିଲେ । କିନ୍ତୁ ଘଟଣାକୁ ଦୁଇଦିନ ବିତି ଯାଇଥିଲେ ସୁଦ୍ଧା ଏତଲାକାରୀଙ୍କୁ ଚନ୍ଦାହାଣ୍ଡି ପୁଲିସ ଏପର୍ଯ୍ୟନ୍ତ ଏଫ୍ ?ଆଇଆର କପି ପ୍ରଦାନ କରୁନାହିଁ ।

ସୂଚନା ମୁତାବିକ ଓଡ଼ିଶା ଏବଂ ଛତିଶଗଡ଼ ସୀମାନ୍ତ କୋଇଲିମୁଣ୍ଡା ଠାରେ ଥିବା ଏକ ଢ଼ାବାକୁ ଆଜି ମଧ୍ୟାହ୍ନ ସମୟରେ ଛତିଶଗଡ଼ର ଅମଲିପଦର ଥାନାର ୭ ଜଣ ପୁଲିସ ଢ଼ାବାକୁ ଆସି ଢ଼ାବା ମାଲିକଙ୍କୁ ଧମକ ଚମକ ଦେବା ଖବର ପାଇ ସାମ୍ବାଦିକ ପୂର୍ଣଚନ୍ଦ୍ର ଟାକ୍ରୀ ଖବର ସଂଗ୍ରହ ପାଇଁ ସୁରଜ ବଗର୍ତ୍ତୀ ନାମକ ଜଣେ ଯୁବକ ସହ ସେଠାକୁ ଯାଇ ନିଜ ମୋବାଇଲରେ ଫୋଟୋ ଉତ୍ତୋଳନ କରୁ ଥିବା ବେଳେ ଛତିଶଗଡ଼ ପୁଲିସ ତାଙ୍କୁ ଗାଳି ଗୁଲଜ କରିବା ସହ ମାଡ଼ ମାରି ଥିବା ନେଇ ଅଭିଯୋଗ କରିଛନ୍ତି । ଏହା ସହ ତାଙ୍କ ଠାରୁ ବୁମ୍ ?, ୨ଟି ମୋବାଇଲ ଫୋନ୍ ?, ଛଡ଼ାଇ ସାଙ୍ଗରେ ଯାଇଥିବା ସୁରଜ ବଗର୍ତ୍ତୀଙ୍କୁ ଗାଡ଼ିରେ ବସାଇ ଅମଲିପଦର ଥାନାକୁ ନେଇ ଥିଲେକ୍ଷ ତେବେ ଗତକାଲି ରାତିରେ ସୁରଜକୁ ଛାଡିଦେଇଥିଲେ ।

ଘଟଣାକୁ ବିଭିନ୍ନ ମହଲରେ ନିନ୍ଦା କରାଯିବା ସହ ଛତିଶଗଡ଼ ପୁଲିସର ଏପରି କାର୍ଯ୍ୟକୁ ନା ପସନ୍ଦ କରିବା କରାଯାଇଛିକ୍ଷ ଘଟଣାକୁ ଜିଲ୍ଲା ୱାର୍କିଙ୍ଗ ଜର୍ଣ୍ଣାଲିଷ୍ଟ ସଂଘର ଅଧକ୍ଷ ପ୍ରଶାନ୍ତ କୁମାର ସାହୁ ଦୃଢ଼ ନିନ୍ଦା କରିବା ସହ ଛତିଶଗଡ଼ ପୁଲିସ ବିରୁଦ୍ଧରେ ଦୃଢ଼ କାର୍ଯ୍ୟନୁଷ୍ଠାନ ଦାବି କରିଛନ୍ତି । ଦୁଇ ଦିନ ପରେ ମଧ୍ୟ ପୁଲିସ କାହିଁକି ଏତଲା ପଞ୍ଜୀକରଣ କରି ନାହିଁ ତାକୁ ନେଇ ବିଭିନ୍ନ ମହାଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି । ଛତିଶଗଡ ପୁଲିସ ସାମ୍ବାଦିକଙ୍କ ମୋବାଇଲ ଚନ୍ଦାହାଣ୍ଡି-ଛତିଶଗଡ ସୀମାନ୍ତକୁ ଆସି ନେଇଯିବାକୁ କହୁଥିବା ଚନ୍ଦାହାଣ୍ଡି ଆଇଆଇସି ପ୍ରଶାନ୍ତ କୋଲ୍ଲାହର୍ଷ ସାମ୍ବାଦିକଙ୍କୁ କହୁଥିବା ସହ ମୋବାଇଲରେ ରହିଥିବା ଭିଡିଓ ଡିଲିଟ କରିବାକୁ ଆମଲିପଦର ଆଇଆଇସି କହୁଥିବା କହିଛନ୍ତି ।

ତେବେ ସାମ୍ବାଦିକ ସଂଘ ଏହାକୁ ବିରୋଧ କରିବା ସହ ଉକ୍ତ ମୋବାଇଲରେ ଛତିଶଗଡ଼ ପୁଲିସର ବେଆଇନ ଓଡ଼ିଶାରେ ଅନୁପ୍ରବେଶକୁ ପଦାରେ ପକେଇବ । ଛତିଶଗଡ଼ ପୁଲିସ ଓଡ଼ଶାରେ ଥିବା ଢ଼ାବାରୁ ୧୮୦ ଲିଟର ମଦ ତାଙ୍କ ପୁଲିସ ଗାଡ଼ିରେ ଭର୍ତ୍ତି କରିଥିବା ଭିଡିଓ ସହ ସାମ୍ବାଦିକଙ୍କୁ ଦୁର୍ବ୍ୟବହାର କରିଥିବା ଭିଡିଓ ରହିଛି । ଓଡ଼ିଶା ଢାବାରୁ ଛତିଶଗଡ଼ ପୁଲିସ କିଭଳି ମଦ ଜବତ କଲା ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେବାସହ ଓଡ଼ିଶା ପୁଲିସର ପାରିବା ପଣିଆକୁ ପଦାରେ ପକେଇଛି ।

## ଲକ୍ଷ୍ମୀନାରାୟଣ ମନ୍ଦିରର ବାର୍ଷିକ ଉତ୍ସବ ଓ ଅଷ୍ଟମ ପ୍ରହରୀ ନାମଯଜ୍ଞ ଅନୁଷ୍ଠିତ

ବେତନଟୀ, ୧୭/୨ (ନି.ପ୍ର): ବେତନଟୀ ଥାନା ଅନ୍ତର୍ଗତ ଲକ୍ଷ୍ମୀନାରାୟଣପୁର ଧୋବଣିଶୋଳ ଠାରେ ଥିବା ଲକ୍ଷ୍ମୀନାରାୟଣ ମନ୍ଦିରର ବାର୍ଷିକ ଉତ୍ସବ ଓ ଅଷ୍ଟମ ପ୍ରହରୀ ନାମଯଜ୍ଞ ଶନିବାର ଦିନ ଆରମ୍ଭ ହୋଇ ସୋମବାର ସନ୍ଧ୍ୟାରେ ଉଦଯାପିତ ହୋଇଯାଇଛି । ଏହି ପ୍ରଥମ ବାର୍ଷିକ ଉତ୍ସବ ଓ ଅଷ୍ଟମ ପ୍ରହରୀ ନାମଯଜ୍ଞରେ ମୁଖ୍ୟ କର୍ତ୍ତା ଭାବରେ ମହେଶ୍ୱର ମହାନ୍ତ ଏବଂ ଭବାନୀ ଶଙ୍କର ମହାନ୍ତ ଦାୟିତ୍ୱ ସମ୍ପାଦନ କରିଥିଲେ । ସଭାନେତ୍ରୀ ସୁବର୍ଣ୍ଣମଈ ମହାନ୍ତ, ସମ୍ପାଦକ ବୁଧୁ ସିଂ, କୋଷାଧକ୍ଷା କବିତା ମହାନ୍ତ, ସହସମ୍ପାଦକ ତ୍ରିଲୋଚନ ମହାନ୍ତ, ସସ୍ମିତା ମହାନ୍ତ, ଜ୍ୟୋସ୍ନା ସିଂ, ସଂଯୁକ୍ତା ମହାନ୍ତ, ଲକ୍ଷ୍ମୀପ୍ରିୟା ମହାନ୍ତ, ରତ୍ନମଣି ମହାନ୍ତ, ନିନି ସିଂ, ଫୁଲ ସିଂ ପ୍ରମୁଖ ବିଭିନ୍ନ କାର୍ଯ୍ୟ ପରିଚାଳନା କରିଥିଲେ ।

# ସଦଭାବନା ସାଇକଲ ଯାତ୍ରା

ବଲାଙ୍ଗୀର, ୧୭/୨ (ନି.ପ୍ର): ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଶିଶୁ ବିକାଶ କେନ୍ଦ୍ରର ମାଣିକ୍ୟ ଜୟନ୍ତୀ ଅବସରରେ ଦୁଇ ଦିନିଆ ସଦ୍‌ଭାବନା ସାଇକେଲ ଯାତ୍ରା ସଦ୍‌ଭାବନାର ବାର୍ତା ପ୍ରଚାର କରି ବଲାଙ୍ଗିର ଫେରି ଆସିଛନ୍ତି । ଏହି ସାଇକେଲ ଯାତ୍ରାକୁ ତେଲିଗୋଠପଡା ରାଧାକୃଷ୍ଣ ମନ୍ଦିରରୁ ଦାମୋଦର ମିଶ୍ର ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ପ୍ରଥମ ଦିନରେ ସାଇକଲ ଯାତ୍ରୀମାନେ କିରାବାହାଲ, ଖଲିଆପାଲି, ବଘାପାଲି, ପିପ୍‌ଲି, ବଂଜାରୀ ଓ କୁଶଙ୍ଗ ରେ ରାତ୍ରି ରହଣି କରିଥିଲେ । ପରଦିନ ବୁରୋମୁଣ୍ଡା, ତଲିଉଡାର, ଫଟାବାହାଲ, ଜାମୁଟିଆ, ଚନ୍ଦନଭାଟି, କଅଗାଁ, କନ୍ଧପାଲିପଡା, ବରପାଲିପଡା, ବ୍ରାହ୍ମଣପଡା ଦେଇ ବଲାଙ୍ଗିର ଫେରି ଆସିଥିଲେ । ଆମ ଦେଶ ସ୍ୱାଧିନ ହେବାର ୭୬ ବର୍ଷ ବିତିଯଇଥିଲେ ମଧ ଆମ ଭିତରେ ଦାୟିତ୍ୱ, କର୍ତବ୍ୟ, ସଚେତନତା ଓ ଜୀବନର ମୂଲ୍ୟବୋଧକୁ ଭଲ ଭାବରେ ହୃଦୟଙ୍ଗମ କରିପାରିନାହୁଁ ବୋଲି ଅନୁଭବ ହୁଏ । ଏଥି ପାଇଁ ଆଜି ମଧ ବାଲ୍ୟ ବିବାହ, କନ୍ୟାଭ୍ରୂଣ ହତ୍ୟା, ନାରୀ ନିର୍ଯ୍ୟାତନା, ଶିଶୁ ନିର୍ଯ୍ୟାତନା, ପରିବେଶ ସୁରକ୍ଷା ରେ ଅବହେଳା ତଥା ଅନ୍ଧ ବିଶ୍ୱାସ ଭଳି କିଛିତ ଭାବନା ଗୁଡିକରୁ ମୁକୁଳି ପାରୁନାହିଁ । ଉପରୋକ୍ତ ବିଷୟ ଗୁଡିକୁ ପ୍ରତ୍ୟେକ ଗ୍ରାମରେ ପଥପ୍ରାନ୍ତ ସଭା ଓ ସଭା ଆୟୋଜନ କରି ଜନସାଧାରଣଙ୍କୁ ବୁଝାଇବାକୁ ଚେଷ୍ଟା କରାଯାଇଥିଲା । ଡ. ପ୍ରେମଚନ୍ଦ ମହାନ୍ତି, ଜୟରାମ ମିଶ୍ର, ଗୋପାଳ ହୋତା, ମଧୁ ସାହୁ, କସ୍ତୁରୀ ରଥ, ସୁରଥ ସାହୁ, କେଶବ ଚନ୍ଦ୍ର ମିଶ୍ର, କପିଳ ପତି, ହୃଷିକେଶ ପୁରୋହିତ ଓ ମଦନ ମୋହନ ରଥ ପ୍ରମୁଖ ସଭାମାନଙ୍କରେ ବକ୍ତବ୍ୟ ରଖିଥିଲେ । ଏହି ସାଇକଲ ଯାତ୍ରା ସଂପାଦକ ମଧୁ ସାହୁ ଓ ପୂଜ୍ୟପୂଜା ସେବା ସଂଗଠନର ସଭାପତି କେଶବ ଚନ୍ଦ୍ର ମିଶ୍ରଙ୍କ ନେତୃତ୍ୱରେ ଓ ଧିରେନ୍ଦ୍ର ନାରାୟଣ ସିଂଦେଓ ଓ ସୁନାଧର ବନଛୋରଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା ।

# କୋଷ୍ଟ କେନାଲ ପୁନରୁଦ୍ଧାର ପାଇଁ କେନ୍ଦ୍ରୀୟ ଟିମର ବାଲିଆପାଳ ଗସ୍ତ

ବାଲିଆପାଳ , ୧୭/୨ (ନି.ପ୍ର): ବାଲେଶ୍ୱର ସାଂସଦ ପ୍ରତାପ ଷଡ଼ଙ୍ଗୀଙ୍କ ନେତୃତ୍ୱରେ ଶନିବାର କେନ୍ଦ୍ର ସରକାରଙ୍କ ଜଳସେଚନ ବିଭାଗର ପ୍ରକଳ୍ପ ସଂଯୋଜକ ସୋଏଲ ରାଫତ, ପ୍ରକଳ୍ପ ନିର୍ଦ୍ଦେଶକ ଅଜିତ ସିଂ,ବିଭାଗୀୟ ଓଡିଶା ମୁଖ୍ୟ ସୌମ୍ୟ ରଞ୍ଜନ ସାମଲଙ୍କ ସହିତ ରାଜ୍ୟ ସରକାରଙ୍କ ଉପମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ କୋଷ୍ଟ କେନାଲ ପୁନଃରୁଦ୍ଧାର ପାଇଁ ସ୍ଥିତି ଅନୁଧ୍ୟାନ କରିଛନ୍ତି ।ଏହି ଟିମ କୋଷ୍ଟ କେନାଲ ଆରମ୍ଭ ଭୋଗରାଇ ମାନକୁଣ୍ଡା ଠାରୁ ଭଦ୍ରଖର ଚାରବାଟିଆ ପର୍ଯ୍ୟନ୍ତ ସ୍ଥିତି



ଅନୁଧ୍ୟାନ କରି ପ୍ରାରମ୍ଭିକ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରିବା ପରେ ଖୁବ ଶୀଘ୍ର ଆଉ ଏକ ଟିମ ଏହି ଅଞ୍ଚଳକୁ ପରିଦର୍ଶନ କରି ପୂର୍ଣ୍ଣାଙ୍ଗ ପ୍ରକଳ୍ପ ପ୍ରସ୍ତୁତ କରିବେ ।କୋଷ୍ଟ କେନାଲ ପୁନଃରୁଦ୍ଧାର ପାଇଁ ଦୀର୍ଘ ଦିନସ ସ୍ୱପ୍ନ ପୁରଣ ହେବାର ଆଶା ଦ୍ୱିଗୁଣିତ ହୋଇଛି । କୋଷ୍ଟ କେନାଲ ପୁନଃରୁଦ୍ଧାର ପାଇଁ ଦୀର୍ଘ ବର୍ଷ ଧରି କୋଷ୍ଟ କେନାଲ ପୁନଃରୁଦ୍ଧାର କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ବାରମ୍ୱାର ପଦଯାତ୍ରା,ସାଇକେଲ ରାଲି,ଶୋଭାଯାତ୍ରା, ଚାଷୀ ମାନଙ୍କ ସମାବେଶ ପରି କେତେ କେତେ ଆନ୍ଦୋଳନ କରାଯାଇଛି ।କୋଷ୍ଟ କେନାଲ ପୁନଃରୁଦ୍ଧାର ହେଲେ ବାଲିଆପାଳ ବ୍ଲକର ଭାତହାଣ୍ଡି ଭାବରେ ପରିଚିତ ଷୋଳଶା ପାଣ୍ଡର ଭାଗ୍ୟ ପରିବର୍ତ୍ତନ ହୋଇପାରିବ । ଅଞ୍ଚଳ ବାସୀଙ୍କ ଦୀର୍ଘ ଦିନର ଦାବି ପୂରଣ ହେବାର ସମ୍ଭାବନା ସୃଷ୍ଟି ହୋଇଛି ।କେନ୍ଦ୍ରୀୟ ଟିମ ପ୍ରଥମେ ବାଲିଆପାଳ ବ୍ଲକର ଦକ୍ଷିଣ ମହାବଳା ଠାରେ ପହଞ୍ଚିଥିଲେ । ସେଠାରୁ କୋଷ୍ଟ କେନାଲ ପରିଦର୍ଶନ କରି ଜାମକୁଣ୍ଡା ଲକ ଠାରେ ପହଞ୍ଚିଥିଲେ । ଜାମକୁଣ୍ଡା ଲକ ଠାରେ ଥିବା ଜଳସେଚନ ବିଭାଗ ଡାକବଙ୍ଗଳାରେ ସମୀକ୍ଷା କରିଥିଲେ ।ପରେ କେନ୍ଦ୍ରିୟ ଟିମ ମାନକୁଣ୍ଡା ଅଭିମୁଖେ ଯାଇଥିଲେ ।

## ସାମ୍ବାଦିକଙ୍କ ପିତୃ ବିୟୋଗ



ବାଲିଆପାଳ , ୧୭/୨ (ନି.ପ୍ର): ବାଲିଆପାଳ ବ୍ଲକର ବରିଷ୍ଠ ସାମ୍ବାଦିକ ପ୍ରଫୁଲ୍ଲ କୁମାର ପାତ୍ରଙ୍କ ପିତୃ ବିୟୋଗ ଘଟିଛି । ଶ୍ରୀ ପାତ୍ରଙ୍କ ପିତା ପଞ୍ଚାନନ ପାତ୍ର (୮୫)ଙ୍କ ଅସ୍ତି ପଞ୍ଚାୟତ ଅନ୍ତର୍ଗତ କଣ୍ଟାବଣୀ ସ୍ଥିତ ତାଙ୍କ ବାସଭବନରେ ବିୟୋଗ ହୋଇ ଯାଇଛି । ସେ ଦୀର୍ଘଦିନ ଧରି ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡ଼ିତ ଥିଲେ । ଜଣେ ଶାନ୍ତ ସରଳ, ଅମାୟିକ ବ୍ୟକ୍ତି ଭାବରେ ସ୍ଥାନୀୟ ଅଞ୍ଚଳରେ ସେ ବେଶ ଜଣାଶୁଣା ଥିଲେ ।ଶ୍ରୀଯୁକ୍ତ ପାତ୍ରଙ୍କ ମୃତ୍ୟୁ ସମୟରେ ତାଙ୍କର ପୁତ୍ର ପ୍ରଫୁଲ୍ଲ କୁମାର ପାତ୍ର, ପୁତ୍ରବଧୂ, ରିତାରାନୀ ଜେନା, ନାତୁଣୀ, ମୋନାଲିସା ପାତ୍ର, ନାତି, ଆଲୋକ୍ କୁମାର ପାତ୍ର, ଝିଅ, ଜ୍ୱାଇଁ, ସମେତ ପରିବାର ଉପସ୍ଥିତ ଥିଲେ । ତାଙ୍କ ମୃତ୍ୟୁ ଖବର ପାଇ ବସ୍ତା ବିଧାୟିକା ସୁବାସିନୀ ଜେନା, ସମାଜସେବୀ ଅରୁଣ ଜେନା, ସତ୍ୟକାମ ମହାନ୍ତି, ଅଶୋକ ଜେନା, ଦେବ କୁମାର ଦେ,ଶିକ୍ଷାବିତ୍ ପ୍ରଫେସର କାର୍ତ୍ତିକ ପ୍ରସାଦ ଜେନା, ଆଇନଜିବୀ ରାମଚନ୍ଦ୍ର ଜେନା, ଗୋପାଳ ଚନ୍ଦ୍ର ଜେନା, ଭାଗିରଥି ଜେନା , ସରପଞ୍ଚ ହରେକୃଷ୍ଣ ଜେନା, ସାମ୍ବାଦିକ ପ୍ରତାପ କୁମାର ପାତ୍ର ପ୍ରମୁଖ ଗଭୀର ଶୋକ ପ୍ରକାଶ କରିବା ସହ ଶୋକ ସନ୍ତପ୍ତ ପରିବାରକୁ ଗଭୀର ସମବେଦନା ଜଣାଇଛନ୍ତି ।

# ବସ୍ତାର ବାହାର୍ଦ୍ଦାବସ୍ତିରୁ ଅତି ନିର୍ଦ୍ଦୟ ଭାବେ ଚାଲାଣ ହେଉଥିବା ୩୭ ଗୋରୁ ଉଦ୍ଧାର: କାର୍ଯ୍ୟାନୁଷ୍ଠାନ ଦାବି

ବସ୍ତା,୧୭।୨(ନିପ୍ର): ରବିବାର ରାତିରେ ବସ୍ତା ଥାନା ବାହାର୍ଦ୍ଦାବସ୍ତିରେ ଅତି ବର୍ବରୋଚିତ ଭାବରେ ଗୋବଂଶ ବୋଝେଇ ଚାଲିଥିଲା ବେଳେ ଗୋ ସେବା ଓ ସୁରକ୍ଷା ସମିତି ପକ୍ଷରୁ ୩୭ ଗୋରୁ ପୁଲିସ ସହାୟତାରେ ଧରା ଯାଇଛି । ଏହି ଗୋରୁ ଗାଈମାନଙ୍କୁ କଂସେଇଖାନା ନିଆଯାଇଥାଆନ୍ତା । ବସ୍ତା ଅଞ୍ଚଳର କିଛି ଯୁବ ସନାତନୀ ଏ ଖବର ପାଇ ବାଲେଶ୍ୱର ଏସ୍.ପି.ଙ୍କ ଦ୍ୱାରା ବସ୍ତା ଥାନାକୁ ଖବର କରିବା ପରେ ପୁଲିସ୍ ବସ୍ତି ଗାଡ଼ି ଧରିଥିଲା । ମାତ୍ର ଗୋଟିଏ ଗାଡ଼ିରୁ ଗୋବଂଶଙ୍କୁ ଉହ୍ଲାଇ ଛାଡ଼ିଦେଇଥିଲା । ଏହାକୁ ଦେଖି ଅଭିଯୋଗ କରିଥିବା ଯୁବ ସାଥୀମାନେ ମଥାନୀ ନିକଟରେ ଅଟକ ରଖିଥିଲେ । ସେଠାରେ ପରେ ପୁଲିସ୍ ମଧ୍ୟ ପହଞ୍ଚିଥିଲା ।



୧୫ ଗୋବଂଶ ମଥାନୀ ନିକଟରେ ଥିଲେ । ଆଉ ଗୋଟିଏ ଗାଡ଼ିରେ ୨୨ଜଣ ଗୋବଂଶ ବିଳମ୍ୱିତ ରାତ୍ରି ପର୍ଯ୍ୟନ୍ତ ଫାସୀ ଦିଆଯାଇଥିବା ଭଳି ବନ୍ଧାହୋଇଥିଲେ ଡବଲ୍ୟୁ ବି ୨୯ଏ୫୦୧୨ ଟ୍ରକରେ । ଯାହାର ଭିଡିଓ ଓ ଫଟୋ ସୁରକ୍ଷିତ ଅଛି । ଗୋଟିଏ ଗାଈ ମୃତ୍ୟୁ ବରଣ କରିଛି । ଏବେ ସନ୍ଦେହ ହେଉଛି ଉଦ୍ଧାର ହୋଇଥିବା ଗୋବଂଶ ସମ୍ପର୍କରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହୋଇଛି । ବାହାର୍ଦ୍ଦା ବସ୍ତିଟି ଥାନା ,ଏସଡ଼ିପିଓ ଏବଂ ବସ୍ତା ତହସିଲ ଠାରୁ ମାତ୍ର ପାଞ୍ଚ ଶହ ମିଟର ଦୂରରେ ରହିଥିଲେ ହେଁ ସେଠାରୁ ଗୋଚାଲାଣ ନିୟମିତ ହେବା ଦୁର୍ଭାଗ୍ୟ ଜନକ ବୋଲି ବସ୍ତା ଗୋ ସେବା ଓ ସୁରକ୍ଷା ସମିତି ପକ୍ଷରୁ କର୍ମକର୍ତ୍ତା ମାନସ ଦାସ, ସୂର୍ଯ୍ୟ ନାରାୟଣ ସାହୁ,ନିହାର ରଞ୍ଜନ ବେହେରା,ଦିବାକର ରାଉତ, ପ୍ରକାଶ କୁମାର କୁଣ୍ଡୁ, ଜ୍ୟୋତିର୍ମୟ ନନ୍ଦ ଅଭିଯୋଗ କରିଛନ୍ତି , ଗୋଚାଚାଲାଣ ସଂପୂର୍ଣ୍ଣ ବନ୍ଦ ନହେଲେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବୁ ବୋଲି କହିଛନ୍ତି ।

# ସରୋଜିନୀ ଏକାଡ଼େମୀର ବାର୍ଷିକ ଉତ୍ସବ

ଉଦଳା , ୧୭/୨ (ନି.ପ୍ର): ଉଦଳା ବ୍ଲକର କୁଣ୍ଡାବାଇ ପଂଚାୟତ ଅନ୍ତର୍ଗତ ବଳଭଦ୍ରପୁର ଗ୍ରାମ ଠାରେ ଗଢ଼ି ଉଠିଥିବା ଘରୋଇ ବିଦ୍ୟାଳୟ 'ସରୋଜିନି ଏକାଡ଼େମି'ର ବାର୍ଷିକ ଉତ୍ସବ ଚଳିତ ଫେବୃଆରି ୧୬ ତାରିଖ ରବିବାର ଦିନ ପାଳିତ ହୋଇ ଯାଇଛି । ଏଥିପାଇଁ ଦିର୍ଘ ୧ ସପ୍ତାହ ପୁର୍ବରୁ ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଥିଲା । ରାଜ୍ୟସଭା ସାଂସଦ ମମତା ମହାନ୍ତ ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରିବା ସହ ବିଦ୍ୟାଳୟ ପ୍ରତିଷ୍ଠାତା ସଦସ୍ୟ ମାନଙ୍କର ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ । ସେହିପରି ଭାଜପାର ରାଜ୍ୟ




ପ୍ରବକ୍ତା, କବି, ସାହିତ୍ୟିକ ଓ ସାମ୍ବାଦିକ କବିବିଷ୍ଣୁ ଶତପଥି ମୁଖ୍ୟ ବକ୍ତା ଭାବରେ ଯୋଗଦେଇ ଅତିତରେ ଭାରତର ଶିକ୍ଷା ଓ ଦର୍ଶନ କିପରି ସମଗ୍ର ବିଶ୍ୱବାସୀଙ୍କୁ ଆକୃଷ୍ଟ କରିଥିଲା ଏବଂ ତକ୍ଷଶିଳା ଭଳି ବିଶ୍ୱବିଦ୍ୟାଳୟ ଗଢ଼ିଉଠିଥିଲା ଏହାର ବିସ୍ତୃତ ଇତିହାସ ବର୍ଣ୍ଣନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଉଦଳା ବ୍ଲକ ଅଧ୍ୟକ୍ଷା ମଂଜୁଲତା ବିଶ୍ୱାଳ, ସ୍ଥାନୀୟ ସରପଂଚ ପୁଷ୍ପଲତା ମହାଲି, ସମିତି ସଭ୍ୟା ମାଳତି ଟୁଡୁ, ପ୍ରାକ୍ତନ ପ୍ରଧାନ ଶିକ୍ଷକ ହରିମୋହନ ବେହେରା, ଡ଼. ରମାକାନ୍ତ ପ୍ରମୁଖ ମଂଚାସୀନ ଅତିଥି ଭାବରେ ଯୋଗଦେଇ ସରୋଜିନି ଏକାଡ଼େମିର ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ । ଏକାଡ଼େମିର ଅଧ୍ୟକ୍ଷା ମମତା ମହାନ୍ତି ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ସହିତ ମଂଚପରିଚାଳନା ଦାୟିତ୍ୱ ତୁଲାଇଥିଲେ । ପରେ ପୁରସ୍କାରବିତରଣ ପର୍ବ ଆରମ୍ଭ ହୋଇଥିଲା । ପରିରୂପା ମହାନ୍ତ, ଓମ୍ ପ୍ରକାଶ ସିଂ, ସାଗରାମ ସୋରେନ ଓ ମିଲନ କୁମାର ମୁର୍ମୁ ୨୦୨୪ ମସିହା ବୃତି ପରୀକ୍ଷାରେ କୃତିତ୍ୱ ହାସଲ କରି ଶିକ୍ଷାକେନ୍ଦ୍ର ପାଇ ଗର୍ବ ଓ ଗୌରବ ଆଣିଥିବାରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶିକ୍ଷାକେନ୍ଦ୍ରର ପ୍ରତିଷ୍ଠାତା ତପନ ମହାନ୍ତ ବିବରଣୀ ପାଠ କରିବା ସହ କାର୍ଯ୍ୟକ୍ରମର ଶେଷ ସ୍ୱର୍ଣ୍ଣ ଦେଇଥିଲେ । ପରେ ଛାତ୍ର ଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା ।

# ପରୀକ୍ଷା କେନ୍ଦ୍ର ତତ୍ତ୍ୱାବଧାରକ ମାନଙ୍କ ବୈଠକ

ବାରିପଦା , ୧୭/୨ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲାର ଚଳିତ ବର୍ଷ ଦଶମ ଶ୍ରେଣୀ ଛାତ୍ର ଛାତ୍ରୀ ମାନଙ୍କର ବୋର୍ଡ଼ ପରୀକ୍ଷା ଆସନ୍ତା ୨୧ ତାରିଖରୁ ଅନୁଷ୍ଠିତ ହେଉଥିବାରୁ ଜିଲ୍ଲାର ସମସ୍ତ ପରୀକ୍ଷା କେନ୍ଦ୍ର ତତ୍ତ୍ୱାବଧାରକ ମାନଙ୍କର ବୈଠକ ସ୍ଥାନୀୟ ମହାରାଣୀ ପ୍ରେମ କୁମାରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛିଓ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ସଭାପତିତ୍ୱ ସହିତ ପରୀକ୍ଷାକୁ ସ୍ୱଚ୍ଛତା ଅବଲମ୍ବନ କରିବା ପାଇଁ ସମସ୍ତ କେନ୍ଦ୍ର ତତ୍ତ୍ୱାବଧାରକ ମାନଙ୍କୁ ପରାମର୍ଶ ଦେଇଥିଲେ ଓ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ ଯୋଗ ଦେଇ ପରୀକ୍ଷାକୁ ସୁଚାରୁରୂପେ ସମ୍ପାଦନ ସହିତ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ସହଯୋଗ ପ୍ରଦାନ କରାଯିବ ବୋଲି ପ୍ରତିଶୃତି ଦେଇଥିଲେ ଓ ସମ୍ମାନୀୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶଶୀଧର ସିଂ ପରୀକ୍ଷା ପଦ୍ଧତି ଉପରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେଓତତ୍ ସହିତ ବରିଷ୍ଠ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୌତମ କୁମାର ପାତ୍ର ପରୀକ୍ଷାର ବାସ୍ତବ ଚିତ୍ର ଉପରେ ଆଲୋଚନା କରି କାର୍ଯ୍ୟରେ ଅବହେଳା ପାଇଁ ବିଭିନ୍ନ ପ୍ରକାରର ଦଣ୍ଡ ନିୟମ ଉପରେ ସତର୍କତା ଅବଲମ୍ବନ କରାଇଥିଲେଓଏଥିରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ




ବିକାଶରଞ୍ଜନ ମହାନ୍ତି, ଉଦଳା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଅନୁଜା ମାଧୁରୀ ଦାସ ପ୍ରମୁଖ ଉପସ୍ଥିତ ଥିଲେଓ ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜ୍ଞାନରଞ୍ଜନ ଆଚାର୍ଯ୍ୟଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହିତ ବୋର୍ଡ଼ର ସମସ୍ତ କାର୍ଯ୍ୟ ଉପରେ ଆଲୋକପାତ କରିଥିଲେ । ପ୍ରାରମ୍ଭରେ ଉକ୍ତ ବିଦ୍ୟାଳୟର କୃତି ଶିକ୍ଷକ ଡକ୍ଟର ଶଶୀଧର ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ବିଦ୍ୟାଳୟର ପ୍ରଧାନଶିକ୍ଷୟତ୍ରୀ ସଞ୍ଜୟ କୁମାର କଲିଆ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ ଓ ଏଥିରେ ଜିଲ୍ଲାର ୨୧ ଟି ନୋଡାଲ ସେଣ୍ଟରର କେନ୍ଦ୍ର ତତ୍ତ୍ୱାବଧାରକ ସହିତ ଜିଲ୍ଲାର ୧୭୬ ଟି ପରୀକ୍ଷା କେନ୍ଦ୍ରର ତତ୍ତ୍ୱାବଧାରକ ମାନେ ଉପସ୍ଥିତ ଥିଲେ ।

# କଣ୍ଟାପାଳ ହାଇସ୍କୁଲର ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା

ଶାମାଖୁଣ୍ଟା, ୧୭/୨ (ନି.ପ୍ର): ଶାମାଖୁଣ୍ଟା ବ୍ଲକ୍ ଅନ୍ତର୍ଗତ ସରକାରୀ ଉଚ୍ଚ ବିଦ୍ୟାଳୟ , କଣ୍ଟାପାଳ ପରିସରରେ ଦଶମ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ ଓ ପରିଚାଳନା କମିଟି ତରଫରୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି । ବିଦ୍ୟାଳୟର ପ୍ରଧାନଶିକ୍ଷକ ଅମିତାଭ ମିଶ୍ର ଏହି ଅବସରରେ ଛାତ୍ରଛାତ୍ରୀ ମାନଙ୍କୁ ଉଦବୋଧନ ଦେଇ ଭବିଷ୍ୟତରେ ଅଧ୍ୟୟନ ସହ ଦେଶ ଗଠନ ରେ ବ୍ରତୀ ହେବା ପାଇଁ ଉପଦେଶ ଦେଇଥିଲେ । ବରିଷ୍ଠ ଶିକ୍ଷକ ଆଶିଷ ରଞ୍ଜନ ବାସୁରୀଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ବିଦାୟ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ମୃତ୍ୟୁଞ୍ଜୟ ପ୍ରଧାନ , ଦେବସ୍ମିତା ମହାନ୍ତ, ଅନିଶା ବେହେରା , ନିବେଦିତା ନାଏକ , ଲକ୍ଷ୍ମୀ କୁମାରୀ ,ମହେଶ ସେଠୀ , ପ୍ରତାପ ଚନ୍ଦ୍ର ଧଡା ,ସୁମିତ୍ରା ତରେଇ , ପୁଷ୍ପାଞ୍ଜଳି ସେଠୀ ପ୍ରମୁଖ ଛାତ୍ରଛାତ୍ରୀ ମାନଙ୍କୁ ବିଭିନ୍ନ ପରୀକ୍ଷା କୌଶଳ ସଂପର୍କରେ ସୂଚନା ଦେଇଥିଲେ । ପ୍ରଧାନଶିକ୍ଷକ ଛାତ୍ରଛାତ୍ରୀ ମାନଙ୍କୁ ବିଭିନ୍ନ ପାଠ୍ୟ ଉପକରଣ ଓ ଶିକ୍ଷଣୀୟ ପୁସ୍ତକ ପ୍ରଦାନ କରିଥିଲେ କ୍ଷ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଅଜିତ୍ କାଣ୍ଡିଙ୍କ ସମେତ ସମସ୍ତ ସଭ୍ୟ ସଭ୍ୟା କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ଉପସ୍ଥାପନ ହେଲା...

୫୨୬ କୋଟି, ଓଡ଼ିଶା ପୃଷ୍ଟି ମିଶନ ପ୍ରତିଷ୍ଠା ପାଇଁ ୧୦୦ କୋଟି, ମାଳତୀ ଦେବୀ ପ୍ରାକ ବିଦ୍ୟାଳୟ ପରିଧାନ ଯୋଜନାରେ ୮୫ କୋଟି, ଗଙ୍ଗାଧର ମେହେର ଶିକ୍ଷା ମାନ ବୃଦ୍ଧି ଯୋଜନାରେ ୧୯୩ କୋଟି, ପ୍ରଥମରୁ ଅଷ୍ଟମ ଶ୍ରେଣୀ ପିଲାଙ୍କ ୟୁନିଫର୍ମ ପାଇଁ ୧୯୪ କୋଟି, ବିଶ୍ୱ ଦକ୍ଷତା କେନ୍ଦ୍ର ପ୍ରତିଷ୍ଠା ପାଇଁ ୧୧୮୦ କୋଟି, ନୂଆ ଓଡ଼ିଶା ଯୋଜନା ପାଇଁ ୧୩୫ କୋଟି, ଅଟଳ ବସ୍ ଷ୍ଟାଣ୍ଡ ପାଇଁ ୧୨୬୬ କୋଟି, ସୁଭଦ୍ରା ସୁରକ୍ଷା ଯୋଜନା ପାଇଁ ୧୫୩ କୋଟି, ଶ୍ରୀଜଗନ୍ନାଥ ଦର୍ଶନ ଯୋଜନା ପାଇଁ ୩୦ କୋଟି, ଦକ୍ଷିଣ ଓଡ଼ିଶା ବିକାଶ ପରିଷଦ ପାଇଁ ୨୦୦ କୋଟି, ସମୃଦ୍ଧ ସହର ପାଇଁ ୪୦୮ କୋଟି ଓ ସହିଦ ଲକ୍ଷ୍ମଣ ନାୟକ ଆଦର୍ଶ ବିଦ୍ୟାଳୟ ପାଇଁ ୧୦୦ କୋଟି ଟଙ୍କା ବ୍ୟୟବରାଦ ପ୍ରସ୍ତାବ ରହିଛି । ଏଥର ବଜେଟ୍‌ରେ ସୁଭଦ୍ରା ଯୋଜନା ପାଇଁ ୧୦ ହଜାର ୧୪୫ କୋଟି ଟଙ୍କାର ବ୍ୟୟ ବରାଦ ହୋଇଥିବା ବେଳେ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ୬, ୨୪୯ କୋଟି ବ୍ୟୟ ଅଟକଳ କରାଯାଇଛି । ସେହିପରି ପ୍ରଧାନମନ୍ତ୍ରୀ ମାତୃ ବନ୍ଦନା ଯୋଜନା ପାଇଁ ୪୯୨ କୋଟିର ବ୍ୟୟବରାଦ କରାଯାଇଥିବା ବେଳେ ମୁଖ୍ୟମନ୍ତ୍ରୀ ପରିବହନ ଯୋଜନା ଲାଗି ୧ ହଜାର ୮୫ କୋଟି ଓ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ପାଇଁ ୩ ହଜାର ୪୭୦ କୋଟି ଟଙ୍କା ଖର୍ଚ୍ଚ କରାଯିବାକୁ ପ୍ରସ୍ତାବ ରହିଛି । ନୂତନ ସେତୁ ପ୍ରକଳ୍ପ ବାବଦରେ ୨ ହଜାର କୋଟିର ବ୍ୟୟ ବରାଦ ରହିଛି । ରାଜଧାନୀ ଭୁବନେଶ୍ୱରରେ ଯାନବାହାନ ଭିଡ଼ ରୋକିବାକୁ ଆଉଟର ରିଂ ରୋଡ୍ ନିର୍ମାଣ ପାଇଁ ୧୩ ହଜାର କୋଟି ଖର୍ଚ୍ଚ ହେବ । ସବୁ ରାଜ୍ୟ ରାଜପଥକୁ ୪ ଲେନ କରାଯିବା ନିଷ୍ପତ୍ତି ହୋଇଛି । ନୂଆକରି ୩ ହଜାର କିମି ରାସ୍ତା ନିର୍ମାଣ କରାଯିବ । ଯେଉଁଥିରେ ୬ ହଜାର ୫୦୨ କୋଟି ଟଙ୍କା ବ୍ୟୟ କରାଯିବ ବୋଲି ବଜେଟ୍‌ରେ ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ।

## ଆଜିଠାରୁ...

ପ୍ରଶ୍ନ ପତ୍ର ଲିକ୍ ବା ଗୁଜବ କଲେ ଦୋଷୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଚଳିତ ଥର କୌଣସି ସିଲାବସ୍ ବଦଳି ନାହିଁ, କେବଳ ପାର୍ଟନ ବଦଳିଛି ବୋଲି ସୂଚନା ମିଳିଛି । ଉଇଝର ପାର୍ଟନରେ ପରୀକ୍ଷା ହେବାକୁ ଯାଉଥିବା ବେଳେ, ସବଜେକ୍ଟିଭ ବଦଳରେ ଅବଜେକ୍ଟିଭକୁ ଅଧିକ ଗୁରୁତ୍ୱ ଦିଆଯାଇଛି ।

## ଅନୁଭବଙ୍କ ବିବାହ...

ଶନିବାର ଦିନର ଭୁବନେଶ୍ୱରରେ ଅନୁଭବଙ୍କ ଜୀବନ ଉପରେ ଉନ୍ମୋଚିତ ହୋଇଛି ପୁସ୍ତକ ବ୍ଲକ୍ ବାଷ୍ଟରରୁ ବାଲେଟ ବକ୍ସ ଅନୁଭବ ମହାନ୍ତି । ଆଉ ସେହି ସମୟରେ ଚଳଚ୍ଚିତ୍ର ଓ ସାହିତ୍ୟ ଜଗତର ଅନେକ ବିଶିଷ୍ଟ ବ୍ୟକ୍ତି ସାମିଲ ହୋଇଥିଲେ । ଏମିତି କି ରାଜନୈତିକ ମହଲର ବି କିଛି ବିଶିଷ୍ଟ ବ୍ୟକ୍ତି ନଜର ଆସିଥିଲେ । ପୁସ୍ତକ ଉନ୍ମୋଚନ ପରେ ଉଭୟ ଅନୁଭବ ଓ ଜାଗୃତି ନିଜର ପ୍ରତିକ୍ରିୟା ରଖିଛନ୍ତି । ହେଲେ ସେହି ମାହୋଲରେ ଜାଗୃତିଙ୍କ ଏହି ଇଶାରା ପରେ ଅନୁଭବ ପ୍ରତିକ୍ରିୟା ରଖିଥିଲେ । ତେବେ ଆଗକୁ କ'ଣ ଜାଗୃତିଙ୍କ ହାତ ଧରିବେ ଅନୁଭବ । ତେବେ ଉଭୟ ନିଜର ବିବାହକୁ ନେଇ ଖୋଲା ଖୋଲି ନହିଥିଲେ ମଧ୍ୟ ତାଙ୍କରି ଏହି ଇସାର ଯେମିତି ସେଇଆ ହିଁ କହୁଛି ।

## କିଟ୍‌ରେ ନେପାଳୀ...

ଏନେଇ ଏକ ଭିଡିଓ ଭାଇରାଲ ହେଉଛି । ଯେଉଁଠି ଏକ ଭିଡିଓ କ୍ଲିପରେ ଜଣେ ଛାତ୍ର ଏପରି କହୁଥିବା ଶୁଣାଯାଉଛି । ତେବେ ପରିସ୍ଥିତିକୁ ନିୟନ୍ତ୍ରଣାଧୀନ କରିବା ପାଇଁ କ୍ୟାମ୍ପସରେ ପୋଲିସ ଫୋର୍ସ ମୁତୟନ କରାଯାଇଛି । ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲକୁ ପଠାଯାଇଛି । ମୃତ ଛାତ୍ରୀଙ୍କ ପିତାମାତାଙ୍କୁ ଏନେଇ ସୂଚନା ଦିଆଯାଇଛି ।

## ଭୂମିକମ୍ପରେ ଥରିଲା ...

କିଲୋମିଟର ତଳେ ଥିଲା । ଏହି ଭୂକମ୍ପର ସର୍ବାଧିକ ପ୍ରଭାବ ଦିଲ୍ଲୀ-ଏନସିଆରରେ ଅଧିକ ଅନୁଭୂତ ହୋଇଥିଲା । ଦିଲ୍ଲୀ-ଏନସିଆର ସହିତ ଉତ୍ତରପ୍ରଦେଶର ମୁରାଦାବାଦ, ସାହାରନପୁର, ଅଲୱାର, ମଥୁରା ଏବଂ ଆଗ୍ରାରେ ଶକ୍ତିଶାଳୀ ଭୂକମ୍ପ ଅନୁଭୂତ ହୋଇଥିଲା । ହରିୟାଣାର କୁରୁକ୍ଷେତ୍ର, ହିସାର, କେଥଲ ଓ ବିହାରର ସିୱାନରେ ମଧ୍ୟ ଭୂକମ୍ପର ପ୍ରଭାବ ଅନୁଭୂତ ହୋଇଥିଲା । ଏହି ଭୂକମ୍ପରେ କୌଣସି ପ୍ରକାରର କ୍ଷତିର ଖବର ଆସିନାହିଁ । ଦିଲ୍ଲୀ ପୋଲିସ ଏକ ଜରୁରୀକାଳୀନ ହେଲ୍ପଲାଇନ୍ ନମ୍ବର ଜାରି କରିଛି । ଦିଲ୍ଲୀ ପୋଲିସ ଇନଷ୍ଟାଗ୍ରାମରେ ପୋଷ୍ଟ କରି କହିଛି, "ଆଶା କରୁଛି ଆପଣମାନେ ସମସ୍ତେ ସୁରକ୍ଷିତ ଅଛନ୍ତି ।" ଯେକୌଣସି ଜରୁରୀକାଳୀନ ସହାୟତା ପାଇଁ ୧୧୨ ଡାଏଲ୍ କରି ଆମ ସହିତ ଯୋଗାଯୋଗ କରନ୍ତୁ ।" ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଟୁଇଟ କରି ସମସ୍ତେ ସୁସ୍ଥ ଥିବା ନେଇ ଆଶା କରିଥିବା କହିଥିଲେ । ମୋଦି ଲେଖିଥିଲେ, ଦିଲ୍ଲୀରେ ଭୂକମ୍ପ ଅନୁଭୂତ ହୋଇଛି । ସମସ୍ତଙ୍କୁ ସୁରକ୍ଷିତ ରହିବା ସହ ବିଚଳିତ ନ ହେବା ପାଇଁ ପରାମର୍ଶ ଦେଇଥିଲେ । ଏହା ସହିତ ସରକାର ଏହି ଘଟଣା ଉପରେ ନଜର ରଖିଛନ୍ତି ବୋଲି ସେ ଲେଖିଥିଲେ । ଭୂକମ୍ପ ସମ୍ପର୍କରେ ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଏବଂ ଆମ ଆଦମୀ ପାର୍ଟିର ସଂଯୋଜକ ଅରବିନ୍ଦ କେଜ୍‌ରିୱାଲ ଟ୍ୱିଟରରେ ପୋଷ୍ଟ କରି ଲେଖିଛନ୍ତି, "ମୁଁ ସମସ୍ତଙ୍କ ସୁରକ୍ଷା ପାଇଁ ପ୍ରାର୍ଥନା କରୁଛି ।" ଆପ ନେତା ଆତିଶୀ ମାର୍ଲେନା ମଧ୍ୟ ପୋଷ୍ଟ କରିଛନ୍ତି, "ଦିଲ୍ଲୀରେ ଏକ ଶକ୍ତିଶାଳୀ ଭୂକମ୍ପ ହୋଇଛି । ମୁଁ ଭଗବାନଙ୍କ ନିକଟରେ ପ୍ରାର୍ଥନା କରୁଛି ଯେ ସମସ୍ତେ ସୁରକ୍ଷିତ ରୁହନ୍ତୁ ।

# ୨୦୨୫ -୨୬ ବର୍ଷ ପାଇଁ ୨.୯୦ ଲକ୍ଷ କୋଟିର ଓଡ଼ିଶା ବଜେଟକୁ ସ୍ୱାଗତ କଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

ଭୁବନେଶ୍ୱର, ୧୭/୨ (ନି.ପ୍ର): ୨୦୨୫ -୨୬ ଆର୍ଥିକ ବର୍ଷ ପାଇଁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଧାନସଭାରେ ଉପସ୍ଥାପନ କରିଥିବା ବଜେଟ୍ ଐତିହାସିକ ଓ ଭବିଷ୍ୟତବାଦୀ । ୨୦୩୬ ଓ ୨୦୪୭ ସୁଦ୍ଧା ବିକଶିତ ଓଡ଼ିଶାର ସ୍ୱପ୍ନକୁ ପୂରଣ କରିବା ଦିଗରେ ଏହା ଏକ ସାମଗ୍ରିକ ବଜେଟ୍ ବୋଲି 'ଏକ୍ସ' ଜରିଆରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଓଡ଼ିଶାର ପ୍ରଗତି, ସବୁ କ୍ଷେତ୍ରର ଉନ୍ନତି ତଥା ସମସ୍ତ ନାଗରିକଙ୍କ କଲ୍ୟାଣକୁ ଦୃଷ୍ଟିରେ ରଖି ଚଳିତବର୍ଷ ୨ ଲକ୍ଷ ୯୦ ହଜାର କୋଟି ଟଙ୍କାର ବଜେଟ୍ ଉପସ୍ଥାପାନ କରିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଧନ୍ୟବାଦ ଜଣାଇଛନ୍ତି କେନ୍ଦ୍ରମନ୍ତ୍ରୀ । ସେ କହିଛନ୍ତି ଯେ ଆଜିର ଲୋକକଲ୍ୟାଣକାରୀ ବଜେଟ୍ ଡବଲ ଇଞ୍ଜିନ ସରକାରର ବିକାଶମୂଳକ ଦୂରଦୃଷ୍ଟିର ପ୍ରତିଫଳନ । ଆଜିର ବଜେଟରୁ ରାଜ୍ୟର ଗରିବ, ଚାଷୀ, ମହିଳା, ଯୁବ, ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଓ ବଞ୍ଚିତ ବର୍ଗର ଲୋକମାନେ ବିଶେଷ ଭାବେ ଉପକୃତ ହେବେ । ଗାଁରୁ ସହର ପର୍ଯ୍ୟନ୍ତ ପ୍ରତ୍ୟେକ କ୍ଷେତ୍ରର ବିକାଶ ହେବ । ଶିକ୍ଷା, ଦକ୍ଷତା ବିକାଶ, ସ୍ୱାସ୍ଥ୍ୟସେବା, ଖାଦ୍ୟ ସୁରକ୍ଷା, କ୍ରୀଡ଼ା, ସାମାଜିକ ଓ ଯୋଗାଯୋଗ କ୍ଷେତ୍ରରେ ଓଡ଼ିଶାର ଭବିଷ୍ୟତକୁ ସୁଦୃଢ଼ କରିବ । ଏହି ବଜେଟ୍ ପ୍ରଧାନମନ୍ତ୍ରୀଙ୍କ 'ସବକା ସାଥ୍, ସବକା ବିକାଶ'ର ସଂକଳ୍ପକୁ ସାକାର କରିବ । ଚଳିତ



ବଜେଟରୁ ରାଜ୍ୟରେ ସଡକପଥ, ରେଳ, ବିମାନ ବନ୍ଦର, ଶିଳ୍ପ ଓ ଆନୁଷଙ୍ଗିକ ଭିତ୍ତିଭୂମି ସୁଦୃଢ ହେବ । ଶ୍ରୀ ପ୍ରଧାନ କହିଛନ୍ତି ଯେ ଚଳିତ ଆର୍ଥିକ ବର୍ଷ ପାଇଁ ସ୍ୱାସ୍ଥ୍ୟ କ୍ଷେତ୍ରରେ ୨୩,୬୩୫ କୋଟି, ଶିକ୍ଷା କ୍ଷେତ୍ରରେ ୪୧, ୨୭୩ କୋଟି, ସାମାଜିକ ସୁରକ୍ଷା କ୍ଷେତ୍ରରେ ୨୪,୨୫୦ କୋଟି, ମହିଳାଙ୍କ ବିକାଶ ପାଇଁ ୧୭,୯୧୮ କୋଟି, କୃଷି ଓ ଆନୁଷଙ୍ଗିକ କ୍ଷେତ୍ର ପାଇଁ ୩୭,୮୩୮ କୋଟି, ଜଳସେଚନ ଏବଂ ବନ୍ୟା ନିୟନ୍ତ୍ରଣ ପାଇଁ ୧୬,୨୭୩ କୋଟି ଟଙ୍କା, ଗ୍ରାମୀଣ ବିକାଶ ପାଇଁ ୩୯,୨୨୧ କୋଟି ଓ ସହର ବିକାଶ ପାଇଁ ୯୯୮୫ କୋଟି ଓଡ଼ିଶାକୁ ଆର୍ଥିକ ଦୃଷ୍ଟିରୁ ମଜଭୂତ୍ କରିବ । ବିକଶିତ ଓଡ଼ିଶାର ମୂଳଦୁଆ ପକାଇବ । ଏହି ପରିପ୍ରେକ୍ଷୀରେ ସମୃଦ୍ଧ କୃଷକ ଯୋଜନା ପାଇଁ ୬୦୦୦ କୋଟି, ସିଏମ କିଷାନ ପାଇଁ ୨୦୨୦ କୋଟି ଟଙ୍କା ଓ ଜଳସେଚନ ପାଇଁ ଅର୍ଥ ବ୍ୟୟବରାଦ ଚାଷଙ୍କ ଆୟକୁ ବଢାଇବା ସହ ସେମାନଙ୍କୁ ଆତ୍ମନିର୍ଭର କରିବ । ସମଗ୍ର ଶିକ୍ଷା ପାଇଁ ୪୬୮୧ କୋଟି, ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା ପାଇଁ ୨୯୬୦ କୋଟି ଶିକ୍ଷା କ୍ଷେତ୍ରକୁ ଉନ୍ନତି କରିବ । ସୁଭଦ୍ରା ଯୋଜନାରେ ଚଳିତ ୧୦,୧୪୫ କୋଟି ଟଙ୍କା ବ୍ୟୟବରାଦ ଦ୍ୱାରା ଆମର ମାଆ ଭଉଣୀମାନେ ବିଶେଷ ଉପକୃତ ହେବେ । ଓଡ଼ିଶା ପୋଷଣ ମିଶନ ପାଇଁ ୧୦୦ କୋଟି ଟଙ୍କା ବ୍ୟୟବରାଦ ଦ୍ୱାରା ରାଜ୍ୟରେ ଅପପୃଷ୍ଟି ହାର ହ୍ରାସ ପାଇବ । ପର୍ଯ୍ୟଟନ କ୍ଷେତ୍ରରେ ୮୨୦ କୋଟି ଟଙ୍କା ଓଡ଼ିଶାରେ ପର୍ଯ୍ୟଟକ ସୁବିଧା ଓ ପର୍ଯ୍ୟଟନ ଭିତ୍ତିଭୂମିକୁ ସୁଦୃଢ କରିବ । ହୀରାକୁଦ – ଦେବ୍ରିଗଡ-ସମ୍ବଲପୁର ଅଞ୍ଚଳକୁ ସମନ୍ୱିତ ପର୍ଯ୍ୟଟନସ୍ଥଳୀ ଭାବେ ବିକଶିତ କରାଯିବ । ହୀରାକୁଦ ଡ୍ୟାମ୍ ?ର ନବୀକରଣ ପାଇଁ ୮୫୦ କୋଟି ବ୍ୟୟ ହେବ, ଯାହାକୁ ଶ୍ରୀ ପ୍ରଧାନ ପ୍ରଶଂସା କରିଛନ୍ତି । ସେହିପରି ବଜେଟରେ ଉପସ୍ଥାପିତ ହୋଇଥିବା ୧୬ଟି ନୂଆ ଯୋଜନାର ପ୍ରଶଂସା କରି ଶ୍ରୀ ପ୍ରଧାନ କହିଛନ୍ତି ଯେ ଚଳିତ ବଜେଟରେ ଅନ୍ତ୍ୟୋଦୟ ଗୃହ ଯୋଜନା ପାଇଁ ୨୬୦୩ କୋଟି, ସୁଭଦ୍ରା ସୁରକ୍ଷା ଯୋଜନା ପାଇଁ ୧୫୩ କୋଟି, ଶହୀଦ ଲକ୍ଷ୍ମଣ ନାଏକ ଆଦର୍ଶ ବିଦ୍ୟାଳୟ ପାଇଁ ୧୦୦ କୋଟି, ବକୁଳ ବନର ଉନ୍ନତି ପାଇଁ ୫୦ କୋଟି, ଅଟଳ ବସ ଷ୍ଟାଣ୍ଡ୍ ପାଇଁ ୧୨୬୬ କୋଟି, ସମୃଦ୍ଧ ସହର ପାଇଁ ୪୦୮ କୋଟି ଟଙ୍କା, ପ୍ରବାସୀ ଓଡ଼ିଆଙ୍କ ପାଇଁ ୧୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।

ଧ୍ୱନି ପ୍ରତିଧ୍ୱନି

# ବାଲିଆପାଳ ମହୋତ୍ସବର ଅଷ୍ଟମ ସଂନ୍ଧ୍ୟା

ବାଲିଆପାଳ, ୧୭/୨ (ନି.ପ୍ର): ଅବକ୍ଷୟ ମୁଖୀ ସମାଜ ଓ ଅସନ୍ତୁଳିତ ପରିବେଶରେ ମାନବ ସଭ୍ୟତା ବଂଚିବାର ବାଟ ଖୋଜୁଛି ।ଏହି ସମୟରେ ଉତ୍ସବ ଏକ ମାତ୍ର ମାଧମ ଯାହା ମାନବ ଜାତି ମଧରେ ଭାଇ ଚାରାର ବୀଜ ବହନକରି ଉପୁଜିଥିବା ସମସ୍ୟାର ସମାଧାନ କରିପାରିବ ବୋଲି ଆଜି ବାଲିଆପାଳ ମହୋତ୍ସବରେ ଯୋଗଦେଇ ବିଶିଷ୍ଟ ବ୍ୟକ୍ତିମାନେ ମତବ୍ୟକ୍ତ କରିଛନ୍ତି । ଅତିଥି ଭାବରେ ଯୋଗଦେଇ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି । ଉତ୍ସବ କମିଟିର ବରିଷ୍ଠ ସଦସ୍ୟ ଅରୁଣ କୁମାର ପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର ?୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କଂଗ୍ରେସ ନେତା ସତ୍ୟଶିବ ଦାସ ଯୋଗଦେଇ କହିଛନ୍ତି। ମୁଖ୍ୟ ବକ୍ତା ପୂର୍ବତନ ପଞ୍ଚାୟତ ସମିତି ଅଧକ୍ଷ ତଥା କଂଗ୍ରେସ ନେତା ବିଜନ ନାୟକ କହିଥିଲେ ମହୋତ୍ସବ ଏକ ସାଂସ୍କୃତିକ ଜାଗରଣ ,ଏହା ବିଭିନ୍ନ ବର୍ଗର ଲୋକଙ୍କ ମଧରେ ଥିବା ସଂପର୍କର ଡୋରୀକୁ ଅଧିକ ଦୃଢ଼ କରେ । ସମ୍ମାନିତ ଅତିଥି ଭାବେ ସମାଜସେବୀ ତୁଷାରକାନ୍ତ ବେହେରା, ଯୁବନେତା ରବିନାରାୟଣ ମହାନ୍ତି ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ।ମହୋତ୍ସବ କମିଟି ର ବରିଷ୍ଠ ସଦସ୍ୟ ପ୍ରଦୀପ୍ତ ପାତ୍ର ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିଲେ । ବରିଷ୍ଠ ସଦସ୍ୟ ଶ୍ରୀଗୋବିନ୍ଦ ଦେବାଶିଷ ପାତ୍ର ଅତିଥି ପରିଚୟ ଏବଂ ସତ୍ୟବ୍ରତ ରାୟ ଧଣ୍ୟବାଦ ଅର୍ପନ କରିଥିଲେ ।ଉତ୍ସବ କମିଟି ପକ୍ଷରୁ ଆବାହକ ସୁଶାନ୍ତ ଚକ୍ରବର୍ତ୍ତୀ,ସୁଶାନ୍ତ ଦାସ ,ବିକ୍ରମ ଦେ, ପ୍ରବୀର ସି,ଜଗନ୍ନାଥ ବାରିକ,ତପନ ପ୍ରଧାନ,ବିଜୟ ସାମଲ , ନରେଶ ସାହୁ , ହରବନ୍ଧୁ ଜେନା,କୃଷ୍ଣବତ୍ସଳ ସାହୁ ପ୍ରମୁଖ ପରିଚାଳନାରେ ସହେଯାଗ କରିଥିଲେ । ଏହି ଅବସରରେ କୁନିକୁନି ପ୍ରତିଭା ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା।

# ବୋଲେରୋ-କାର ମୁହାଁମୁହିଁ: ୧ ମୃତ ଓ ୪ରୁ ଅଧିକ ଗୁରୁତର



କପ୍ତିପଦା, ୧୭/୨ (ନି.ପ୍ର): ଶରତ ଥାନା ଅନ୍ତର୍ଗତ ଲାବଣ୍ୟଦେଇପୁର ପଞ୍ଚାୟତର ଶରତ-କପ୍ତିପଦା ରାସ୍ତାର ହଦଗୁଠ୍ଠାରେ ଏକ ବୋଲେରୋ-କାର ମୁହାଁମୁହିଁ ଧକ୍କାରେ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ଚାରିଜଣରୁ ଅଧିକ ଯାତ୍ରୀ ଗୁରୁତର ଆହତ ହୋଇଥିବାର ଜଣାପଡିଛି । ଖବରରୁ ପ୍ରକାଶ ମହୁଲଡିହା ଥାନା ଯୋଡିପଦା ଅଞ୍ଚଳରୁ ଏକ ବିବାହ କାର୍ଯ୍ୟରେ କପ୍ତିପଦା ଅଞ୍ଚଳକୁ ଆସୁଥିବା ସମୟରେ ଶରତ ପଟକୁ ଯାଉଥିବା ଏକ କାର ସହିତ ମୁହାଁମୁହିଁ ଧକ୍କା ହୋଇଥିଲା । ଘଟଣାସ୍ଥଳରେ ବୋଲେରୋରେ ଥିବା କାଠିଆ ନାଏକଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା ଏବଂ ବରର ପିତା ସୁଦାମ ନାଏକଙ୍କ ସହିତ ୪ଜଣ ଗୁରୁତର ଆହତ ହୋଇଥିଲେ । କାରର ଡ୍ରାଇଭର ସମେତ ଯାତ୍ରୀମାନେ ମଧ ଆହତ ହୋଇଥିବାର ଜଣାପଡିଛି । ସେମାନଙ୍କୁ ତୁରନ୍ତ କପ୍ତିପଦା ଦମକଳ ବାହିନୀ ଉଦ୍ଧାର କରି ଉଦଳା ଡାକ୍ତରଖାନାରେ ଭର୍ତ୍ତି କରିଥିଲା । ଶରତ ପୁଲିସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ଆୟତ୍ତ କରି ଘଟଣାର ତଦନ୍ତ ଜାରୀ ରଖିଛି ।

# ଖାଦ୍ୟ ସୁରକ୍ଷାରୁ ବଂଚିତ ଦିନମଜୁରିଆଙ୍କ ପରିବାର



ଉଦଳା , ୧୭/୨ (ନି.ପ୍ର): ଉଦଳା ବ୍ଲକର ଶ୍ରୀଦାମଚନ୍ଦ୍ରପୁର ପଂଚାୟତ ଅନ୍ତର୍ଗତ ବଡ଼ଶୋଳ ଗ୍ରାମର ଦୃଶ୍ୟ । ଏହି ଗ୍ରାମର ବାସିନ୍ଦା ରାମ ସିଂ ଓ ତାଙ୍କର ସହଧର୍ମିଣୀ ସୁକାନ୍ତି ସିଂ ଏ ପର୍ଯ୍ୟନ୍ତ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ ହୋଇପାରିନଥିବାର ଜଣାଇଛନ୍ତି । ଫଳରେ ସରକାର ମୁଣ୍ଡପିଛା ଯେଉଁ ୫ କିଗ୍ରା ଚାଉଳ ଯୋଗାଇ ଦେଉଛନ୍ତି ତାହା ଉକ୍ତ ପରିବାର ପାଇପାରୁନଥିବାର କଥା କହିଛନ୍ତି । ଦିନମଜୁରିଆ ଭାବରେ କାମ କରି ନିଜର ଦୈନନ୍ଦିନର ଗୁଜୁରାଣ ମେଂଟାଉଥିବା ଏହିଭଳି ବହୁ ଗରିବ ପରିବାର ଖାଦ୍ୟ ସୁରକ୍ଷା ଯୋଜନାରୁ ବାଦ ପଡ଼ିଥିବା ସାଧାରଣରେ ଚର୍ଚ୍ଚା ହେଉଛି । ବିଭାଗୀୟ କର୍ତୃପକ୍ଷ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେବାକୁ ଜିଲ୍ଲାରେ କାର୍ଯ୍ୟରତ ଏକ ଲୋକ ସଂଗଠନର ସଦସ୍ୟ ମାନେ ଦାବି ଜଣାଇଛନ୍ତି ।

# ସତ୍ୟମ ଶିବମ ସୁନ୍ଦରମ ଯୁବକ ସଂଘ ପକ୍ଷରୁ ଏକ ସଫେଇ କାର୍ଯ୍ୟକ୍ରମ



ଜଳେଶ୍ୱର , ୧୭/୨ (ନି.ପ୍ର): ସାଧାରଣତ୍ତ ଭାବେ ଦେଶର ମେରୁଦଣ୍ଡ ହେଇଛନ୍ତି ଯୁବକ , ସେମାନଙ୍କ ଦ୍ୱାରା ବହୁ କିଛି କାର୍ଯ୍ୟ ସମ୍ଭବ ହୋଇଥାଏ । ଯେତେବେଳେ କୌଣସି ଗାଁର ହେଉ କିମ୍ବା ସାହି ପଡ଼ିଶାରେ ଅସୁବିଧା ପଡ଼େ ସେତେବେଳେ ଯୁବକ ମାନେ ହିଁ ଆଗରେ ଥାଆନ୍ତି ଠିକ୍ ସେହିପରି ଏକ ଯୁବକ ସଂଘ ହେଲା ଜଳେଶ୍ୱର ବ୍ଲକ ସର୍ଦ୍ଦାରବନ୍ଦ ଗ୍ରାମ ପଞ୍ଚାୟତର ଏହି ଗ୍ରାମ ପଞ୍ଚାୟତଟି ଏକ ଆଦିବାସୀ ଅଧ୍ୟୁଷିତ ଓ ସହର ଠାରୁ ବହୁ ଦୂରେନ ଜଙ୍ଗଲ ଭରା ଅଞ୍ଚଳ ଭାବରେ ଜଣାଶୁଣା ଏଠାରେ ସେମିତି କିଛି ଭଲ ସୁବିଧା ସୁଯୋଗ ନ ଥିବାର କାହାର କିଛି ଦରକାର ପଡିଲେ ଖୋଜା ପଡନ୍ତି ସତ୍ୟମ ଶିବମ ସୁନ୍ଦରମ ଯୁବକ ସଂଘକୁଆଗାମୀ ଶିବ ଚତୃଦୁର୍ଷି ଉପଲକ୍ଷେ ନିହାର ରଞ୍ଜନ ଦାସ ଙ୍କ ନେତୃତ୍ୱରେ ଗ୍ରାମ ଅନେକ ଯୁବକ ମାନେ ଗ୍ରାମରେ ଥିବା ଶିବ ମନ୍ଦିର ସାଙ୍ଗକୁ ରାସ୍ତା ଘାଟ ମନ୍ଦିର ବେଢ଼ା ସଫେଇ କାର୍ଯ୍ୟକ୍ରମ କରୁଥିଲେ ଏଥିରେ ନୀଳକଣ୍ଠ ଜେନା, ଶୁଭମ୍ କୁମାର ମହାପାତ୍ର, ସୁରଜ ମହାପାତ୍ର, ଦେଶବନ୍ଧୁ ସାମଲ, ଅରୁଣ ବେହେରା, ଗୌରଙ୍ଗ ସାମଲ, ଚତୁର୍ଭୂଜ ଗିରି ପ୍ରମୁଖ ମିଶି ସଫେଇ କରୁଥିଲେ ଓ ଆଗକୁ ଗରୀବ ଦୁଃଖୀ ଦରିଦ୍ର ଲୋକ ମାନଙ୍କର ସୁଖ ଦୁଃଖର ସାଥୀ ହୋଇ ସହଯୋଗ କରିବେ ବୋଲି ନିହାର ରଞ୍ଜନ ଦାସ କହୁଥିଲେ।

# ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନରେ ‘ବିଦୁ-ଚାନ୍ଦାନ’ ପୂଜା ଅନୁଷ୍ଠିତ

ବାରିପଦା, ୧୭/୨ (ନି.ପ୍ର): ସ୍ଥାନୀୟ ମୁର୍ଗାବାଡି ସ୍ଥିତ ’ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ’ ମୟୂରଭଞ୍ଜ ପରିସରରେ ଅଲଚିକି ଲିପିର ଶତବାର୍ଷିକ ଅବସରରେ ବିଦୁ-ଚାନ୍ଦାନ ପୂଜା କୁ ପାରମ୍ପରିକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା। ଏହି ପୂଜା କାର୍ଯ୍ୟକ୍ରମ ଟି ବରିଷ୍ଠ ପ୍ରଶିକ୍ଷିକା - ଚମ୍ପାବତୀ ହାଁସଦାଃ ଙ୍କ ତତ୍ତ୍ୱାବଧାନରେ ଏବଂ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧକ୍ଷ ପ୍ରମୋଦ କୁମାର ଡାକୁଆ ଓ ପୂର୍ବତନ ଅଧକ୍ଷ ଅନାଦି ଚରଣ ବିନ୍ଧାଣୀଙ୍କ ଉପସ୍ଥିତିରେ ପୂଜା ସମ୍ପନ୍ନ ହୋଇଥିଲା।ଏହି କାର୍ଯ୍ୟକ୍ରମ ଜରିଆରେ ଅଲଚିକି ଲିପିର ପ୍ରଚାର ପ୍ରସାର ଓ ସାନ୍ତାଳ ସମ୍ପ୍ରଦାୟର ସଂସ୍କୃତି ପରମ୍ପରାକୁ ବଜାୟ ରଖିବା ପାଇଁ ପ୍ରତ୍ସାହନ କରାଯାଇଥିଲା ଓ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ପରିବାରର ସମସ୍ତ ଶିକ୍ଷକ, ପ୍ରଶିକ୍ଷକ, ପ୍ରଶିକ୍ଷିକା ଓ ଉଭୟ ପ୍ରଥମ ଓ ଦ୍ୱିତୀୟ ବର୍ଷର ଗୁରୁ ଛାତ୍ର ଛାତ୍ରୀଙ୍କ ଦ୍ୱାରା ‘ବିଦୁ-ଚାନ୍ଦାନ’ ବଙ୍ଗାଟି ସାଫଲ୍ୟମଣ୍ଡିତ କରାଯାଇଥିଲା।

# ସୁଦେଷ୍ଣା ପ୍ରମୋଦ ସାହିତ୍ୟ ସଂସଦ ଓ ସୁଦେଷ୍ଣା ଖବରକାଗଜ ମିଳିତ ଆନୁକୂଲ୍ୟରେ ତୃତୀୟ ବାର୍ଷିକ ଉତ୍ସବ



ପୁରୀ, ୧୭/୨ (ନି.ପ୍ର): ୧୬ ତାରିଖ ରବିବାର ଦିନ ସୁଦେଷ୍ଣା ପ୍ରମୋଦ ସାହିତ୍ୟ ସଂସଦ ଓ ସୁଦେଷ୍ଣା ଖବରକାଗଜ ମିଳିତ ଆନୁକୂଲ୍ୟରେ ତୃତୀୟ ବାର୍ଷିକ ଉତ୍ସବ ରାମକୃଷ୍ଣ ନନ୍ଦ ସ୍ମୃତି ପରିଷଦ , ବାଇରୋଇ , ଫୁଲନଖରା , କଟକ ଠାରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଉତ୍ସବରେ ସଭାପତି କୁମାରକବି ପ୍ରଶାନ୍ତ ବାହିନୀପତିଙ୍କ ଅନୁପସ୍ଥିତିରେ ନାଟ୍ୟକାର , ଗୀତିକାର , ନାଟ୍ୟ ନିର୍ଦ୍ଦେଶକ , କବି ଶ୍ରୀଯୁକ୍ତ ଅଜୟ କୁମାର ସେଠୀ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ମହାକାଶ ବିଜ୍ଞାନୀ ଶ୍ରୀଯୁକ୍ତ କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ , ମୁଖ୍ୟ ବକ୍ତା ଭାବରେ ଜବାହର ଲାଲ ନେହ୍ରୁ ବିଶ୍ୱବିଦ୍ୟାଳୟ (ନୂଆଦିଲ୍ଲୀ) ପ୍ରଫେସର ଡକ୍ଟର ଉଦୟନାଥ ସାହୁ , ସମ୍ମାନିତ ବକ୍ତା ଭାବରେ ବିଶିଷ୍ଟ ସାହିତ୍ୟିକ ଶ୍ରୀଯୁକ୍ତ ଡକ୍ଟର ପୁରୁଷୋତ୍ତମ ବିଶ୍ୱାଳ , ସମ୍ମାନିତ ଅତିଥି ଭାବେ ଡ. ସାରଦା ପ୍ରସାଦ କର , ସଂସଦର ମୁଖ୍ୟ ଉପଦେଷ୍ଟା ଡକ୍ଟର ଲକ୍ଷ୍ମଣ ସାହୁ , ଉପଦେଷ୍ଟା ଶ୍ରୀଯୁକ୍ତ ସଂଗ୍ରାମ କେଶରୀ ରାଉତରାୟ ଯୋଗଦାନ କରିଥିଲେ । ରାଜ୍ୟର ବିଭିନ୍ନ ପ୍ରାନ୍ତରୁ କବି କବୟିତ୍ରୀ ଯୋଗଦାନ କରିଥିଲେ । ଡ. ବସନ୍ତ ମଞ୍ଜରୀ ଦାସ ମଞ୍ଚ ପରିଚାଳନା ଓ ସଂସଦର ମୁଖ୍ୟ ସଂପାଦକ କାବ୍ୟଭୂଷଣ ଶିବ ପ୍ରସାଦ ବାହିନୀପତି ଅତିଥି ପରିଚୟ ପ୍ରଦାନ ଓ ସମ୍ପାଦକୀୟ ବିବରଣୀ ପଠନ କରିଥିବା ବେଳେ ସୁଶ୍ରୀ କଳ୍ପନା ପଣ୍ଡା ସଂସଦର ଆଭିମୁଖ୍ୟ ଓ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ପ୍ରତିନିଧି ମାନସ କୁମାର ମାର୍ଥାଙ୍କ ସମେତ ସଂସଦର ସମସ୍ତ ସଦସ୍ୟ ସଦସ୍ୟା ଅଂଶଗ୍ରହଣ କରିଥିଲେ । ଏଥିରେ ୭ ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ଓ କାର୍ଯ୍ୟକାରିଣୀ ସମ୍ପାଦିକା ସୁଶ୍ରୀ କଳ୍ପନା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

# ମହୁ ଖାଇବାକୁଆସି ବିଦ୍ୟୁତ୍ ଆଘାତରେ ମାଈଭାଲୁ ମୃତ

ନୀଳଗିରି , ୧୭/୨ (ନି.ପ୍ର): ଗଛରେ ଚଢି ମହୁ ଖାଇବା ଲୋଭରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଏକ ମାଈଭାଲୁର ମୃତ୍ୟୁ ହୋଇଥିବା ନୀଳଗିରି ଅଞ୍ଚଳର ପରିବେଶ ଓ ପ୍ରକୃତିପ୍ରେମୀ ମାନଙ୍କୁ ମର୍ମାହତ କରିଛି। ସୂଚନା ଅନୁଯାୟୀ ମିତ୍ରପୁର ଅଯୋଧା ରାସ୍ତାର ତୈଳାସାହି ସିନ୍ଦୂରଗୌରା ଠାକୁରାଣୀ ନିକଟସ୍ଥ ଏକ ବରଗଛରେ ଥିବା ମହୁଫେଣାକୁ ରବିବାର ରାତିରେ ମାଈଭାଲୁଟି ମହୁ ଖାଇବାପାଇଁ ଚଢିଥିବା ବେଳେ କୌଣସି କାରଣରୁ ଖସିପଡ଼ି ନିକଟରେ ଥିବା ବିଦ୍ୟୁତ୍ ଟ୍ରାଂସ୍ଫର୍ମର ସଂସ୍ପର୍ଶରେ ଆସି ଲଟକିରହି ମୃତ୍ୟୁବରଣ କରିଥିବା ଅନୁମାନ କରାଯାଇଛି ।ସକାଳେ ସ୍ଥାନୀୟଲୋକ ମୃତଭାଲୁଟିକୁ ଦେଖି ବନବିଭାଗକୁ ଖବର ଦେଇଥିଲେ। ବନବିଭାଗ ଘଟଣାସ୍ଥଳରେ ପହଞ୍ଚି ମୃତଭାଲୁକୁ ଉଦ୍ଧାର କରି ବ୍ୟବଚ୍ଛେଦ କରିବାପାଇଁ ପଠାଇଥିବା ସୂଚନା ମିଳିଛି। ତେବେ ବନବିଭାଗ ହାତୀଭଳି ଅନ୍ୟ ଜଙ୍ଗଲଜନ୍ତୁଙ୍କ ଜୀବନ ପ୍ରତି ସମପରିମାଣ ଯତ୍ନବାନ ହେବାକୁ ପରିବେଶବିତ୍ ଏବଂ ପ୍ରକୃତିପ୍ରେମି ଦାବୀ କରିଛନ୍ତି।

# ଶୃଙ୍ଖଳା ଏବଂ ଆତ୍ମ ବିଶ୍ୱାସ ବୋଧ ହିଁ ଶିକ୍ଷାର୍ଥୀକୁ ମହାନ କରାଏ



ହିଡ଼ିଗାଁ , ୧୭/୨ (ନି.ପ୍ର): ସ୍ଥାନୀୟ ଶ୍ରୀମାନ ଆବାସିକ ବିଦ୍ୟାଳୟ ରେ ପ୍ରଥମ ବାର୍ଷିକ ଉତ୍ସବ ଏକ ବର୍ଣ୍ଣଢ୍ୟ ପରିବେଶକ୍ଷ ମଧରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ର ମୁଖ୍ୟ ପରିଚାଳିକା ପୂର୍ବାଶା ରାୟ ଙ୍କ ସଭାପତି ତ୍ୱ ରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ପିତାମ୍ବର ବେହେରା ଯୋଗ ଦେଇ ଶିଶୁ ମାନଙ୍କ ମଧରେ ରହିଥବା ସୁପ୍ତ ପ୍ରତିଭା କୁ ବିକଶିତ କରିବାରେ ବାର୍ଷିକ ଉତ୍ସବ ହିଁ ପ୍ରମୁଖ ଭୂମିକା ଗ୍ରହଣ କରିଥାଏକ୍ଷ ଉଦଘାଟକ ଭାବେ ଉତ୍କଳ ଶିକ୍ଷା ପରିଷଦ, ଓଡିଶା ର ରାଜ୍ୟ ସମ୍ପାଦକ ଯୋଗେନ୍ଦ୍ର ଦାଶ ଯୋଗ ଦେଇ ଶିଶୁ ମାନଙ୍କୁ ବାସ୍ତବ ଶିକ୍ଷା ପ୍ରଦାନ ଦିଗରେ ସେମାନଙ୍କ ପିତାମାତା ଓ ଗୁରୁଜୀ ଗୁରୁମା ମାନଙ୍କ ର ପ୍ରମୁଖ ଭୂମିକା ରହିଛି ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବେ, ଅନୁଷ୍ଠାନ ର ପ୍ରତିଷ୍ଠାତା ଦେବବ୍ରତ ରାୟ,ଶିକ୍ଷାବିତ ସର୍ବେଶ୍ୱର ସେଠୀ, ପ୍ରଧାନ ଆଚାର୍ଯ୍ୟା ସାବେତୁନ ବିବି, ସମାଜ ସେବୀ ଦୀନେଶ କୁମାର ବେରା ପ୍ରମୁଖ ଯୋଗ ଦେଇ ନିଜ ନିଜ ର ବକ୍ତବ୍ୟ ରଖିଥଲେ । ପ୍ରାରମ୍ଭ ରେ ଗୁରୁଜୀ ଗୁରୁମା ଓ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ଭାରତ ମାତା ଓ ସ୍ୱାମୀ ବିବେକାନନ୍ଦ ନୁ ପୂଜାର୍ଚ୍ଚନା କରାଯାଇଥିଲା । ମୁଖ୍ୟ ବକ୍ତା ଭାବେ ବିଶିଷ୍ଟ କବି ଇ ଅନୁଷ୍ଠାନ ର ପ୍ରଧାନ ଆଚାର୍ଯ୍ୟ ରବୀନ୍ଦ୍ର କୁମାର ବିଶ୍ୱାଳ ଭାବେ ଯୋଗ ଦେଇ ଶିଶୁ ମାନେ ସବୁବେଳେ ନିଜସ୍ୱ ସ୍ୱପ୍ନିଳ ଦୁନିଆ ରେ ବଢିବାକୁ ଚାହାଁନ୍ତି । ସଂସ୍କାରପୂର୍ଣ୍ଣ ବାତାବରଣ ଭିତରେ ସମାନଙ୍କୁ ଗଢିବା ପାଇଁ ଅଭିଭାବକ ମାନଙ୍କୁ ସ୍ୱତନ୍ତ୍ର ପରାମର୍ଶ ସେ ଦେଇଥିଲେକ୍ଷ ଗୁରୁଜୀ ଚନ୍ଦନ କୁମାର ସାହୁ ଓ ଗୁରୁମା ସୁଜାତା ମଣ୍ଡଳ ସ୍ୱାଗତ ଅଭିଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ । ପ୍ରଧାନ ଗୁରୁମା ସାବେତୁନ ବିବି ବାର୍ଷିକ ବିବରଣୀ ପାଠ କରିଥିଲେ ଶେଷରେ ଅତିଥି ମାନେ ସମସ୍ତ କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରିଥଲେ । ଶେଷରେ ପିଲାମାନେ ବିଭିନ୍ନ ପ୍ରକାର ନାଚ, ଗୀତ, ଅଭିନୟ, ନାଟକ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ଏହି ଉତ୍ସବ ରେ ଅନୁଷ୍ଠାନ ର ସମସ୍ତ ଗୁରୁଜୀ ଗୁରୁମା ଏବଂ କର୍ମକର୍ତ୍ତା ମାନେ ସହଯୋଗ କରିଥିଲେ।

# ପ୍ରଜାପିତା ବ୍ରହ୍ମାକୁମାରୀ ପକ୍ଷରୁ ରାଜ ଯୋଗ ଓ ପୂଜ୍ୟ ପୂଜା



ବାସୁଦେବପୁର, ୧୭/୨ (ନି.ପ୍ର): ବାସୁଦେବପୁର ପ୍ରଜାପିତା ବ୍ରହ୍ମା କୁମାରୀ ଇଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ପକ୍ଷରୁ ବିଭିନ୍ନ ଅନୁଷ୍ଠାନରେ ରାଜ ଯୋଗ, ଧ୍ୟାନ, ତପସ୍ୟା, ପୂଜ୍ୟ ପୂଜା, ବୃକ୍ଷ ରୋପଣ ପ୍ରଭୃତି କାର୍ଯ୍ୟ କ୍ରମ ଅନୁଷ୍ଠିତ ହୋଇ ଯାଇଛି। ଏହି ଅବସରରେ ଅଟଳ ବିହାରୀ ମହାବିଦ୍ୟାଳୟ ପକ୍ଷରୁ ଜାତୀୟ ସେବା ଯୋଜନା ଶିବିର ଆୟୋଜନ ହୋଇ ଥିଲା। ସେଠାରେ ବ୍ରହ୍ମା କୁମାରୀ ଇଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ପକ୍ଷରୁ ବି କେ ପ୍ରତିମା ଭଉଣୀ ଓ ସାଥୀ ଅତିଥି ଭାବେ ଯୋଗ ଦେଇଥିଲେ ଏବଂ ରାଜ ଯୋଗ, ଧ୍ୟାନ, ପୂଜ୍ୟ ପୂଜା ସମ୍ପର୍କରେ ଆଲୋଚନା କରିଥିଲେ। ସେହିପରି ଭାବେ ବେତଡ଼ା ପ୍ରଶାନ୍ତି ଶିଶୁ ବିହାରର ମାତୃ ପିତୃ ପୂଜନ ଦିବସ ପାଳିତ ହୋଇ ଯାଇଛି। ଏହି ଦିବସରେ ଅତିଥି ଭାବେ ପ୍ରତିମା ଭଉଣୀ ଓ ସାଥୀ ଅତିଥି ଭାବେ ଯୋଗ ଦେଇଥିଲେ ଓ ସର୍ବଦା ଗୁରୁଜନ ଙ୍କୁ ପ୍ରଣାମ କରିବା ସହିତ ସମ୍ମାନ ଦେବା ବୋଲି କହିଥିଲେ। ଏହି ସବୁ କାର୍ଯ୍ୟ କ୍ରମରେ ବି କେ ଗଦାଧର ଭାଇ, ଜ୍ୟୋସ୍ନା ଭଉଣୀ ଓ ଅନ୍ୟାନ୍ୟ ଭାଇ ଭଉଣୀ ଯୋଗ ଦେଇଥିଲେ ଓ ଆଧାତ୍ମିକ ଚିନ୍ତାଧାରା ରେ ସମସ୍ତ ଙ୍କୁ ବାଟ ଚାଲିବାକୁ ପ୍ରେରଣା ଦେଇଥିଲେ। ସମଗ୍ର ବିଶ୍ୱର କଲ୍ୟାଣ ପାଇଁ ଏହି ପ୍ରଜା ପିତା ବ୍ରହ୍ମା କୁମାରୀ ଇଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ଅନୁଷ୍ଠାନ ଭକ୍ତି ଭାବ ଓ ସମର୍ପଣ ଭାବ ନେଇ ଏବଂ ପରିବେଶର ସୁରକ୍ଷା ପାଇଁ ଇଶ୍ୱର ଙ୍କ ନିର୍ଦ୍ଦେଶରେ କାର୍ଯ୍ୟ କରି ଆସୁଛି।

# ପୂଲଓ୍ୱାମା ଶହୀଦଙ୍କ ପାଇଁ ପ୍ରତିମା ସେବା ସଦନରେ ଯବାନଙ୍କ ଅମର ପାଇଁ ପ୍ରଦୀପ ପ୍ରଜ୍ଜ୍ୱଳନ



ବାଲେଶ୍ୱର , ୧୭/୨ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ତେଲେଙ୍ଗା ସାହି ସ୍ଥିତ ପ୍ରତିମା ସଦନରେ ମୁଖ୍ୟ ଚନ୍ଦ୍ରାୟ ହେମ୍ରମ ଙ୍କ ଦ୍ୱାରା ୧୦୮ ଦୀପ ପୂଲଓ୍ୱାମା ଶହୀଦଙ୍କ ଉଦ୍ଦେଶ୍ୟରେ ପ୍ରଜ୍ଜ୍ୱଳନ କରିଥିଲେ। ଦେଶ ମାତୃକାକୁ ଶତ୍ରୁ କବଳରୁ ରକ୍ଷା ପାଇଁ ବିର ଯବାନ ମାନେ ସହିଦ ହେଇଥିଲେ । ଦେଶର ଲୋକେ ଏହା କେବେ ଭୁଲି ପାରିବେ ନାହିଁ । ତେଣୁ ଏହି ଦୀପ ଯୁବ ସମାଜକୁ ପ୍ରେରଣା ଯୋଗାଇବ । ପୂଲଓ୍ୱାମା ର ଆତଙ୍କବାଦୀଙ୍କ ବିସ୍ଫୋରଣ ରେ ୪୦ ଯବାନ ଶହିଦ ହୋଇଥିଲେ। ତେଣୁ ବୀର ଯବାନ ଦେଶକୁ ରକ୍ଷା କରିବାକୁ ଯାଇ ଶହିଦ ହୋଇଥିବା ଯୋଗୁଁ ୧୪ ଫେବୃଆରୀ ପୂଲଓ୍ୱାମା ସ୍ମୃତି ଦିବସ ଭାବେ ପାଳନ କରାଯାଉଛି । ଏହି ସ୍ମୃତି ଦିବସ ରେ ସମାଜ ସେବୀ , ବରିଷ୍ଠ ଆଇନ ଜିବି ବସନ୍ତ ଲତା ପଟ୍ଟନାୟକ , ଶ୍ରୀମତୀ ସୂର୍ଣ୍ଣ ଲତା ଲେଙ୍କା , ପୁଷ୍ପାଞ୍ଜଳି ପାଢ଼ୀ , ଗଗନ କୁମାର ପାତ୍ର , ଆକାଶ ମେହେତା , ଗୌତମ ବିଶ୍ୱାଳ, ଭବାନୀ ଶଙ୍କର ବିଶ୍ୱାଳ, ଜି . ଭବାନୀ , ସାଇ ଅନିରୁଦ୍ଧ ପାଢ଼ୀ , ଶୁଭମ୍ ଦାସ, ପ୍ରବିନ ଦାସ ବହୁ ବୁଦ୍ଧିଜୀବୀ ଓ ଗୁଣିଜ୍ଞାନି ବ୍ୟକ୍ତି ଯୋଗ ଦେଇଥିଲେ।

# ଓଡ଼ିଶା ମୋଟର ଟ୍ରାନ୍ସପୋର୍ଟ ୱ୍ୱରକର୍ ୟୁନିଅନ ତରଫରୁ ଏକ ପ୍ରତିବାଦ ସଭା

ବାଲେଶ୍ୱର, ୧୭/୨ (ନି.ପ୍ର): ବସଷ୍ଟାଣ୍ଡ ପରିସରରେ ଏକ ପ୍ରତିବାଦ ସଭା ଆୟୋଜନ କରାଯାଇଥିଲା । ଉକ୍ତ ସଭା ରେ ସଂଗଠନ ର କୋଷାଧକ୍ଷ ଅସିତ୍ ବରଣ ଦାସ ଙ୍କ ଅଧକ୍ଷତା ରେ ସଂଗଠନ ର ସାଧରଣ ସମ୍ପଦକ ସାଥୀ ରାଜ କିଶୋର ଲେଙ୍କା କେନ୍ଦ୍ର ସରକାର ଙ୍କ ର ଶ୍ରମିକ ବିରୋଧୀ ନୀତି କୁ ତୀବ୍ର ସମାଲୋଚନା କରିଥିଲେ। ସ୍ୱାଧୀନତା ପୂର୍ବ ରୁ ଦେଶ ର କୋଟି କୋଟି ଶ୍ରମିକ ଲଢ଼େଇ କରି ଯେଉଁ ଆଇନ ବ୍ରିଟିଶ ସରକାର ଙ୍କ ଦ୍ୱାରା ପ୍ରଣୟନ କରିଥିଲେ ଆଜି କେନ୍ଦ୍ର ରେ ନରେନ୍ଦ୍ର ମୋଦି ସରକାର ଉକ୍ତ ୪୪ଟି ଶ୍ରମ ଆଇନ କୁ ବାତିଲ କରି ୪ଟି ଶ୍ରମ କୋଡ ରେ ପରିଣତ କରିଛନ୍ତି। ଯାହା ଫଳ ରେ ଶ୍ରମିକ ମାନେ ତାଙ୍କ ନାର୍ଯ୍ୟ ଦାବି ପୂରଣ କରି ପାରିବେ ନାହିଁ । ସବୁ କ୍ଷେତ୍ର ରେ ଜୋରିମାନା ଏଂ ଜେଲ ର ବ୍ୟବସ୍ଥା କରିଛନ୍ତି। ଯୋର ବିରୋଧ କରିଛନ୍ତି। ଯଦି ଆଗାମୀ ଦିନ ରେ ସରକାର ଏହା ର ବିଚାର ନ କରନ୍ତି ଆଗାମୀ ଦିନ ରେ ଭାରତ ବନ୍ଦ କରିବା କରିବାକୁ ବାଧ ହେବ। ଅନ୍ୟ ମାନଙ୍କ ମଧ ରେ ସଂଗଠନ ର ସହ ସାଧାରଣ ସମ୍ପାଦକ ସୁଶାନ୍ତ ନାୟକ କେନ୍ଦ୍ର ଓ ରାଜ୍ୟ ସରକାର ଙ୍କୁ ତୀବ୍ର ସମାଲୋଚନା କରିଥିଲେ। ତାଙ୍କ ସହିତ ଅନ୍ୟ ବକ୍ତା ଯଥା ସଂଗଠନ ର ଅଫିସ ସଂପାଦକ ସୁଶାନ୍ତ ସାହୁ ଯୁଗ୍ମ ସଂପାଦକ ସାଇ କିଙ୍କର ନାୟକ ଷ୍ଟାଣ୍ଡ ସମ୍ପାଦକ ଅଚିନ୍ତ ବାରିକ ସଙ୍ଗଠନ ସମ୍ପାଦକ ପ୍ରମୋଦ ରାଉତ ସହସଂଗଠନ ସମ୍ପାଦକ ସରୋଜ କୁମାର ଜେନା, ସମ୍ବରାଇ ଟୁଡୁ, ଦୀନବନ୍ଧୁ ଜେନା, ଷଡ଼ାନନ ସାହୁ, ନିରଞ୍ଜନ ସାହୁ , ସୃଷ୍ଟିଧର ବେହେରା, ସନାତନ ଦାସ ପ୍ରମୁଖ ବକ୍ତବ୍ୟ ରଖି କେନ୍ଦ୍ର ସରକାର ଙ୍କୁ ତୀବ୍ର ସମାଲୋଚନା କରିବା ସହିତ ଏହି ଆଇନ୍ ଉଚ୍ଛେଦ ନ ହେଲେ ଆଗାମୀ ଦିନ ରେ ଚକ ବନ୍ଦ ଆନ୍ଦୋଳନ କରିବା ପାଇଁ ବାଧ ହେବେ ବୋଲି ଚେତାବନୀ ଦେଇଥିଲେ। ଶେଷରେ ସଙ୍ଗଠନ ର ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେଇ ସଭା କାର୍ଯ୍ୟ ସାଂଗ କରିଥିଲେ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❒ Editor: Sairindhree Sahoo
❒ Managing & Executive Editor : Srustidhar Parida